# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୨୬/୨୦୨୫ (୧୨ ପୃଷ୍ଠା) Bhubaneswar, Tuesday, August 26/2025 Page 12 ₹ 7.00 | RAYAGADA

୫୧ଶ ଭାଗ ୨୭୧ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 51 ISSUE 271 ମୂଲ୍ୟ ₹୭/-


## କାଣୀ ନଦୀବନ୍ଧରେ ୭୦ ଫୁଟର ଘାଇ

# ଯାଜପୁରରେ ବନ୍ୟା



ଯାଜପୁର ଜିଲା ଦଶରଥପୁର ବ୍ଲକ କସପା ପଞ୍ଚାୟତ ବଙ୍ଗଳାବାଡ଼ିଠାରେ ସୋମବାର ଭୋର ସମୟରେ ବୈତରଣୀର ଶାଖା କାଣୀ ନଦୀବନ୍ଧରେ ସୃଷ୍ଟି ହୋଇଥିବା ୭୦ ଫୁଟର ଘାଇ।

- ଲୋକେ ଶୋଇଥିବାବେଳେ ପଶିଆସିଲା ପାଣି
- ୧୪ ପଞ୍ଚାୟତର ୫୦ ଗ୍ରାମ ଜଳାର୍ଣ୍ଣବ
- ବୈତରଣୀରେ ଭାସିଯାଇ ଜଣଙ୍କ ମୃତ୍ୟୁ

ଯାଜପୁର/ଦଶରଥପୁର/ଝୁମ୍ପୁରି,୨୫।୮ (ହର୍ଷବର୍ଦ୍ଧନ ବେହେରା/ସୁଶାନ୍ତ ବେହୁରିଆ/ସରୋଜ ନାଏକ)

ଯାଜପୁର ଜିଲା ଦଶରଥପୁର ବ୍ଲକ କସପା ପଞ୍ଚାୟତ ବଙ୍ଗଳାବାଡ଼ିଠାରେ ବୈତରଣୀର ଶାଖା କାଣୀ ନଦୀବନ୍ଧରେ ସୋମବାର ଭୋର ୪ଟା ରେ ୭୦ଫୁଟ ଲମ୍ବର ଘାଇ ସୃଷ୍ଟି ହୋଇଛି। ଏଥିରେ ମଲ୍ଲିକାପୁର ଓ କସପା ପଞ୍ଚାୟତର ପ୍ରାୟ ୫୦ ହଜାର ଲୋକ ସିଧାସଳଖ ପ୍ରଭାବିତ ହୋଇଛନ୍ତି। ବଙ୍ଗଳାବାଡ଼ି ଗ୍ରାମର ଲୋକେ ଶୋଇଥିବାବେଳେ ହଠାତ୍ ବନ୍ୟାପାଣି ଧସେଇ ପଶିବାରୁ ଶତାଧିକ ଲୋକ ଘର ଭିତରେ ଫସି ରହିଯାଇଥିଲେ। ସେଥିମଧ୍ୟରୁ ଯାହାର ପକ୍କାଘର ଅଛି ସେମାନେ ଛାତ ଉପରକୁ ଉଠିଯାଇଥିଲେ। ବନ୍ୟାପାଣିରେ ଅନେକଙ୍କ ଆସବାବପତ୍ର ଓ ଖାଦ୍ୟ ସାମଗ୍ରୀ ଧୋଇ ହୋଇଯାଇଛି। ଆଖି ପିଛୁଳାକେ ବନ୍ୟାପାଣି ୧୪ ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ଗ୍ରାମକୁ ମାଡ଼ିଯାଇଛି। ଚାଷଜମିରେ ବନ୍ୟାପାଣି ଲହଡ଼ି ମାରୁଛି। ଖବରପାଇ ଦଶରଥପୁର ଅଗ୍ନିଶମ ଓ କଟକ ଓଡ୍ରାଫ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ସେଥିରୁ ଜଣେ ୨୩ ଦିନର କନ୍ୟାସନ୍ତାନକୁ ପାଣି ଘେରରୁ ଉଦ୍ଧାର କରାଯାଇଛି।

କାଣୀ ନଦୀର ଉଚ୍ଛୁଳା ପାଣି ସମଗ୍ର ଦଶରଥପୁର ବ୍ଲକ୍‌କୁ ପ୍ରଭାବିତ କରିଛି। ସୋମବାର ସନ୍ଧ୍ୟା ସୁଦ୍ଧା ଦଶରଥପୁରଠାରେ ବୈତରଣୀ ଜଳସ୍ତର ବିପଦ ସଙ୍କେତର ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

ଗାଜା ଦୁର୍ଭିକ୍ଷ

## ନୂଆ ଆଇଟି ନୀତିକୁ କ୍ୟାବିନେଟ୍ ମୋହର

ପୃଷ୍ଠା–୩








Terms and Conditions applied. Approval of the loan is at the sole discretion of the nanciers, and additional documentation may be required. The interest rates, down payment, tenure options and EMI are based on the nancier's assessment of the applicant's credit prole. Low down payment & Low EMI Schemes cannot be clubbed together. The oers/features may be modied or withdrawn at any time without prior intimation. Oer valid until 31st August 2025. #5% Cashback Oer up to a maximum of `4000/- available on selected Honda2wheelers models for EMI transactions made using IDFC Bank credit cards through Pine Labs machines only which is valid on one transaction per card/order during the oer period and is valid till 31st August 2025. The features shown in the creative may not be available in all variants. Product shown in the picture may vary from actual product available in the market. Accessories shown in the picture are not part of standard equipment.

Honda Motorcycle & Scooter India Pvt. Ltd., Registered Oce: Plot No. 1, Sector - 03, IMT Manesar, Distt. Gurugram, (Haryana) – 122052, India; Website: www.honda2wheelersindia.com; Customer Care: customercare@honda.hmsi.in

**Honda Exclusive Authorized Dealerships:** **JEYPORE:** Kesar Honda - 06854-230492, 8895321212; **KALIMELA:** Mahi Honda - 9937552882; **MALKANGIRI:** Kesar Honda - 9668796587; **MUNIGUDA:** Laxmi Honda - 0958352467; **NABRANGPUR:** Virider Honda - 7008899292, 9937413659; **UMERKOTE:** Sita Ram Honda - 6372732198; **RAYGADA:** Aditya Honda - 9938418969, 8280096999, 6281201674; **GUNUPUR:** Sri Rama Motors - 7894894696; **PADMAPUR:** Krupasindhu Motors - 7978135364; **SIMLIGUDA:** SS Honda - 06853225397, 7799882597; **LAXMIPUR:** Maa Tarini Honda: 9348897775, 8658515778

**For Bulk/Institutional enquiries, please write us at: institutionalsales@honda2wheelersindia.com**

## ସଂକ୍ଷେପରେ

### ତଓ୍ୱି ନଦୀରେ ବଡ଼ ବନ୍ୟା ନେଇ ପାକିସ୍ତାନକୁ ସତର୍କ କରାଇଲା ଭାରତ

ନୂଆଦିଲ୍ଲୀ,୨୫।୮

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ସିନ୍ଧୁ ନଦୀ ଜଳ ଚୁକ୍ତିକୁ ଭାରତ ସ୍ଥଗିତ ରଖିଥିବାବେଳେ ତଓ୍ୱି ନଦୀରେ ବଡ଼ ବନ୍ୟା ଆସିବାକୁ ଥିବା ନେଇ ସୋମବାର ପାକିସ୍ତାନକୁ ସତର୍କ କରାଇ ଦେଇଛି। ମାନବୀୟ ଦୃଷ୍ଟିକୋଣରୁ ବହିର୍ବ୍ୟାପାର ମନ୍ତ୍ରଣାଳୟ ଜରିଆରେ ଏହି ସୂଚନା ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଜଳଶକ୍ତି ମନ୍ତ୍ରଣାଳୟ ରବିବାର ବହିର୍ବ୍ୟାପର ମନ୍ତ୍ରଣାଳୟକୁ ବନ୍ୟା ସମ୍ପର୍କିତ ସୂଚନା ଦେବା ପରେ ଏହାକୁ ଇସ୍‌ଲାମାବାଦକୁ ଜଣାଇ ଦିଆଯାଇଛି। ୧୯୬୦ ସେପ୍ଟେମ୍ବର ୧୯ରେ ସ୍ୱାକ୍ଷରିତ ସିନ୍ଧୁନଦୀ ଜଳଚୁକ୍ତି ଅନୁଯାୟୀ ସିନ୍ଧୁ ନଦୀଜଳ କମିଶନରଙ୍କ ଜରିଆରେ ବନ୍ୟା ତଥ୍ୟ ଆଦାନପ୍ରଦାନ କରାଯାଇଥାଏ।

### ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲା: ଟିଏମ୍‌ସି ବିଧାୟକ ଗିରଫ


ଜୀବନକୃଷ୍ଣ ଶାହା

କୋଲକାତା, ୨୫।୮

ପଶ୍ଚିମବଙ୍ଗର ଏସ୍‌ଏସ୍‌ସି ସହାୟକ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୋମବାର ମୁର୍ଶିଦାବାଦ ଜିଲାର ବୁର୍ୱାନ ବିଧାନସଭା ଆସନରୁ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ବିଧାୟକ ଜୀବନକୃଷ୍ଣ ଶାହାଙ୍କୁ ଗିରଫ କରିଛି। ଇଡି ଜୀବନକୃଷ୍ଣଙ୍କ ଘରେ ଚଢ଼ାଉ କରିବା ପାଇଁ ପହଞ୍ଚିଥିବା ବେଳେ ସେ ଘରର ପ୍ରଥମ ମହଲାର କାନ୍ଥ ଡେଇଁ ଖସି ପଳାଇବାକୁ ଚେଷ୍ଟା କରିଥିଲେ। ତେବେ ଇଡି ଅଧିକାରୀମାନେ ତାଙ୍କୁ କାବୁ କରି ଗିରଫ କରିଛନ୍ତି। ଗିରଫଦାରି ପୂର୍ବରୁ ବିଧାୟକ ଜୀବନକୃଷ୍ଣ ପ୍ରମାଣ ନଷ୍ଟ କରିବା ପାଇଁ ତାଙ୍କ ମୋବାଇଲ ଫୋନ୍‌କୁ ଏକ ନାଳକୁ ଫିଙ୍ଗି ଦେଇଥିଲେ। ଘଟଣାସ୍ଥଳରୁ ଇଡି ଉକ୍ତ ଫୋନ୍‌କୁ ଜବତ କରିଛି। ସୋମବାର ଜୀବନକୃଷ୍ଣ ଓ ତାଙ୍କ ସହଯୋଗୀଙ୍କ ଠିକଣାରେ ଏକକାଳୀନ ଚଢ଼ାଉ କରାଯାଇଥିବା ନେଇ ଇଡି ସୂଚନା ଦେଇଛି।

# ଚାଇନାରେ ମେଗା ଡ୍ୟାମ୍, ଭାରତରେ ବନ୍ୟା ଭୟ


ଚାଇନା ପକ୍ଷରୁ ପ୍ରସ୍ତାବିତ ଡ୍ୟାମ୍‌ର ପ୍ରତୀକାତ୍ମକ ଚିତ୍ର।

**ଭାରତର ଉପରମୁଣ୍ଡରେ ଚାଇନା ବିଶ୍ୱର ସର୍ବବୃହତ୍ ଡ୍ୟାମ୍ ନିର୍ମାଣ କରୁଛି। ତିବ୍ବତରେ ଏକ ବଡ଼ ନଦୀରେ ଏହି ମେଗା ଡ୍ୟାମ୍ ସମ୍ପୂର୍ଣ୍ଣ ହେଲେ ବେଜିଂ ଅତ୍ୟଧିକ ଜଳ ନିଷ୍କାସନ କରି ଭାରତରେ କୃତ୍ରିମ ବନ୍ୟା ସୃଷ୍ଟି କରିପାରେ। ସେହିପରି ଗ୍ରୀଷ୍ମରେ ଏହି ନଦୀରୁ ଭାରତକୁ ଜଳସ୍ରୋତ ୮୫% ପର୍ଯ୍ୟନ୍ତ ହ୍ରାସ ପାଇବ ବୋଲି ନୂଆଦିଲ୍ଲୀ ଆଶଙ୍କା କରୁଛି। ଏହାର ପ୍ରଭାବକୁ ଦୃଷ୍ଟିରେ ରଖି ଭାରତ ମଧ ଯୁଦ୍ଧକାଳୀନ ଭିତ୍ତିରେ ନିଜସ୍ୱ ନଦୀବନ୍ଧ ଯୋଜନା ପାଇଁ ଅଣ୍ଟା ଭିଡ଼ିଛି। କେବଳ ଜଳବିଦ୍ୟୁତ୍ ଉତ୍ପାଦନ ଓ ବନ୍ୟା ନିୟନ୍ତ୍ରଣ ନୁହେଁ, ରଣନୈତିକ ଆବଶ୍ୟକତା ଦୃଷ୍ଟିରୁ ମଧ ଏହା ବିଶେଷ ଗୁରୁତ୍ୱ ବହନ କରୁଥିବାରୁ ଭୂକମ୍ପପ୍ରବଣ ଅଞ୍ଚଳରେ ଦୁଇ ପଡ଼ୋଶୀ ମଧରେ ଭୂରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା ତୀବ୍ରତର ହୋଇଛି। କିନ୍ତୁ ଭାରତ ସରକାରଙ୍କ ପ୍ରସ୍ତାବିତ ଡ୍ୟାମ୍ ଯୋଗୁ ସୀମାନ୍ତ ଅରୁଣାଚଳ ପ୍ରଦେଶର ଅନେକ ଗ୍ରାମ ଜଳମଗ୍ନ ହୋଇ ବହୁ ଜୀବନଜୀବିକା ବିପନ୍ନ ହେବା ଆଶଙ୍କା ରହିଛି। ଏଥିପାଇଁ ଅରୁଣାଚଳବାସୀ ଭାରତର ଡ୍ୟାମ୍‌କୁ ବିରୋଧ କରୁଥିବାରୁ ଏହି ଯୋଜନାକୁ ଝଟ୍‌କା ଲାଗିଛି।**

ପାରୋଙ୍ଗ/ବେଜିଂ, ୨୫।୮ (ରଏଟର୍ସ/ଷ୍ଟ୍ରେଟ୍ସ ଟାଇମ୍ସ)

କୈଳାସ ପର୍ବତର ମାନସରୋବର ହ୍ରଦ ନିକଟରୁ ୟାର୍‌ଲୁଙ୍ଗ୍ ସାଙ୍ଗ୍‌ପୋ ନଦୀର ଉତ୍ପତ୍ତି। ଏହା ଦକ୍ଷିଣପଶ୍ଚିମ ଚାଇନା ଦେଇ ଉତ୍ତରପୂର୍ବ ଭାରତକୁ ପ୍ରବାହିତ, ଯାହାକି ଭାରତରେ ବ୍ରହ୍ମପୁତ୍ର ନାମରେ ପରିଚିତ। ବିଶ୍ୱର ଏହି ନବମ ବୃହତ୍ ଓ ପଞ୍ଚଦଶ ଦୀର୍ଘତମ (୩,୦୦୦ କି.ମି.) ନଦୀ ଉପରେ ଚାଇନା ପୃଥିବୀର ସବୁଠୁ ବଡ଼ ଡ୍ୟାମ୍ ନିର୍ମାଣ କରୁଛି। ୟାର୍‌ଲୁଙ୍ଗ୍ ସାଙ୍ଗ୍‌ପୋ ଭାରତୀୟ ଭୂଖଣ୍ଡକୁ ପ୍ରବେଶ କରିବାର ଠିକ୍ ପୂର୍ବରୁ ତିବ୍ବତରେ ଏହା ଉପରେ ବିଶ୍ୱର ସର୍ବବୃହତ୍ ଜଳବିଦ୍ୟୁତ୍ ଡ୍ୟାମ୍ ମେଡଗ୍ ହାଇଡ୍ରୋପାଓ୍ୱାର ଷ୍ଟେଶନ୍ ନିର୍ମାଣ ନେଇ ୨୦୨୪ ଡିସେମ୍ବରରେ ଚାଇନା ଘୋଷଣା କରିଥିଲା। ଅରୁଣାଚଳ ପ୍ରଦେଶକୁ ନିଜ ଭୂଖଣ୍ଡର ଏକ ଅଂଶ ବୋଲି

### ନୂଆଦିଲ୍ଲୀର ମୁକାବିଲା ରଣନୀତିକୁ ଅରୁଣାଚଳରେ ବିରୋଧ

ଦାବି କରୁଥିବା ଚାଇନାର ଏହି ଘୋଷଣା ନୂଆଦିଲ୍ଲୀର ଚିନ୍ତା ବଢ଼ାଇ ଦେଇଥିଲା। ଆଙ୍ଗ୍‌ସି ଗ୍ଲେସିୟରରୁ ବାହାରିଥିବା ଏହି ନଦୀ ଜଳକୁ ଚାଇନା ଭାରତ ବିରୋଧରେ ଅସ୍ତ୍ର ରୂପେ ପ୍ରୟୋଗ କରିପାରେ ବୋଲି ନୂଆଦିଲ୍ଲୀ ଆଶଙ୍କା କରୁଛି। ଏହାକୁ ଦୃଷ୍ଟିରେ ରଖି ଭାରତର ସର୍ବବୃହତ୍ ହାଇଡ୍ରୋପାଓ୍ୱାର କମ୍ପାନୀ ଗତ ମେ'ରେ ଅପର ସିଆଙ୍ଗ୍ ମଲ୍ଟିପର୍ପଜ୍ ପ୍ରୋଜେକ୍ଟ (ୟୁଏସ୍‌ଏମ୍‌ପି) ନିର୍ମାଣ ପାଇଁ ସଶସ୍ତ୍ର ପୋଲିସ ସୁରକ୍ଷା ଅଧୀନରେ ଏକ ସର୍ଭେ କରାଇଥିଲା। ନିର୍ମାଣ ଶେଷ ହେଲେ ଏହା ହୀରାକୁଦ ନଦୀବନ୍ଧ ଯୋଜନାକୁ ଅତିକ୍ରମ କରି ଭାରତର ସର୍ବବୃହତ୍ ଡ୍ୟାମ୍ ହେବ। ଚଳିତବର୍ଷ ଏହାର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ବରିଷ୍ଠ ଅଧିକାରୀମାନେ ବୈଠକ କରୁଛନ୍ତି। ଗତ ଜୁଲାଇରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ମଧ ଏନେଇ ଏକ ବୈଠକ କରିଥିଲା। ଉକ୍ତ ବୈଠକରେ ଚାଇନା ଡ୍ୟାମ୍‌ର ପ୍ରଭାବ ଉପରେ ଭାରତ ସରକାରଙ୍କ ପକ୍ଷରୁ ଚିନ୍ତାବ୍ୟକ୍ତ କରାଯାଇଥିଲା। ଅନ୍ୟପକ୍ଷେ ୨୦୨୫ ଜୁଲାଇରେ ନିର୍ମାଣ ଆରମ୍ଭ ହୋଇଥିବା ମେଡଗ୍ ଡ୍ୟାମ୍ ସମ୍ପର୍କରେ ବେଜିଂ ବିସ୍ତୃତ ଯୋଜନା ପ୍ରଘଟ କରିନାହିଁ। କିନ୍ତୁ ଉକ୍ତ ପ୍ରକଳ୍ପରେ ପ୍ରାୟ ୧୭୦ ବିଲିୟନ୍ ଆମେରିକୀୟ ଡଲାର ଖର୍ଚ୍ଚ ହେବ ଏବଂ ୬୦ ଗିଗାଓ୍ୱାଟ୍ ବିଦ୍ୟୁତ୍ ଉତ୍ପାଦନ ହେବ ବୋଲି ଆକଳନ କରାଯାଇଛି। ଏହି ଡ୍ୟାମ୍ ନିର୍ମାଣ ସମ୍ପୂର୍ଣ୍ଣ ହେଲେ ବେଜିଂ ୪୦ ବିଲିୟନ୍ କ୍ୟୁବିକ୍ ମିଟର (ବିସିଏମ୍) ପର୍ଯ୍ୟନ୍ତ ଜଳକୁ ସୀମାନ୍ତର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଡାଇଭର୍ଟ କରିପାରେ ବୋଲି ନୂଆଦିଲ୍ଲୀ ଆଶଙ୍କା କରୁଛି। ଏହାର ପ୍ରଭାବ ବିଶେଷକରି ଅଣମୌସୁମୀ ଋତୁରେ ଅନୁଭୂତ ହେବ, ଯେତେବେଳେ ଭାରତରେ ତାପମାତ୍ରା ବୃଦ୍ଧିପାଇ ଚାଷଜମି ଶୁଷ୍କ ହୋଇଯିବ। ତେବେ ୧୩.୨ ବିଲିୟନ୍ ଡଲାର ବ୍ୟୟରେ ନିର୍ମିତ ହେବାକୁ ଥିବା ୧୪ ବିସିଏମ୍ ଜଳ ଧାରଣ କ୍ଷମତା ବିଶିଷ୍ଟ ଅପର୍ ସିଆଙ୍ଗ୍ ପ୍ରୋଜେକ୍ଟରୁ ଜଳ ପ୍ଲାବନ କରି ଏହି ଅଚଳାବସ୍ଥାକୁ ଦୂର କରାଯାଇପାରିବ ବୋଲି ମନେକରାଯାଉଛି। ସେହିପରି ବେଜିଂ ବନ୍ୟାଜଳ ଛାଡ଼ିଦେଲେ ତଳମୁଣ୍ଡରେ ଏହାକୁ ଅପର୍ ସିଆଙ୍ଗ୍ ଷ୍ଟୋରେଜ୍ ଡ୍ୟାମ୍ ଜରିଆରେ ନିୟନ୍ତ୍ରଣ ସହ ୧୧.୨ ଗିଗାଓ୍ୱାଟ୍ ବିଦ୍ୟୁତ୍ ଉତ୍ପାଦନ କରାଯାଇପାରିବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷେ ଭାରତର ଏହି ମୁକାବିଲା ରଣନୀତିକୁ ଅରୁଣାଚଳର ଅନେକ ହଜାର ଗ୍ରାମବାସୀ ବିରୋଧ କରିଛନ୍ତି। ଅପର୍ ସିଆଙ୍ଗ୍ ପ୍ରୋଜେକ୍ଟ ଯୋଗୁ ବହୁ ଚାଷଜମି ଜଳମଗ୍ନ ହେବାକୁ ଥିବାରୁ ଧାନ, କମଳା, ଗୁଜରାତି ଓ ଅଦା ଚାଷ ପ୍ରଭାବିତ ହୋଇପାରେ। ତେଣୁ ଆଗକୁ ଏହା ବିରୋଧରେ ଆନ୍ଦୋଳନ ତୀବ୍ରତର ହୋଇପାରେ।

### ୫ ଇନ୍‌ଫ୍ଲୁଏନ୍ସରଙ୍କୁ କ୍ଷମା ମାଗିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୫।୮ (ପି.ଟି.)

ଭିନ୍ନକ୍ଷମ ଏବଂ ବିରଳ ଅନୁବଂଶୀୟ ବିକୃତି ଥିବା ଲୋକଙ୍କୁ ପରିହାସ କରିଥିବାରୁ ଇଣ୍ଡିଆସ୍ ଗଟ୍ ଲାଟେଣ୍ଟର ଆୟୋଜକ ସମୟ ରାଇନାଙ୍କ ସମେତ ୫ ଜଣ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସରଙ୍କୁ ସେମାନଙ୍କ ପଡ୍‌କାଷ୍ଟ କିମ୍ବା ଶୋ'ରେ ନିଃସର୍ତ୍ତ କ୍ଷମା ମାଗିବାକୁ ସୁପ୍ରିମକୋର୍ଟ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ବ୍ୟବସାୟିକ ଏବଂ ନିଷିଦ୍ଧ ଭାଷଣ ମୌଳିକ ଅଧିକାର ପରିସରଭୁକ୍ତ ନୁହେଁ ବୋଲି ଏହି ଅବସରରେ ସର୍ବୋଚ୍ଚ ଅଦାଲତ ଟିପ୍ପଣୀ ଦେଇଛନ୍ତି। ଅନୁତାପର ମାତ୍ରା ଅପମାନିତ କରିବା ମାତ୍ରାଠାରୁ ଅଧିକ ହେବା ଆବଶ୍ୟକ ବୋଲି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି। ପରବର୍ତ୍ତୀ ସମୟରେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଅପମାନିତ କଲେ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସରଙ୍କୁ ଦଣ୍ଡିତ କରିବା ପାଇଁ ବିଚାର କରିବୁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି। ଅଦାଲତ ଅବମାନନାକୁ ଦୂର କରିବାକୁ ହେଲେ ସେମାନେ କେତେ ପରିମାଣର ଜରିମାନା ଦେବାକୁ ଇଚ୍ଛୁକ, ଯାହା ବିରଳ ଅନୁବଂଶୀୟ ବିକୃତିରେ ପୀଡ଼ିତ ଲୋକଙ୍କ ଚିକିତ୍ସାରେ ବ୍ୟବହାର କରାଯାଇପାରିବ ବୋଲି ଜଷ୍ଟିସ୍ କାନ୍ତ ଇନ୍‌ଫ୍ଲୁଏନ୍ସରମାନଙ୍କୁ ପ୍ରଶ୍ନ କରିଥିଲେ। ଭିନ୍ନକ୍ଷମ ଏବଂ ସ୍ପାଇନାଲ ମସ୍କୁଲାର ଆଟ୍ରୋଫି (ଏସ୍‌ଏମ୍‌ଏ)ରେ ପୀଡ଼ିତ ଓ ଦୃଷ୍ଟିବାଧିତଙ୍କୁ ୫ ଇନ୍‌ଫ୍ଲୁଏନ୍ସର ପରିହାସ କରିଥିବା ଅଭିଯୋଗ ହୋଇଥିଲା। ସୋମବାର ଶୁଣାଣି ବେଳେ ଅଦାଲତରେ ରାଇନାଙ୍କ ସମେତ ୪ ଜଣ ଉପସ୍ଥିତ ଥିଲେ। ଇନ୍‌ଫ୍ଲୁଏନ୍ସରମାନେ ଭିନ୍ନ ବର୍ଗଙ୍କୁ ନେଇ ହାସ୍ୟରସ ପରିବେଷଣ କଲାବେଳେ ଅଧିକ ସତର୍କ ରହିବା ଉଚିତ ବୋଲି ଜଷ୍ଟିସ୍ ବାଗ୍‌ଚୀ କହିଛନ୍ତି।

## ସିଆଇସିଙ୍କ ନିର୍ଦ୍ଦେଶକୁ ଖାରଜ କଲେ ଦିଲ୍ଲୀ ହାଇକୋର୍ଟ

ନୂଆଦିଲ୍ଲୀ,୨୫।୮ (ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ନାତକ ଡିଗ୍ରୀ ସମ୍ପର୍କିତ ସବିଶେଷ ବିବରଣୀ ପ୍ରଦାନ ପାଇଁ କେନ୍ଦ୍ରୀୟ ସୂଚନା କମିଶନର (ସିଆଇସି) ଦିଲ୍ଲୀ ୟୁନିଭର୍ସିଟି (ଡିୟୁ)କୁ ଦେଇଥିବା ନିର୍ଦ୍ଦେଶକୁ ଦିଲ୍ଲୀ ହାଇକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ଏହା ବ୍ୟକ୍ତିଗତ ତଥ୍ୟ ହୋଇଥିବାବେଳେ ଏଥିରେ ଜନସ୍ୱାର୍ଥ ଅନ୍ତର୍ନିହିତ ନ ଥିବା ଅଦାଲତ କହିଛନ୍ତି। ସିଆଇସିଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଦିଲ୍ଲୀ ୟୁନିଭର୍ସିଟି ହାଇକୋର୍ଟରେ ପିଟିଶନ ଦାଏର କରିଥିବାବେଳେ ଜଷ୍ଟିସ୍

### ପ୍ରଧାନମନ୍ତ୍ରୀ ମୋଦିଙ୍କ ଡିଗ୍ରୀ ବିବାଦ

ସଚିନ ଦତ୍ତାଙ୍କ ଖଣ୍ଡପୀଠ ଫେବୃଆରୀ ୨୭ରେ ଏହାର ଶୁଣାଣି ଶେଷକରି ରାୟ ସଂରକ୍ଷିତ ରଖିଥିଲେ। ଅଦାଲତ କହିଛନ୍ତି, ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଏବଂ ଜନସାଧାରଣଙ୍କ ସ୍ୱାର୍ଥ ମଧ୍ୟରେ ପ୍ରଭେଦ ରହିଥିବା ବିଚାରପତି କହିଛନ୍ତି। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶିକ୍ଷାଗତ ଯୋଗ୍ୟତାକୁ ନେଇ ବିବାଦ ଲାଗିରହିଥିବାବେଳେ ସେ ୧୯୭୮ରେ ବିଏ ପାସ୍ କରିଥିଲେ କି ନାହିଁ ଜାଣିବା ନିମନ୍ତେ ନୀରଜ ନାମକ ବ୍ୟକ୍ତି ତଥ୍ୟ ଜାଣିବା ଅଧିକାର (ଆର୍‌ଟିଆଇ) ବଳରେ ସିଆଇସିଙ୍କ ନିକଟରେ ଆବେଦନ କରିଥିଲେ। ଉକ୍ତ ଆବେଦନକ୍ରମେ ମୋଦିଙ୍କ ସମେତ ୧୯୭୮ରେ ବିଏ ପରୀକ୍ଷାରେ ପାସ୍ କରିଥିବା ସବୁ ଛାତ୍ରୀଛାତ୍ରଙ୍କ ରେକର୍ଡ ଯାଞ୍ଚ ଲାଗି ଅନୁମତି ଦେବାକୁ ସିଆଇସି ୨୦୧୬ ଡିସେମ୍ବର ୨୧ରେ ଡିୟୁକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୭ ଜାନୁଆରୀ ୨୩ରେ ହାଇକୋର୍ଟ ସିଆଇସିଙ୍କ ନିର୍ଦ୍ଦେଶ ଉପରେ ସ୍ଥଗିତାଦେଶ ଜାରି କରିଥିଲେ।

### ଦିଲ୍ଲୀରେ ଆଜି


ନୂଆଦିଲ୍ଲୀସ୍ଥିତ ହାଇଦ୍ରାବାଦ ହାଉସ୍‌ଠାରେ ଫିଜି ପ୍ରଧାନମନ୍ତ୍ରୀ ସିଟିଭେନି ଲିଗାମାମାଦା ରାବୁକାଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। (ଫଟୋ- ଚମନ ଗୌତମ)

## ଗାଜା ହସ୍ପିଟାଲରେ ମିଶାଇଲ୍ ମାଡ଼

### ୪ ଖବରଦାତାଙ୍କ ସମେତ ୧୯ ମୃତ

ଖାନ୍ ୟୁନିସ୍,୨୫।୮

ଗାଜାର ଖାନ୍ ୟୁନିସ୍‌ରେ ଥିବା ନାସେର ହସ୍ପିଟାଲର ଚତୁର୍ଥ ମହଲାରେ ଇସ୍ରାଏଲୀ ସେନା ମିଶାଇଲ୍ ମାଡ଼ କରିବାରୁ ୪ ଜଣ ଖବରଦାତାଙ୍କ ସମେତ ୧୯ ଜଣଙ୍କ ମୃତ୍ୟୁ ଘଟିଛି। ପ୍ରଥମେ ଗୋଟିଏ ମିଶାଇଲ୍ ମାଡ଼ ହୋଇଥିବାବେଳେ ଉଦ୍ଧାରକାରୀ ଟିମ୍ ପହଞ୍ଚିବା ପରେ ଆଉ ଏକ ମିଶାଇଲ୍ ମାଡ଼ ହୋଇଥିଲା। ୨୨ ମାସ ଧରି ଚାଲିଥିବା ଏହି ଯୁଦ୍ଧରେ ଦକ୍ଷିଣ ଗାଜାର ସର୍ବବୃହତ୍ ନାସେର ହସ୍ପିଟାଲ ଅନେକଥର ଆକ୍ରମଣର ସମ୍ମୁଖୀନ ହେଲାଣି। ମୃତ ୪ ଖବରଦାତାଙ୍କ ମଧ୍ୟରେ ଆସୋସିଏଟେଡ୍ ପ୍ରେସ୍ ପାଇଁ କାର୍ଯ୍ୟ କରୁଥିବା ମୁକ୍ତବୃତ୍ତି ସାମ୍ବାଦିକ ମାରିଆମ୍ ଡାଗ୍ଗା ଅଛନ୍ତି। ଏହା ବ୍ୟତୀତ ଅଲ୍ ଜଜିରା ଖବରଦାତା ମହମ୍ମଦ ସଲାମା, ରଏଟର୍ସର କ୍ୟାମେରାମ୍ୟାନ ହୁସମ ଅଲ୍ ମସ୍ରି ଏବଂ ଅନ୍ୟ ଫଟୋଗ୍ରାଫର ହାତେମ୍ ଖାଲେଦ ମଧ୍ୟ ନିହତ ହୋଇଥିବା ଜଣାପଡ଼ିଛି। ତେବେ ଏୟାରଷ୍ଟ୍ରାଇକ୍ ସମ୍ପର୍କରେ ଇସ୍ରାଏଲୀ ସେନା ପକ୍ଷରୁ କିଛି କୁହାଯାଇ ନାହିଁ। ଗାଜାରେ ୨୨ ମାସର ଯୁଦ୍ଧ ମଧ୍ୟରେ ମୋଟ ୧୯୨ ଜଣ ଖବରଦାତାଙ୍କ ମୃତ୍ୟୁ ଘଟିଲାଣି।

## 'ଅନୁଚ୍ଛେଦ ୩୨ ଅନୁଯାୟୀ ମୃତ୍ୟୁ ଦଣ୍ଡାଦେଶ ଚ୍ୟାଲେଞ୍ଜଯୋଗ୍ୟ'

ନୂଆଦିଲ୍ଲୀ,୨୫।୮ (ପି.ଟି.)

ପ୍ରକ୍ରିୟାଗତ ସୁରକ୍ଷାର ଉଲ୍ଲଂଘନ ହୋଇଥିଲେ, ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଥିବା କୌଣସି ମାମଲାକୁ ପୁନର୍ବାର ଶୁଣାଣି କରିବା କ୍ଷମତା ସମ୍ବିଧାନର ଅନୁଚ୍ଛେଦ ୩୨ ଅଦାଲତଙ୍କୁ ଦେଇଛି। ମୃତ୍ୟୁ ଦଣ୍ଡାଦେଶ ପାଇଥିବା ଜଣେ ଅପରାଧୀଙ୍କ ଆବେଦନର ପୁନଃ ଶୁଣାଣି ପାଇଁ ସୁପ୍ରିମକୋର୍ଟ ସୋମବାର ରାଜି ହେବା ସହ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି।

୨୦୦୮ ଏପ୍ରିଲରେ ଜଣେ ୪ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ନାଗପୁରର ବସନ୍ତ ସମ୍ପତ ଦୁପାରେ ଦୋଷୀସାବ୍ୟସ୍ତ ହୋଇଥିଲେ। ନାଗପୁର ଅତିରିକ୍ତ ସେସନ୍ସ କୋର୍ଟ ତାଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଥିବାବେଳେ ୨୦୧୪ ନଭେମ୍ବରରେ ସୁପ୍ରିମକୋର୍ଟ ଏହାକୁ କାଏମ୍ ରଖିଥିଲେ। ଉକ୍ତ ରାୟ ବିରୋଧରେ ଦୁପାରେ ଦାଖଲ କରିଥିବା ରିଭ୍ୟୁ ପିଟିଶନ ୨୦୧୭ ମେ' ୩ରେ ଖାରଜ ହୋଇଯାଇଥିଲା। ଏହା ପରେ ସେ ମହାରାଷ୍ଟ୍ର ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ପାଖରେ କ୍ଷମା ଆବେଦନ କରିଥିଲେ ମଧ ତାହା ଯଥାକ୍ରମେ ୨୦୨୨ ଏବଂ ୨୦୨୩ରେ ଅଗ୍ରାହ୍ୟ ହୋଇଯାଇଥିଲା।

ଦୁପାରେ ଶିଶକନ୍ୟାଙ୍କୁ ଚକୋଲେଟ ଦ୍ୱାରା ପ୍ରଲୋଭିତ କରି ନେଇଯାଇଥିଲେ ଓ ପରିଚୟ ଲୁଚାଇବା ପାଇଁ ତାଙ୍କ ମୁଣ୍ଡକୁ ପଥରରେ ଛେଚିଥିଲେ। ଏହି ମାମଲାରେ ପ୍ରକ୍ରିୟାଗତ ସୁରକ୍ଷାର ଉଲ୍ଲଂଘନ ହୋଇଥିବା ଜାଣିବା ପରେ ଜଷ୍ଟିସ୍ ବିକ୍ରମ ନାଥ, ସଞ୍ଜୟ କାରୋଲ ଏବଂ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ ଅନୁଚ୍ଛେଦ ୩୨ ଅନୁଯାୟୀ ଅପରାଧୀଙ୍କ ପିଟିଶନ୍‌ର ପୁନଃ ଶୁଣାଣି ପାଇଁ ଅନୁମତି ଦେଇଛନ୍ତି। ୨୦୨୨ରେ ମନୋଜ ବନାମ ମଧ୍ୟପ୍ରଦେଶ ରାୟର ଅବତାରଣା କରି ଖଣ୍ଡପୀଠ କହିଛନ୍ତି, ମୃତ୍ୟୁ ଦଣ୍ଡାଦେଶ ପ୍ରଦାନ କରିବା ପୂର୍ବରୁ ଟ୍ରାଏଲ୍ କୋର୍ଟଗୁଡ଼ିକ ଅଭିଯୁକ୍ତଙ୍କ ମନୋଚିକିତ୍ସୀୟ ଏବଂ ମନୋବୈଜ୍ଞାନିକ ମୂଲ୍ୟାୟନ ରିପୋର୍ଟ ସଂଗ୍ରହ କରିବାକୁ ସେତେବେଳେ ସୁପ୍ରିମକୋର୍ଟ କେତେଗୁଡ଼ିଏ ମାର୍ଗଦର୍ଶନ ଓ ନିର୍ଦ୍ଦେଶାବଳୀ ଜାରି କରିଥିଲେ। ତେବେ ଅନୁଚ୍ଛେଦ ୩୨ର ଅସାଧାରଣ ପରିସରକୁ ବିଚାର ଶେଷ ହୋଇଥିବା ଅନ୍ୟାନ୍ୟ ମାମଲାର ପୁନର୍ବିଚାର ପାଇଁ ନିୟମିତ ଉପାୟ ଭାବେ ଅନୁମତି ଦିଆଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଥିଲେ। ଯେଉଁଠି ନୂଆ ପ୍ରକ୍ରିୟାଗତ ସୁରକ୍ଷାର ସ୍ପଷ୍ଟ ଓ ନିର୍ଦ୍ଦିଷ୍ଟ ଉଲ୍ଲଂଘନ ହୋଇଥିବ ଏବଂ ଯଦି ତାହା ଏତେ ଗମ୍ଭୀର ଯେ, ଏହାକୁ ସଂଶୋଧନ ନ କରି ଛାଡ଼ିଦେଲେ, ତାହା ଅଭିଯୁକ୍ତଙ୍କ ମର୍ଯ୍ୟାଦା ଓ ସ୍ୱଚ୍ଛ ବିଚାର ପ୍ରକ୍ରିୟା ଭଳି ମୌଳିକ ଅଧିକାରର ଉଲ୍ଲଂଘନ କରୁଥିବ, କେବଳ ସେଭଳି କ୍ଷେତ୍ରରେ ମାମଲାର ପୁନର୍ବିଚାର କରାଯାଇପାରିବ ବୋଲି ଖଣ୍ଡପୀଠ କହିଛନ୍ତି।

## ମିଗ୍-୨୧ର ଶେଷ ଉଡ଼ାଣ



### ୧୯୬୩ରୁ ଭାରତୀୟ ବାୟୁସେନାରେ ସାମିଲ ଥିଲା

ବିକାନେର, ୨୫।୮ (ପି.ଟି.)

ଭାରତୀୟ ବାୟୁସେନାର ଲଢୁଆ ବିମାନ ମିଗ୍-୨୧ ଇତିହାସ ହେବାକୁ ଯାଉଛି। ୬୨ ବର୍ଷ ଧରି ସେବା ପ୍ରଦାନ ପରେ ଆସନ୍ତା ମାସ ୨୬ରେ ଚଣ୍ଡିଗଡ଼ରେ ଅନୁଷ୍ଠିତ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ମିଗ୍-୨୧ ବିମାନ ଆନୁଷ୍ଠାନିକ ଭାବେ ଅବସର ନେବ। ଏହା ପୂର୍ବରୁ ଗତ ୧୮ ଓ ୧୯ରେ ଭାରତୀୟ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଏପି ସିଂ ରାଜସ୍ଥାନର ନାଲ ଏୟାରଫୋର୍ସ ଷ୍ଟେଶନରୁ ଅନ୍ତିମ ଥର ପାଇଁ ଏହି ଲଢୁଆ ବିମାନକୁ ଉଡ଼ାଇଛନ୍ତି। ସେ ଗୋଟିଏ ଟ୍ରେନିଂ ଶର୍ଟ ଏବଂ ୩ରୁ ୪ଟି ସୋଲୋ ଶର୍ଟ ପୂରଣ କରିଥିଲେ। ଉଡ଼ାଣ ପରେ ଏୟାର ଚିଫ୍ ମାର୍ଶାଲ କହିଛନ୍ତି, ଏହି ଲଢୁଆ ବିମାନରେ ସେ ନିଜର ପ୍ରଥମ ଟ୍ରେନିଂ ନେଇଥିଲେ। ୧୯୮୫ରେ ଆସାମର ତେଜପୁରରେ ସେ ପ୍ରଥମ ଥର ପାଇଁ ମିଗ୍-୨୧ ବିମାନର ଟାଇପ-୭୭ ଭାରିଆଣ୍ଟକୁ ଉଡ଼ାଇଥିଲେ। ସମ୍ପ୍ରତି ବାୟୁସେନା ନିକଟରେ ମିଗ୍-୨୧ର ୨ଟି ସ୍କ୍ୱାର୍ଡନ ରହିଛି। ଉଭୟ ସ୍କ୍ୱାର୍ଡନକୁ ନାଲ୍ ଏୟାରଫିଲ୍ଡରେ ରଖାଯାଇଛି। ତେବେ ସବୁକିଛିର ଏକ ସମୟ ରହିଥାଏ। ମିଗ୍-୨୧ ପ୍ରଯୁକ୍ତି ପୁରୁଣା ହୋଇଗଲାଣି, ଯାହାକୁ ବଜାୟ ରଖିବା ବାୟୁସେନା ପାଇଁ କଷ୍ଟସାଧ ହୋଇପଡ଼ିଛି। ବାୟୁସେନାକୁ ଆଗକୁ ବଢ଼ିବାକୁ ପଡ଼ିବ। ତେଣୁ ଏହି ବିମାନକୁ ଅବସର ଦିଆଯାଉଥିବା ନେଇ ଏୟାର ଚିଫ୍ ମାର୍ଶାଲ ସିଂ କହିଛନ୍ତି। ଉନ୍ନତ ପ୍ରଯୁକ୍ତିବିଦ୍ୟା ସହ ତେଜସ୍, ତେଜସ୍ ଏମ୍‌କେ ୨, ରାଫେଲ, ଏସ୍‌ୟୁ-୩୦ ଭଳି ବିମାନ ମିଗ୍-୨୧ର ସ୍ଥାନ ନେବେ ବୋଲି ସେ କହିଛନ୍ତି। ଋଷିଆ ନିର୍ମିତ ଏହି ଯୁଦ୍ଧବିମାନ ୧୯୬୩ ଏପ୍ରିଲରେ ଭାରତୀୟ ବାୟୁସେନାରେ ସାମିଲ ହୋଇଥିଲା।

### ଟ୍ରାକ୍ଟର ଟ୍ରଲିକୁ ଧକ୍କା ଦେଲା ଟ୍ରକ୍: ୯ ମୃତ

ବୁଲନ୍ଦସହର,୨୫।୮

ଉତ୍ତରପ୍ରଦେଶର ବୁଲନ୍ଦସହର ଜିଲା ଅନ୍ତର୍ଗତ ବୁଲନ୍ଦସହର-ଆଲିଗଡ଼ ରାସ୍ତାରେ ରବିବାର ବିଳମ୍ବିତ ରାତିରେ ଏକ ଟ୍ରକ୍ ଟ୍ରାକ୍ଟର ଟ୍ରଲିକୁ ଧକ୍କା ଦେବାରୁ ୯ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିବା ସହ ୪୨ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ୨ ଜଣ ଏବଂ ଆହତଙ୍କ ମଧ୍ୟରେ ୧୨ ଜଣ ନାବାଳକ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମୃତକଙ୍କ ପରିବାରକୁ ୨ ଲକ୍ଷ ଏବଂ ଆହତମାନଙ୍କ ପାଇଁ ୫୦ ହଜାର ଟଙ୍କା ସହାୟତା ଘୋଷଣା କରିଛନ୍ତି। କସଗଞ୍ଜ ଜିଲାର ରାଫତପୁର ଗ୍ରାମରୁ ଟ୍ରାକ୍ଟର ଟ୍ରଲିରେ ୬୧ ଜଣ ଲୋକ ରାଜସ୍ଥାନର ଜହରପୀରକୁ ତୀର୍ଥଯାତ୍ରାରେ ଯାଉଥିବାବେଳେ ଦୁର୍ଘଟଣା ଘଟିଥିଲା।

## ମା' ହେବେ ପରିଣୀତି



ନୂଆଦିଲ୍ଲୀ

ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ଓ ତାଙ୍କ ସ୍ୱାମୀ ତଥା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ରାଜ୍ୟ ସଭା ସଦସ୍ୟ ରାଘବ ଚଡ଼ା ସୋମବାର ସେମାନଙ୍କ ପ୍ରଶଂସକଙ୍କୁ ଗୁଡ୍ ନ୍ୟୁଜ୍ ଦେଇଛନ୍ତି। ପରିଣୀତି ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟକରି ସେ ଗର୍ଭବତୀ ଥିବା ନେଇ ସୂଚନା ଦେଇଛନ୍ତି। ଏହି ପୋଷ୍ଟରେ ସେ ରାଘବଙ୍କୁ ଟ୍ୟାଗ୍ କରିଛନ୍ତି। ପରିଣୀତି ତାଙ୍କ ପୋଷ୍ଟରେ ଏକ କେକ୍‌ର ଫଟୋକୁ ଶେୟାର କରି କ୍ୟାପ୍‌ଶନ୍‌ରେ ଲେଖିଛନ୍ତି, ଆମେ ଏକ ଛୋଟ ଅତିଥିଙ୍କୁ ସ୍ୱାଗତ କରିବାକୁ ଯାଉଛୁ। ଏଥିପାଇଁ ଆପଣମାନଙ୍କର ଆଶୀର୍ବାଦ କାମନା କରୁଛୁ। ଉକ୍ତ ପୋଷ୍ଟରେ ବଲିଉଡ୍‌ର ବହୁ ସେଲିବ୍ରିଟି କମେଣ୍ଟ ମାଧ୍ୟମରେ ଏହି ତାରକା ଦମ୍ପତିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ୨୦୨୩ ସେପ୍ଟେମ୍ବର ୨୪ରେ ରାଜସ୍ଥାନର ଉଦୟପୁରସ୍ଥିତ ଦି ଲୀଲା ପ୍ୟାଲେସରେ ପରିଣୀତି ଓ ରାଘବଙ୍କର ବିବାହ ଅନୁଷ୍ଠିତ ହୋଇଥିଲା। ପରିଣୀତିଙ୍କୁ ଶେଷଥର ପାଇଁ ୨୦୨୪ରେ ନିର୍ମାତା ଇମ୍‌ତିଆଜ୍ ଅଲୀଙ୍କ 'ଅମର ସିଂ ଚମକିଲା' ଫିଲ୍ମରେ ଦେଖିବାକୁ ମିଳିଥିଲା। ଏହି ଫିଲ୍ମରେ ତାଙ୍କ ବିପକ୍ଷରେ ଅଭିନେତା ତଥା ପ୍ରସିଦ୍ଧ ସିଙ୍ଗର ଦିଲ୍‌ଜିତ ଦୋସାଞ୍ଜ ନଜରକୁ ଆସିଥିଲେ।

# ନୂଆ ଆଇଟି ନୀତିକୁ କ୍ୟାବିନେଟ୍ ମୋହର



ଲୋକସେବା ଭବନଠାରେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଉପସ୍ଥିତ ମନ୍ତ୍ରୀ ଓ ଅଧିକାରୀ।

## ୧୦ଲକ୍ଷଙ୍କୁ ମିଳିବ ନିଯୁକ୍ତି

- ସାଇବର ସୁରକ୍ଷା ସହିତ ଡିଜିଟାଲ ରୂପାନ୍ତରଣକୁ ବିକଶିତ କରିବ
- ରାଜ୍ୟ କ୍ୟାବିନେଟ୍ ବୈଠକରେ ୪ ପ୍ରସ୍ତାବକୁ ଅନୁମୋଦନ

ଭୁବନେଶ୍ୱର,୨୫ା୮
(ରବିନାରାୟଣ ଜେନା)

ଓଡ଼ିଶାକୁ ସୂଚନା ପ୍ରଯୁକ୍ତି ଓ ଯୋଗାଯୋଗ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ ରୂପେ ଗଢ଼ିତୋଲିବା ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହିକ୍ରମରେ ସୋମବାର ରାଜ୍ୟ ସରକାର ସୂଚନା ପ୍ରଯୁକ୍ତି(ଆଇଟି)ର ବିକାଶ ଲାଗି ନୂତନ ଆଇଟି ନୀତି ଆଣିଛନ୍ତି। ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଏହି ଆଇଟି ନୀତି ସମେତ ୩ଟି ବିଭାଗର ୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ବାଜିଛି।

ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ କହିଛନ୍ତି, ଓଡ଼ିଶାର ଡିଜିଟାଲ୍ ରୂପାନ୍ତରଣକୁ ଆଗେଇ ନେବା ଏବଂ ବୈଷୟିକ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ପାଇଁ ଏକ ରଣନୈତିକ ପଦକ୍ଷେପ ସ୍ୱରୂପ ରାଜ୍ୟ ମନ୍ତ୍ରିମଣ୍ଡଳ ଓଡ଼ିଶା ଆଇଟି ନୀତି -୨୦୨୫କୁ ସୋମବାର ଅନୁମୋଦନ ଦେଇଛନ୍ତି। ଏହି ଦୂରଦୃଷ୍ଟିସମ୍ପନ୍ନ ନୀତି ଓଡ଼ିଶାକୁ ବୈଷୟିକ ଜ୍ଞାନ ଏବଂ ଉଦ୍ଭାବନ ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବରେ ସ୍ଥାପନ କରିବ। କୃତ୍ରିମ ବୁଦ୍ଧିମତ୍ତା(ଏଆଇ), କ୍ଲାଉଡ୍‌କମ୍ପ୍ୟୁଟିଂ ଏବଂ ଡାଟା ଆନାଲିଟିକ୍ସ ଭଳି ଅତ୍ୟାଧୁନିକ ଜ୍ଞାନକୌଶଳକୁ ଆପଣାଇ ଏହି ନୀତି ଶାସନକୁ ମଜଭୁତ କରିବା, ସର୍ବସାଧାରଣ ସେବା ଯୋଗାଇବାରେ ଉନ୍ନତି ଆଣିବା ଏବଂ ଏକ ଡିଜିଟାଲ୍ ଅନ୍ତର୍ଭୁକ୍ତ ସମାଜକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛି। ଏହା ଉଦ୍ଭାବନା, ଉଦ୍ୟୋଗିତା ଏବଂ ଡିଜିଟାଲ ସ୍ଥାୟୀ ବିକାଶକୁ ଏକ ଦୃଢ଼ ଡିଜିଟାଲ ପରିବେଶ ଯୋଗାଇବାରେ ସହାୟକ ହେବ।

ଓଡ଼ିଶା ଆଇଟି ନୀତି ୨୦୨୫ ମଧ୍ୟରେ ଆଇଟି/ଆଇଟିଇଏସ୍ କ୍ଷେତ୍ରରେ ୧୦ ଲକ୍ଷ ଲୋକଙ୍କ ପାଇଁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ପରିକଳ୍ପନା କରାଯାଇଛି। ଏହା ଆଇଟି ପାର୍କ, ଆଇଟିଟାୱାର ଏବଂ ଏସ୍‌ଇଜେଡ୍ ପରି ବିଶ୍ୱସ୍ତରୀୟ ଭିତ୍ତିଭୂମି ବିକାଶ କରିବା ସହିତ ଗବେଷଣା ଏବଂ ବିକାଶ, ବିଭିନ୍ନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ସମନ୍ୱୟ, ଏକାଡେମିଆ ଓ ଷ୍ଟାର୍ଟଅପ୍ ସହିତ ସହଯୋଗ ମାଧ୍ୟମରେ ବୈଷୟିକ ଉଦ୍ଭାବନକୁ ପ୍ରୋତ୍ସାହିତ କରିବ। ଏହି ନୀତି ସାଇବର ସୁରକ୍ଷା, ଡାଟା ଆନାଲିଟିକ୍ସ, ୫ଜି/ମୋବାଇଲ୍ ଟେକ୍, ଆଇଓଟି,ଏଆର/ଭିଆର, କ୍ଲାଉଡ୍ କମ୍ପ୍ୟୁଟିଂ, ଡିପ୍ ଲର୍ନିଂ, ବ୍ଲକଚେନ୍, ଏଆଇ ଏବଂ ଏମ୍‌ଏଲ୍ ପରି ଉଦୀୟମାନ ପ୍ରଯୁକ୍ତିକୁ ପ୍ରୋତ୍ସାହିତ କରିବ। ଆହୁଜା କହିଛନ୍ତି, ନିବେଶକୁ ଆକର୍ଷିତ କରିବା ପାଇଁ ଏହି ନୀତି ପୁଞ୍ଜି ଏବଂ ସୁଧ ସବ୍‌ସିଡି, ଜମି ଓ ଭଡ଼ା ସହାୟତା ଏବଂ ଏସ୍‌ଜିଏସ୍‌ଟି ପୁନଃପୈଠ ଭଳି ବ୍ୟବସାୟ-ଅନୁକୂଳ ପ୍ରୋତ୍ସାହନ ପ୍ରଦାନ କରିବ। ଅତିରିକ୍ତ ସୁବିଧାଗୁଡ଼ିକ ମଧ୍ୟରେ ଉପଯୋଗିତା ଚାର୍ଜ ଛାଡ଼, ମାର୍କେଟିଂ ସହାୟତା, ପେଟେଣ୍ଟ ପଞ୍ଜୀକରଣ ପ୍ରୋତ୍ସାହନ ଏବଂ ଦକ୍ଷତା ବିକାଶ, ଇଣ୍ଟର୍ନଶିପ୍, ଉତ୍କର୍ଷ କେନ୍ଦ୍ର (ସିଓଇ), କେବୁଲ ଲ୍ୟାଣ୍ଡିଂ ଷ୍ଟେଶନର ବିକାଶ ପାଇଁ ସହାୟତା, ବୃହତ୍ ଏବଂ ମେଗା ଆଇଟି ନିବେଶ ପାଇଁ ନିର୍ଦ୍ଦିଷ୍ଟ ପ୍ରୋତ୍ସାହନ, ସହ-କାର୍ଯ୍ୟ ସ୍ଥାନର ବିକାଶକୁ ପ୍ରୋତ୍ସାହନ ଏବଂ ନିଯୁକ୍ତି ପାଇଁ ଆର୍ଥିକ ସହାୟତା ଅନ୍ତର୍ଭୁକ୍ତ। ଏକ ସିଙ୍ଗଲ୍-ୱିଣ୍ଡୋ କ୍ଲିୟରାନ୍ସ ସିଷ୍ଟମ୍ ଏବଂ ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକ ସହିତ ଭାଗୀଦାରି ରାଜ୍ୟରେ ବ୍ୟବସାୟ କରିବାର ସହଜତାକୁ ଆହୁରି ଉନ୍ନତ କରିବ।

ମୁଖ୍ୟ ଶାସନ ସଚିବ କହିଛନ୍ତି, ଏହି ନୀତି ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ୍ସ ସେଣ୍ଟର (ଓକାକ୍ ) ନୋଡାଲ୍ ଏଜେନ୍ସି ଭାବରେ କାର୍ଯ୍ୟ କରିବ, ଇ-ଆଣ୍ଡ ଆଇଟି ବିଭାଗ ନିୟମିତ ସମୀକ୍ଷା କରିବ ଏବଂ ଆବଶ୍ୟକ ଅନୁସାରେ ମଧ୍ୟବର୍ତ୍ତୀ ସମୟରେ ସଂଶୋଧନ କରିବ। ଓଡ଼ିଶା ଆଇଟି ନୀତି-୨୦୨୫ ବୈଶ୍ୱିକ ବ୍ୟବସାୟକୁ ଓଡ଼ିଶା ଆଡ଼କୁ ଆକୃଷ୍ଟ କରିବ, ଯାହା ଆର୍ଥିକ ଅଭିବୃଦ୍ଧିକୁ ବୃଦ୍ଧି କରିବ।

# ଝିଅାରୀଙ୍କୁ ବଞ୍ଚାଇବାକୁ ଯାଇ ବଡ଼ବାପାଙ୍କ ମୃତ୍ୟୁ

## ବିଦ୍ୟୁତ୍ ଆଘାତରେ କକା, ଝିଅାରୀ ଗୁରୁତର

ପାଟଣା,୨୫ା୮
(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଚିନାମାଳିପଶି ତଣ୍ଡିଆ ସାହିରେ ସୋମବାର ପୂର୍ବାହ୍ନରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ବିଦ୍ୟୁତ ଆଘାତରୁ ଦିବ୍ୟାଙ୍ଗ ଝିଅାରୀଙ୍କୁ ବଞ୍ଚାଇବାକୁ ଯାଇ ବଡ଼ବାପାଙ୍କ ମୃତ୍ୟୁ ଘଟିଛି। ବିଦ୍ୟୁତ୍ ଆଘାତରେ ଦିବ୍ୟାଙ୍ଗ ଝିଅାରୀ ଓ ମୃତକଙ୍କ ସାନଭାଇ ଗୁରୁତର ହୋଇଛନ୍ତି। ମୃତକ ହେଉଛନ୍ତି ଗ୍ରାମର ରବୀନ୍ଦ୍ର ବେହେରାଙ୍କ ପୁଅ ଦୁର୍ଯ୍ୟୋଧନ ବେହେରା (୪୦)। ଗୁରୁତର ହୋଇଛନ୍ତି ଚିତ୍ରସେନ ବେହେରାଙ୍କ ଝିଅ ତଥା ଦୁର୍ଯ୍ୟୋଧନଙ୍କ ଝିଅାରୀ ଅଞ୍ଜଳି ବେହେରା(୧୧) ଓ ଦୁର୍ଯ୍ୟୋଧନଙ୍କ ଭାଇ ଦୁଃଶାସନ ବେହେରା(୩୫)।

ସୂଚନା ଅନୁଯାୟୀ, ସକାଳେ ଅଞ୍ଜଳି ଘର ବାହାରେ ଆଜ୍‌ବେଷ୍ଟସ ଘର ଲୁହା ପାଇପରୁ ବାହାରକୁ ଟଣା ଯାଇଥିବା ଜିଆଇ ତାରରେ ଲୁଗା ଶୁଖାଉଥିଲେ। ଏହି ସମୟରେ ଜିଆଇ ତାରଟି କୌଣସି କାରଣରୁ ଘରକୁ ଯାଇଥିବା ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯାଇଥିଲା। ଅଞ୍ଜଳି ବିଦ୍ୟୁତ ସଂସ୍ପର୍ଶରେ ଆସିଥିବା ଦେଖି ତାଙ୍କ ବଡ଼ବାପା ଦୁର୍ଯ୍ୟୋଧନ ଓ କକା ଦୁଃଶାସନ ତାଙ୍କୁ ଉଦ୍ଧାର କରିବାକୁ ଯାଇ ନିଜେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯାଇଥିଲେ। ବିଦ୍ୟୁତ୍ ଆଘାତରେ ଦୁର୍ଯ୍ୟୋଧନଙ୍କ ପେଟ, ଦୁଃଶାସନଙ୍କ ୨ ହାତ ପୋଡ଼ିଯାଇଥିଲା। ଅଞ୍ଜଳି ମଧ୍ୟ ଗୁରୁତର ହୋଇଥିଲେ। ସମସ୍ତଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଦୁର୍ଯ୍ୟୋଧନଙ୍କୁ ମୃତ ଘୋଷଣା କରିଥିଲେ। ଘଟଗାଁ ପୋଲିସ ପହଞ୍ଚି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନାରେ ଏକ ମାମଲା(ନଂ.୩୯/୨୫) ରୁଜୁ କରି ତଦନ୍ତ ଚଳାଇଛି।




# ଓପିଏସ୍‌ସିରେ ୩ଜଣଙ୍କ ନିଯୁକ୍ତିକୁ ଅନୁମୋଦନ

ଭୁବନେଶ୍ୱର,୨୫ା୮
(ରବିନାରାୟଣ ଜେନା)

ଓଡ଼ିଶା ଲୋକସେବା ଆୟୋଗରେ ସଦସ୍ୟ ପଦରେ ତିନିଜଣଙ୍କ ନିଯୁକ୍ତିକୁ ନିୟମିତ କରିବା ଲାଗି ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି। ସୋମବାର ଲୋକସେବାଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ କହିଥିଲେ, ଓଡ଼ିଶା ଲୋକସେବା ଆୟୋଗରେ ସଦସ୍ୟ ଭାବେ ଅବସରପ୍ରାପ୍ତ ଆଇଏଏସ୍ ଉଦୟ ନାରାୟଣ ଦାସ, ଏସ୍‌ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରୀର ଅଧ୍ୟକ୍ଷ ମିହିର ପ୍ରସାଦ ମିଶ୍ର ଏବଂ ଅବସରପ୍ରାପ୍ତ ଆଇଏଏସ୍ ମନୋଜ କୁମାର ମହାନ୍ତି ପୂର୍ବରୁ ନିଯୁକ୍ତ ହୋଇଛନ୍ତି। ଏହାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ପ୍ରତ୍ୟାଶା ପୂର୍ବକ ଜୁଲାଇ ୧୦ରେ ନିଯୁକ୍ତି ଦିଆଯାଇଛି। ସୋମବାର ରାଜ୍ୟ କ୍ୟାବିନେଟ୍ ସମ୍ପୃକ୍ତ ସଦସ୍ୟଙ୍କ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଚିନ୍ତା ଓ ଚେତନା ପକ୍ଷରୁ ୪୮ତମ ବର୍ଷା ୨୦୨୫ କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଶତାବ୍ଦୀର କଳାକାର ପକ୍ଷରୁ ନାଟକ 'ଆପଣମାନେ ଖୁସି ତ ?' ମଞ୍ଚସ୍ଥ, ସ୍ଥାନ: ବିଜୁ ନାଟ୍ୟକେନ୍ଦ୍ର, ନୟାପଲ୍ଲୀ, ସମୟ: ସନ୍ଧ୍ୟା ୬ଟା ୩୦।
- ଓଡ଼ିଶା ପି ଏବଂ ଟି କଣ୍ଟ୍ରାକ୍ଟର୍ ଆସୋସିଏଶନ୍ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଇନ୍ସପେକ୍ସନ୍ କ୍ୱାଟର୍ ଦୂର୍ ସଞ୍ଚାର ଭବନ, ୟୁନିଟ୍ ୯, ସମୟ: ପୂର୍ବାହ୍ନ ୧୧ ଟା।

## ଖୋର୍ଦ୍ଧା
- ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା ଅଭିଯାନ, ସ୍ଥାନ: ବରୁଣେଇ ପୀଠ, ସମୟ: ସକାଳ ୮ଟା।
- ଶରଧାପୁର ଫୁଟବଲ୍ ଲିଗ୍, ସ୍ଥାନ: ଶରଧାପୁର ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର
- ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ, ସ୍ଥାନ: ମିଶନ ପଡ଼ିଆ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- କଲ୍ୟାଣ ମଣ୍ଡପ ଏବଂ ସିଲେଇ ପ୍ରଶିକ୍ଷଣ କେନ୍ଦ୍ରର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଧୋବଂଶିଳା ପଞ୍ଚାୟତ ପରିସର, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ଏନ୍‌ଏସି ଘୋଷଣା ଦାବିରେ ୬ଘଣ୍ଟିଆ ବନ୍ଦ ପାଳନ, ସ୍ଥାନ: ଆଗରପଡ଼ା ବଜାର, ବନ୍ତ, ସମୟ: ସକାଳ ୬ଟା।
- ରକ୍ତଦାନ ଶିବିର, ସ୍ଥାନ: ବିଜୁ ସ୍ମୃତି ଭବନ, ଚାନ୍ଦବାଲି, ସମୟ: ସକାଳ ୯ଟା।
- ଜୋନାଲସ୍ତରୀୟ ସ୍ପୋର୍ଟସ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର
- ବିଜେଡିର ସମ୍ବର୍ଦ୍ଧନା ସଭା, ସ୍ଥାନ: ବିଜେଡି କାର୍ଯ୍ୟାଳୟ, ବଡ଼ବିଲ, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ
- ହ୍ୟାଣ୍ଡଲୁମ୍ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।
- ମୟୂରଭଞ୍ଜ ମିରରର ବାର୍ଷିକୋତ୍ସବ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସନ୍ଧ୍ୟା ୬ଟା।

## ବ୍ରହ୍ମପୁର
- ମନ୍ଦିର କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୧ଟା୩୦।।
- ବିଇଏମ୍‌ସି ପକ୍ଷରୁ ଟ୍ରାଇ ସାଇକେଲ ପ୍ରତିଯୋଗିତା, ସ୍ଥାନ: ଖଲିକୋଟ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ୩୦।

## ଗଞ୍ଜାମ
- ପଞ୍ଚାୟତ ସମିତ ବୈଠକ, ସ୍ଥାନ: ଶେରଗଡ଼ ବ୍ଲକ୍ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ ଟା।

## ଜଗତସିଂହପୁର
- ଦାରିଦ୍ର୍ୟ ଦୂରୀକରଣ ଓ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମୀକ୍ଷା, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆଦିତ୍ୟ ବାହିନୀ ଆନନ୍ଦ ବାହିନୀ ସଂଗଠନ ପକ୍ଷରୁ ବୃଦ୍ଧାବୃଦ୍ଧଙ୍କ ପାଇଁ ସେବାମୂଳକ କାର୍ଯ୍ୟକ୍ରମ, ସ୍ଥାନ: ସନ୍ତୋଷୀ ଜରାଶ୍ରମ, ବାଲିଝରା, ପାରାଦୀପ, ସମୟ: ମଧ୍ୟାହ୍ନ ୧୨ଟା।
- ସ୍ୱାୟତ୍ତଶାସନ ଦିବସ ଉପଲକ୍ଷେ ପାରାଦୀପ ପୌରପରିଷଦ ପକ୍ଷରୁ ବାଳିକା ବାଳକଙ୍କୁ ନେଇ ଭଲିବଲ ଓ ଫୁଟ୍‌ବଲ ମ୍ୟାଚ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା
- ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ହାତିନା, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଟକୁମାରୀ କଳାବିକାଶ ଯୁବ ସଙ୍ଗଠନ ପକ୍ଷରୁ ମେଘମଲ୍ଲାର ୨୦୨୫ (ଭଜନ ସନ୍ଧ୍ୟା), ସ୍ଥାନ: ଏଣ୍ଡୁଲାପୁର, ରାଜନଗର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- କୋରେଇ ବିଧାନସଭାସ୍ତରୀୟ ସମୀକ୍ଷା ବୈଠକ, ସ୍ଥାନ: ବ୍ୟାସଦେବ ଟାଉନ ହଲ୍, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଭାରତ ବିକାଶ ପରିଷଦ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷଣ ଓ ଚଷମା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଗିରିଡିପଲ୍ଲୀ ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ଷଷ୍ଠ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ସଜନାପଡ଼ା ହାଇସ୍କୁଲ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା, ସ୍ଥାନ: ନୟାଗଡ଼ ବ୍ଲକ ବରପଲ୍ଲୀ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ୪ର୍ଥ ଦିବସ, ସ୍ଥାନ: ନୟାଗଡ଼ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।

## ରାୟଗଡ଼ା
- ମହିଳାଙ୍କ ଦ୍ୱାରା ବାଲି ତୃତୀୟା ଏବଂ ଗୌରୀ ବ୍ରତ ପାଳନ, ସ୍ଥାନ: ରାୟଗଡା ସହରର ସମସ୍ତ ଶିବ ମନ୍ଦିର, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର
- ଯକ୍ଷ୍ମା ରୋଗ ମୁକ୍ତ ଗ୍ରାମ ପଞ୍ଚାୟତ ଗଠନ ତାଲିମ୍, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ପୌରପରିଷଦର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ପୌର ପରିଷଦ କଲ୍ୟାଣ ମଣ୍ଡପ, ସୁନାବେଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସାମ୍ବାଦିକଙ୍କ ବିୟୋଗରେ ଶୋକସଭା, ସ୍ଥାନ: ସେମିଳିଗୁଡ଼ା ପ୍ରେସ୍ କ୍ଲବ, ସମୟ: ପୂର୍ବାହ୍ନ ୧୧ଟା।
- ଗଣେଷ ମନ୍ଦିର ଉଦ୍‌ଘାଟନ ନେଇ କଳସଯାତ୍ରା, ସ୍ଥାନ: ପଟ୍ଟାଙ୍ଗି ମେଡିକାଲ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି
- ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା,ସ୍ଥାନ:କାଳିମେଳା ଗୋପବନ୍ଧୁ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ:ହୀରାକୁଦ କଲୋନୀସ୍ଥିତ ଯୋଗକେନ୍ଦ୍ର, ସମୟ: ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ କାର୍ଯ୍ୟକ୍ରମ, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦର ପରିସର, ସମୟ: ସକାଳ ୬ଟା।
- ସ୍ୱତନ୍ତ୍ର ନୂଆଁଖାଇ ହାଟ-୨୦୨୫, ସ୍ଥାନ : ସମ୍ବଲପୁରୀ ଡେରା, ସମୟ: ସକାଳ ୮ଟା।
- ନୂଆଁଖାଇ -୨୦୨୫ ପ୍ରସ୍ତୁତି ବୈଠକ, ସ୍ଥାନ: ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ: ରାତି ୭ଟା।

## ବଲାଙ୍ଗୀର
- କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବିରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ସମାବେଶ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା
- ରକ୍ତଦାନ ଶିବିର, ସ୍ଥାନ: ଡାଇମଣ୍ଡ ଭବନ, ବାସନ୍ତୀ କଲୋନି, ସମୟ: ପୂର୍ବାହ୍ନ ୧୦ଟା।
- ଦେବେନ୍ଦ୍ର ଦାଶଙ୍କ ଦ୍ୱିତୀୟ ବକ୍ତୃତାମାଳା, ସ୍ଥାନ: ପ୍ରଗତି ଉତ୍କଳ ସଂଘ, ସେକ୍ଟର-୭, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼
- ତର୍କ, ଚିତ୍ରାଙ୍କନ ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା, ସ୍ଥାନ: ରାଣାପ୍ରତାପ ହାଇସ୍କୁଲ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅତିରିକ୍ତ ବିକାଶାତ୍ମକ କାର୍ଯ୍ୟର ଶୁଭାରମ୍ଭ, ସ୍ଥାନ: ଜିଲା ବିଜ୍ଞାନ କେନ୍ଦ୍ର, ଗୁଲୁଲା, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାସନ କାର୍ଡ ବଣ୍ଟନ, ସ୍ଥାନ: ବ୍ଲକ ପରିସର, ଭଟଲି, ସମୟ: ଅପରାହ୍ନ ୧୧ଟା ୩୦।
- ଖାଦ୍ୟ ଓ ଯୋଗାଣ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: ସମ୍ମିଳନୀ କକ୍ଷ, ଜିଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼, ସମୟ: ସନ୍ଧ୍ୟା ୫ଟା।

## କଳାହାଣ୍ଡି
- ଭାଜପା ରାଜ୍ୟ ସଭାପତିଙ୍କ କଳାହାଣ୍ଡି ଗସ୍ତ, ସ୍ଥାନ: ଭବାନୀପାଟଣା ସର୍କିଟ ହାଉସ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକ ସମଗ୍ର ଶିକ୍ଷା କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ, ସ୍ଥାନ: ଜୁନାଗଡ଼ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- କୃଷି ନେଇ ଜିଲାସ୍ତରୀୟ ସମନ୍ୱୟ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧ, ସମୟ: ଅପରାହ୍ନ ୩ଟା।
- ଏନ୍‌ଏସି ସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଜିଲା ଷ୍ଟାଡ଼ିୟମ ବୌଦ୍ଧ, ସମୟ: ଅପରାହ୍ନ ୩ଟା।

## ଦେବଗଡ଼
- ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ପୁରୁଣା ମୁଖ୍ୟ ଚିକିତ୍ସାଳୟକୁ ୨୪ ଘଣ୍ଟିଆ ସେବା ଦାବି ପ୍ରସଙ୍ଗ ନେଇ ଆଗାମୀ କାର୍ଯ୍ୟପନ୍ଥା ପାଇଁ ଆଲୋଚନା, ସ୍ଥାନ: ଗୋପାଳଜୀ ମନ୍ଦିର ପରିସର, ସମୟ: ଅପରାହ୍ନ ୪ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା'କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

## ନୂଆପଡ଼ା
- ଜିଲା ରାଜସ୍ୱ ଅମଲା ସଂଘ ଧାରଣା ଷୋଡ଼ଶ ଦିବସ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଖଡିଆଳ ସାହିତ୍ୟ ସମିତି ପକ୍ଷରୁ ଗଙ୍ଗାଧର ମେହେର ଜୟନ୍ତୀ ପାଳନ, ସ୍ଥାନ: ରାଜ ଦରବାର ଖଡିଆଳ, ସମୟ: ଅପରାହ୍ନ ୪ଟା ୩୦।
- ଆବଶ୍ୟକ ସାର ଯୋଗାଣ ପାଇଁ ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

# ସ୍କୁଲ, କଲେଜ କ୍ୟାମ୍ପସ ଡ୍ରଗ୍ସ ଫ୍ରି କରିବାକୁ ନିର୍ଦ୍ଦେଶ

**ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କଲେ ମୁଖ୍ୟଶାସନ ସଚିବ**

ଭୁବନେଶ୍ୱର,୨୫।୮ (ସତ୍ୟଜିତ୍ ରାଉତ)

ଯୁବପିଢ଼ି ନିଶା କବଳରେ ପଡୁଥିବାରୁ ଏହା ରାଜ୍ୟ ପାଇଁ ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଛି। ମାଦକଦ୍ରବ୍ୟ ଚୋରା ଚାଲାଣ ଓ ନିଶାଦ୍ରବ୍ୟ ସେବନ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ସୋମବାର ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ମୁଖ୍ୟ ଶାସନ ସଚିବ ଏଥିରେ ଅଧ୍ୟକ୍ଷତା କରିବା ସହ ସମୀକ୍ଷା କରି ସ୍କୁଲ ଓ କଲେଜ କ୍ୟାମ୍ପସକୁ ଡ୍ରଗ୍ସ ଫ୍ରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ଶିକ୍ଷାନୁଷ୍ଠାନ ସଂଲଗ୍ନ ଅଞ୍ଚଳରେ ନିଶାଦ୍ରବ୍ୟ କାରବାର ରୋକିବାକୁ କହିଛନ୍ତି। ମାଦକଦ୍ରବ୍ୟ ଚୋରାଚାଲାଣ ଓ ସପ୍ଲାଏ ଚେନ୍ ରୋକିବା ସହ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି।

# ସର୍ଦ୍ଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଲାଗି ଗଠନ ହେବ କମିଟି

ଭୁବନେଶ୍ୱର,୨୫।୮ (ସୁନିତ୍ ମିଶ୍ର)

ଦାଦନ ଶ୍ରମିକ ହାର ହ୍ରାସ, ଶ୍ରମିକ ସର୍ଦ୍ଦାରମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଏକ କମିଟି ଗଠନ କରାଯିବ। ଏହି କମିଟି ପ୍ରବର୍ତ୍ତନ ଅଧିକାରୀ, ପୋଲିସ ଅଧିକାରୀ, ରେଳ ଅଧିକାରୀ ଏବଂ ଜିଲା ପ୍ରଶାସନ ସହିତ ସମନ୍ୱୟ ରଖି ମିଶନ ମୋଡ଼ରେ କାର୍ଯ୍ୟ କରିବେ। ଯେଉଁ ରାଜ୍ୟକୁ ଦାଦନ ଯାଉଛନ୍ତି ସେଠାରେ ଓଡ଼ିଶା ଟିମ୍ ଗସ୍ତ କରିବ। କାହିଁକି ସେହି ରାଜ୍ୟଗୁଡ଼ିକୁ ଓଡ଼ିଶାରୁ ଦାଦନ ଯାଉଛନ୍ତି ସେହି ରାଜ୍ୟ ସହିତ ଆଲୋଚନା ହେବ। ତା'ର କାରଣ ଖୋଜାଯାଇ ନିରାକରଣ ବାହାର କରାଯିବ।

**ଦାଦନ ଶ୍ରମିକ ହ୍ରାସ କରିବାକୁ ଟାସ୍କଫୋର୍ସ କମିଟିର ବୈଠକ**

ଧାନ କୁଇଣ୍ଟାଲ ପିଛା ୮୦୦ ଟଙ୍କା ଇନ୍‌ପୁଟ୍ ସବସିଡି ଯୋଗୁ ଦାଦନ କମିଛି। ସମ୍ପୂର୍ଣ୍ଣ ରୋକିବା ଦିଗ ଉପରେ ଆଲୋଚନା କରୁଛୁ ବୋଲି ସୋମବାର ଲୋକସେବା ଭବନଠାରେ ଅନୁଷ୍ଠିତ ଦାଦନ ଶ୍ରମିକ ହ୍ରାସ ସମ୍ପର୍କିତ ଉଚ୍ଚସ୍ତରୀୟ ବୈଠକ ପରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି।

# ଓଡ଼ିଶା ହେବ ଇଲେକ୍ଟ୍ରୋନିକ୍ସ କମ୍ପୋନେଣ୍ଟ ହବ୍

**ଇସିଏମ୍ ନୀତିକୁ କ୍ୟାବିନେଟ୍‌ର ମୋହର**

ଭୁବନେଶ୍ୱର,୨୫।୮ (ରବିନାରାୟଣ ଜେନା)

ଓଡ଼ିଶାକୁ ଏକ ଇଲେକ୍ଟ୍ରୋନିକ୍ସ କମ୍ପୋନେଣ୍ଟ ଉତ୍ପାଦନ (ଇସିଏମ୍) ହବ୍‌ରେ ପରିଣତ କରିବା ପାଇଁ ରାଜ୍ୟ ସରକାର ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଓଡ଼ିଶା ଇଲେକ୍ଟ୍ରୋନିକ୍ସ କମ୍ପୋନେଣ୍ଟ ଉତ୍ପାଦନ ନୀତି-୨୦୨୫କୁ ଅନୁମୋଦନ କରାଯାଇଛି। ବୈଠକ ପରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ କହିଛନ୍ତି, ଏହି ନୀତି କାର୍ଯ୍ୟକାରୀ ହେବା ପରେ ଉଚ୍ଚ ଦକ୍ଷତାସମ୍ପନ୍ନ ନିଯୁକ୍ତି ସୃଷ୍ଟି ହେବା ସହ ଭାରତର ଇଲେକ୍ଟ୍ରୋନିକ୍ସ କମ୍ପୋନେଣ୍ଟଗୁଡ଼ିକର ଆମଦାନୀ ନିର୍ଭରତାକୁ ହ୍ରାସ କରିବ। ଏହି ନୀତିରେ ଏକ ସମ୍ପୂର୍ଣ୍ଣ ପ୍ରୋତ୍ସାହନ ଫ୍ରେମ୍‌ୱର୍କ ରହିଛି, ଯାହା କେନ୍ଦ୍ର ସରକାରଙ୍କ ଇଲେକ୍ଟ୍ରୋନିକ୍ସ କମ୍ପୋନେଣ୍ଟ ଉତ୍ପାଦନ ଯୋଜନା (ଇସିଏମ୍‌ଏସ୍)ର ସହାୟତାକୁ ପୂର୍ଣ୍ଣରୂପେ ମ୍ୟାଚ୍ କରୁଛି। ନିବେଶକାରୀମାନେ ପ୍ରଥମ ୧୦ଟି ମେଗା ପ୍ରକଳ୍ପ ୫୦% ପୁଞ୍ଜି ସବ୍‌ସିଡି ବାଛିପାରିବେ କିମ୍ବା ମ୍ୟାଚିଂ ସବ୍‌ସିଡି ସହ ଟର୍ନଓଭର୍-ଲିଙ୍କ୍‌ଡ ପ୍ରୋତ୍ସାହନ ଏବଂ ଅତିରିକ୍ତ ପୁଞ୍ଜି ସବ୍‌ସିଡି ଦ୍ୱାରା ପରିପୂରକ ସବ୍‌ସିଡି ମଧ୍ୟରୁ ଗୋଟିଏକୁ ବାଛିପାରିବେ। ଅନ୍ୟାନ୍ୟ ମୁଖ୍ୟ ଲାଭ ମଧ୍ୟରେ ଜମି ବଣ୍ଟନ, ଭଡ଼ା ସହାୟତା, ୧୦ ବର୍ଷର ବିଦ୍ୟୁତ୍ ଶୁଳ୍କ ଛାଡ଼ ଏବଂ ବିଦ୍ୟୁତ୍ ଟାରିଫ୍ ରିମ୍ବର୍ସମେଣ୍ଟ ରହିଛି, ଯାହା ପ୍ରକଳ୍ପ ନିବେଶର ୭୫% ମଧ୍ୟରେ ସୀମିତ ରହିବ। ଏହାଛଡ଼ା ମେଗା ପ୍ରୋଜେକ୍ଟଗୁଡ଼ିକ ପାଇଁ ବିଶେଷ ବ୍ୟବସ୍ଥା ରହିଛି, ଯେଉଁଥିରେ ୫୦୦ କୋଟି ଟଙ୍କାରୁ ଅଧିକ ବିନିଯୋଗ କିମ୍ବା ୧୦୦୦ରୁ ଅଧିକ ନିଯୁକ୍ତି ସୃଷ୍ଟି କରୁଥିବା ପ୍ରକଳ୍ପଗୁଡ଼ିକୁ କଷ୍ଟୋମାଇଜଡ୍ ରିହାତି ପ୍ରଦାନ କରାଯିବ।

**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ସାତ ଥର ଯିବ ଗଙ୍ଗା,**
**ଥରେ ଯାଇଥିବ ଚନ୍ଦରଭାଗା,**
**ମୁହଁ ପଡ଼ିଯିବ ରଙ୍ଗା।**

ଆଗକାଳରେ ଗମନାଗମନର ସେତେଟା ସୁବିଧା ନ ଥିଲା। ପ୍ରମୁଖ ସ୍ଥାନକୁ ବାଦ୍ ଦେଲେ ଅନ୍ୟ ସ୍ଥାନକୁ ଯିବା ଆସିବାରେ ଲୋକେ ଅଧିକ ହଇରାଣ ହରକତ ହେଉଥିଲେ। ସେହିପରି ଗଙ୍ଗା ଭଳି ଚନ୍ଦ୍ରଭାଗା ସ୍ଥଳର ପରିଚ୍ଛନ୍ନତା ସେତେଟା ଆଖିଦୃଶିଆ ବା ଉଚ୍ଚକୋଟୀର ନ ଥିଲା। ଫଳରେ ଲୋକେ ସେଠାକୁ ଯିବା ନିମନ୍ତେ ସେତେ ଆଗ୍ରହ ଦେଖାଉ ନ ଥିଲେ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ସଞ୍ଜେ ସକାଳେ ନିଦ ଯାଏ,**
**ତା'ରି ପଇସା ବଇଦ ଖାଏ।**

ସକାଳେ ଓ ସନ୍ଧ୍ୟାକାଳରେ ନିଦ୍ରା ଯିବା ନେଇ ବାରଣ କରାଯାଇଥାଏ। ଏଭଳି ସମୟରେ ନିଦ୍ରା ଗଲେ ଦେହ ଅସୁସ୍ଥ ରହିବାର ସମ୍ଭାବନା ରହିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବିଧାନସଭା: ପୂର୍ବତନ ବିଧାୟକ କରେନ୍ଦ୍ରଙ୍କୁ ଶେଷ ସମ୍ମାନ



ଭୁବନେଶ୍ୱର,୨୫।୮ (ରବିନାରାୟଣ ଜେନା)

କନ୍ଧମାଳ ଜିଲା ବାଲିଗୁଡ଼ାର ପୂର୍ବତନ ବିଧାୟକ କରେନ୍ଦ୍ର ମାଝୀଙ୍କୁ ସୋମବାର ବିଧାନସଭାରେ ପୋଲିସ ବାହିନୀ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ା, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ,ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ବିଧାୟକ ବାବୁ ସିଂ, ପୋଲିସ କମିଶନର ଏସ. ଦେବଦତ୍ତ ସିଂ, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ମାଝୀଙ୍କୁ ପୁଷ୍ପାର୍ଘ୍ୟ ଅର୍ପଣପୂର୍ବକ ଶେଷ ଦର୍ଶନ କରିଥିଲେ।

## ଯାଜପୁରରେ ବନ୍ୟା...

ପ୍ରଥମ ପୃଷ୍ଠାରୁ...

ପ୍ରାୟ ୧୦ ଫୁଟ୍ ଉଚ୍ଚରେ ପ୍ରବାହିତ ହେଉଥିଲା। ଅହିୟାସ ବଜାରରେ ପାଣି ଲହଡ଼ି ମାରୁଥିବାବେଳେ କାଟିଆ ଓ ବୈଶପାନ ମୁଖ୍ୟ ରାସ୍ତାରେ ୪ ଫୁଟ୍ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଛି। ଯୋଗାଯୋଗ ସମ୍ପୂର୍ଣ୍ଣ ବ୍ୟାହତ ହେବା ସହ ଶତାଧିକ ଲୋକଙ୍କ ଘରେ ବନ୍ୟାପାଣି ପଶିଯାଇଛି। ଘାଇ ନିକଟରେ ଥିବା ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଘରର ଝରକା ପର୍ଯ୍ୟନ୍ତ ପାଣି ଲାଗି ରହିଛି। ଲୋକେ ଜୀବନ ବିକଳରେ ଘରୁ ପଳାଇଆସି ନଦୀବନ୍ଧ, ବନ୍ୟା ଆଶ୍ରୟସ୍ଥଳୀଗୁଡ଼ିକରେ ଆଶ୍ରୟ ନେଇଛନ୍ତି। ଏହି ଘାଇ ଫଳରେ ବ୍ଲକର କସ୍‌ପା, ତରପଦା, ମଲ୍ଲିକାପୁର, କନିକାପଡ଼ା, ଛଚିଣା, ମଙ୍ଗଳପୁର, ଶୁଣ୍ଠୁଆ, ଦୁଦୁରାଅଣ୍ଟା, ନିଜାମପୁର, ଦଉପୁର, ଖାନନଗର, କମାରଡିହି, କଥାଁ ଆଦି ପଞ୍ଚାୟତ ଅଞ୍ଚଳରେ ବନ୍ୟା ପାଣି ପ୍ରବେଶ କରିଛି। ବହୁ ହଜାର ହେକ୍ଟର ଧାନଜମିରେ ପାଣି ମାଡ଼ିଯାଇଛି। ବନ୍ୟାଘେରରେ ଥିବା କଟିକଟା ତରେଇ ସାହିର ୭୦ବର୍ଷ ବୟସ୍କା ଭାଗବତ ମାଝି ବୈତରଣୀ ନଦୀର ବନ୍ୟାସ୍ରୋତରେ ଭାସିଯାଇଛନ୍ତି। ଖବର ପାଇ ଦମକଳ ବାହିନି ସହ ଓଡ୍ରାଫ୍ ଟିମ୍ ଭାସିଯାଇଥିବା ଭାଗବତଙ୍କୁ ନଦୀଗର୍ଭରୁ ଉଦ୍ଧାର କରିବା ପରେ ଜିଲା ସଦରମହକୁମା ଚିକିତ୍ସାଳୟକୁ ନେଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଘାଇ ହୋଇଥିବା ଖବର ପାଇ ଜିଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲାପାଳ ଶିବାନନ୍ଦ ସ୍ୱାଇଁ, ବିଡିଓ ଆକାଶ ପଟ୍ଟନାୟକ ପ୍ରମୁଖ ସେଠାରେ ପହଞ୍ଚିବା ସହ ପାଣିଘେରରେ ଥିବା ଲୋକମାନଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର ବ୍ୟବସ୍ଥା କରିଛନ୍ତି। ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ବିଧାୟିକା ସୁଜାତା ସାହୁ, ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ଭାଜପା ନେତା ଗୌତମ ରାୟ, ସଂଜୟ ନାୟକ, ରମେଶ ଚନ୍ଦ୍ର ସାମଲ, ପ୍ରତ୍ୟୁଷ ନାୟକ, ଇନ୍ଦ୍ରଜିତ ଦାସ, ନିରଞ୍ଜନ ସାହୁ, ରମାକାନ୍ତ ଜେନା ପ୍ରମୁଖ ଘାଇ ଅଞ୍ଚଳ ପରିଦର୍ଶନ କରି ଲୋକମାନଙ୍କୁ ଉଦ୍ଧାର ସହ ରିଲିଫ୍ ସାମଗ୍ରୀ ଯୋଗାଇ ଦେବା ପାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି। ସେହିପରି ଜଳସମ୍ପଦ ବିଭାଗ ପକ୍ଷରୁ ବନ୍ୟା ଉପରେ ସମ୍ପୂର୍ଣ୍ଣ ନଜର ରଖାଯାଇଛି। ଯାଜପୁର ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରତ୍ନାକର ଦଳାଇ, ସହକାରୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି, କନିଷ୍ଠ ଯନ୍ତ୍ରୀ ଅରୁଣ ତ୍ରିପାଠୀ ପ୍ରମୁଖ ବନ୍ୟା ପ୍ଲାବିତ ଦଶରଥପୁର ବ୍ଲକରେ ଡେରା ପକାଇ ବୈତରଣୀ ଓ କାଣୀ ନଦୀବନ୍ଧରେ ବିଭିନ୍ନ ସ୍ଥାନରେ ହୋଇଥିବା ଘଳିଆଗୁଡିକୁ ମରାମତି କରିବା ସହ ଦୁର୍ବଳ ସ୍ଥାନଗୁଡ଼ିକ ଉପରେ ନଜର ରଖିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ରାଶ୍ୟାଧିପତିଙ୍କ ସହ ଷଷ୍ଠଭାବସ୍ଥ ଯୋଗୁ ପାରିବାରିକ ସମସ୍ୟା ସକାଶେ ଚିନ୍ତିତ ରହିବେ। କର୍ମକ୍ଷେତ୍ରକୁ ବୁଧ ଓ ଶୁକ୍ରଙ୍କ ଦୃଷ୍ଟି ସହକର୍ମୀଙ୍କ ନିକଟରୁ ଆର୍ଥିକ ସାହାଯ୍ୟ ଭିକ୍ଷା କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ସାହିତ୍ୟରେ ସ୍ଥିତି ଭଲ ରହିବ। ସଭାସମିତିକୁ ନିମନ୍ତ୍ରିତ ହୋଇ ବୁଦ୍ଧିଜୀବୀଙ୍କ ଦ୍ୱାରା ପ୍ରଶଂସିତ ହେବା ସହ ସୌଭାଗ୍ୟ ଅର୍ଜନ କରିବେ।

**ବୃଷ** ଶୁକ୍ରଙ୍କ ପ୍ରଭାବରେ ସୌଖୀନ ଦ୍ରବ୍ୟ, ବିଳାସବ୍ୟସନ, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ, କ୍ରୀଡ଼ାରେ ନୈପୁଣ୍ୟତା ପ୍ରଦାନ କରିବେ। ବନ୍ଧୁମେଳରେ କୌଣସି ଆଲୋଚନା ପରିପ୍ରେକ୍ଷୀରେ ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ଯାତ୍ରା ସମୟରେ ଅନ୍ୟମନସ୍କ ହେତୁ ବ୍ୟତିକ୍ରମ ପରିଲକ୍ଷିତ ହେବ। ଅର୍ଥ ସଙ୍କଟରୁ ଆଶା ଅପୂରଣ ରହିଯିବ।

**ମିଥୁନ** ଧନଲାଭାଧିପତିଙ୍କ ସଂଯୋଗରୁ ଅର୍ଥପ୍ରାଚୁର୍ଯ୍ୟ ଲାଭକରି ଖୁସି ମନରେ ଦିନଟିକୁ ବିତାଇନେବେ। ଯେଉଁ ବିଷୟ ନେଇ ଚିନ୍ତା କରୁଥିଲେ ଆଜି ତାହା କାମରେ କରି ଦେଖାଇବ। ବାଣିଜ୍ୟ, ପରିବହନ, ନିର୍ମାଣ ଓ ସଭାସମିତିରେ କାମ ଶୃଙ୍ଖଳିତ ହେବ। ସାହିତ୍ୟ, ସାମ୍ବାଦିକତା, ପ୍ରକାଶନ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରହେବ।

**କର୍କଟ** ଚନ୍ଦ୍ର ଓ ବୁଧଙ୍କ କ୍ଷେତ୍ର ବିନିମୟଜନିତ ପ୍ରିୟ ବନ୍ଧୁଟି ପାଖରୁ ପ୍ରେରଣା ଲାଭକରି କାର୍ଯ୍ୟାରମ୍ଭ କରିପାରନ୍ତି। ଘରକୁ ଫେରିବା ସମୟରେ ଘରର ବରାଦ ଅନୁଯାୟୀ ମନୋରଞ୍ଜନ ଜିନିଷ କ୍ରୟ କରିବେ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ସହଜରେ ପୂର୍ଣ୍ଣାଙ୍ଗ କରିବେ। ବିରୋଧ କରୁଥିବା ବ୍ୟକ୍ତି ପ୍ରତି ଯଥା ସମ୍ଭବ ଜଗିରଖି ଚଳିବା ଭଲ ହେବ।

**ସିଂହ** କର୍ମାଧିପତି ଦ୍ୱାଦଶସ୍ଥ ଯୋଗୁ କର୍ମକ୍ଷେତ୍ରରେ ସହକର୍ମୀ ବିରୁଦ୍ଧାଚରଣ ଚେଷ୍ଟା କରିପାରନ୍ତି। ପରିବାରରେ ଅଯଥା ସାଧାରଣ କଥାକୁ କେନ୍ଦ୍ରକରି ବିତର୍କର ସୂଚନା ରହିଛି। ଗୃହ, ଯାନ କ୍ରୟ, ଭ୍ରମଣ,ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ସାହିତ୍ୟ ଚର୍ଚ୍ଚା, ଗବେଷଣା, ଅନୁସନ୍ଧାନ ଓ ରାଜନୀତିରେ ସଫଳ ହୋଇପାରିବେ।

**କନ୍ୟା** ଅଷ୍ଟମାଧିପତିଯୁକ୍ତ ଲାଭାଧିପତି ଯୋଗୁ ଅନେକ ଆଶା ନେଇ ଯାହା କରିବାକୁ ଯାଉଛନ୍ତି ସେଥିରେ ସଫଳତା ପାଇବା କଷ୍ଟକର ହେବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହାକି ସମସ୍ୟାକୁ ବଢ଼ାଇଦେଇପାରେ। ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟହେବେ।

**ତୁଳା** ଆଜିର କାମଗୁଡ଼ିକ ସଂଘର୍ଷପୂର୍ଣ୍ଣ ରହିଲେ ମଧ୍ୟ ଲକ୍ଷ୍ୟହାସଲ କରିପାରିବେ। ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ଜଣେ ବନ୍ଧୁ ଖୁସି ଖବର ସାଙ୍ଗକୁ କିଛି ଅର୍ଥ ଦେଇଯିବେ। ଆଜିର ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିବ, କିନ୍ତୁ ବିଶେଷ ଗୁରୁତର ହେବ ନାହିଁ।

**ବିଛା** ସ୍ୱଗୃହୀ ରବିଙ୍କ ଯୋଗୁ କର୍ମକ୍ଷେତ୍ରରେ ବହୁଦିଗରୁ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆଶାନୁରୂପ ଫଳ ପାଇ ଖୁସି ହେବେ। ଦୀର୍ଘଦିନର ବିବାଦୀୟ ଘଟଣାର ଅବସାନ ଘଟିବ, କିନ୍ତୁ ଏଥିପାଇଁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ।

**ଧନୁ** ଗୁରୁଙ୍କ ଅନୁକମ୍ପାରୁ ବନ୍ଧୁଙ୍କ ସଦ୍‌ଭାବ, ସହକର୍ମୀଙ୍କ ସହଯୋଗ କାମ ହାସଲକୁ ତ୍ୱରାନ୍ୱିତ କରିବ। ଅଫିସରେ ଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଭୁଲ୍ ଖବରଟିଏ ପାଇ ବିବ୍ରତ ହୋଇପାରନ୍ତି। ବନ୍ଧୁଙ୍କ ଅନୁରୋଧରେ ଭ୍ରମଣହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେବ। ଆର୍ଥିକ ଉନ୍ନତିର ଆଶା ଉଜ୍ଜ୍ୱଳତର ହେବ ।

**ମକର** ତୃତୀୟସ୍ଥ ଶନିଙ୍କ ଯୋଗୁ ପ୍ରିୟଜନଙ୍କ ପରାମର୍ଶରେ ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। କର୍ମକ୍ଷେତ୍ରରେ ସାହାଯ୍ୟର ପ୍ରତିଶ୍ରୁତି ପାଇ ମନୋବଳ କ୍ରମଶଃ ବୃଦ୍ଧିପାଇବ। ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ, କିନ୍ତୁ ବ୍ୟବସାୟିକ ଦିଗଟି ଭଲ ରହିବ। ଆଜିର ଯାତ୍ରା ଓ ଆନୁଷ୍ଠାନିକ କାମରୁ ସାମୟିକ ଖୁସି ରହିପାରନ୍ତି।

**କୁମ୍ଭ** ଚନ୍ଦ୍ରଙ୍କ ଉପରେ ଶନିଦୃଷ୍ଟିଜନିତ ଅଧିକାଂଶ ସମୟ ଅନ୍ୟମନସ୍କ ରହିବାରୁ ପ୍ରକୃତ ଆନନ୍ଦକୁ ଉପଭୋଗ କରି ପାରିବେ ନାହିଁ। ଅପ୍ରିୟ ସତ୍ୟ କଥା ବନ୍ଧୁଙ୍କ ମନରେ ଦୁଃଖ ଦେବ। କର୍ମକ୍ଷେତ୍ରରେ ପ୍ରତିବନ୍ଧକକୁ ସାମ୍ନା କରିବାର ଧୈର୍ଯ୍ୟ ଧରି ମୁକାବିଲାର ସମ୍ମୁଖୀନ ହେବେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ସମସ୍ୟା ବଢ଼ିପାରେ।

**ମୀନ** ସ୍ୱସ୍ଥାନହନ୍ତା ବୃହସ୍ପତିଙ୍କ କୁପ୍ରଭାବରେ ପାରିବାରିକ କ୍ଷେତ୍ରରେ ରହିଆସିଥିବା ସମସ୍ୟା ହେତୁ ଦୁର୍ଭାବନା ବଢ଼ିବ। ପରିବହନ, ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିବେ। ଆନୁଷ୍ଠାନିକ କାର୍ଯ୍ୟରେ ଅଗ୍ରଣୀ ଭୂମିକା ଗ୍ରହଣକରି ପ୍ରଶଂସିତ ହେବ।

ଆଜି ଅଗଷ୍ଟ ୨୬ ତାରିଖ, ମଦର ଟେରେସା ଜୟନ୍ତୀ, ଶ୍ରୀମନ୍ଦିରରେ ଅନ୍ଧପ୍ରସ୍ତାବ ଲୀଳା, ବାଲିତୃତୀୟା ଗୌରୀବ୍ରତ, ଭାଦ୍ରବ ଶୁକ୍ଳ ତୃତୀୟାଯୁକ୍ତ ଚତୁର୍ଥୀ ମଙ୍ଗଳବାର। ରାଶିନକ୍ଷତ୍ର-ହସ୍ତା/କନ୍ୟା, ତୃତୀୟାର ଏକୋଦ୍ଦିଷ୍ଟ ଶ୍ରାଦ୍ଧ। ଦିବା ଘ.୦୮।୪୦ ଗତେ, ଘ.୧୦।୩୩ ମଧ୍ୟେ, ଘ.୦୧।୦୩ ଗତେ, ଘ.୦୧।୨୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୫୫ ଗତେ, ଘ.୦୪।୨୯ ମଧ୍ୟେ ରାହୁକାଳ।

# ଓଡ଼ିଆ ଆଦିବାସୀ ଝିଅଙ୍କୁ ମିଳିବ ସ୍ୱତନ୍ତ୍ର ପାଇଲଟ ଟ୍ରେନିଂ

ଭୁବନେଶ୍ୱର,୨୫।୮
(ଅନୁରାଧା ମହାରଣା)

ଓଡ଼ିଶାର ଆଦିବାସୀ ଝିଅ ହେବେ ପାଇଲଟ୍। ଏଥିପାଇଁ ରାଜ୍ୟ ସରକାର ବିଲ୍ଡିଂ ଆଣ୍ଡ ମ୍ୟାନେଜମେଣ୍ଟ ଅଫ୍ ଆଭିଏଶନ୍ ଆସେଟ୍ସ ଆଣ୍ଡ ନେଟୱର୍କ (ବିମାନ) ଅଧୀନରେ କ୍ୟାଡେଟ ପାଇଲଟ ପ୍ରୋଗ୍ରାମ ଆରମ୍ଭ କରିବାକୁ ଯାଉଛନ୍ତି। ଆଦିବାସୀ ଝିଅମାନଙ୍କୁ ପାଇଲଟ ହେବା ପାଇଁ ସ୍ୱତନ୍ତ୍ର ଟ୍ରେନିଂ ଦିଆଯିବ। ଭୁବନେଶ୍ୱରଠାରେ ଆୟୋଜିତ ପୂର୍ବାଞ୍ଚଳ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀମଣ୍ଡଳ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘୋଷଣା କରିଛନ୍ତି। ସମ୍ମିଳନୀରେ ରାଜ୍ୟ ସରକାର ବିମାନ ମେଣ୍ଟେନାନ୍ସ, ରିପେୟାର ଆଣ୍ଡ ଓଭରହଲ୍(ଏମ୍ଆର୍ଓ) ସେବାଦାତା ଏୟାର ୱାର୍କସ୍ ସହ ଏକ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଚୁକ୍ତି ଅନୁସାରେ, ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏକ ଆଧୁନିକ ଏମ୍ଆର୍ଓ ସୁବିଧା ସ୍ଥାପିତ ହେବ। ଏଥିସହିତ ରାଜ୍ୟର ଯୁବକମାନଙ୍କ ପାଇଁ ଦକ୍ଷତା ବିକାଶ, ପ୍ରଶିକ୍ଷଣ ଓ ଚାକିରି ସୁଯୋଗ ସୃଷ୍ଟି ଲାଗି ମଧ୍ୟ ଏୟାର ୱାର୍କସ୍ ସହ ଆଉଏକ ଚୁକ୍ତି ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜାତୀୟ ଓ ଅନ୍ତର୍ଜାତୀୟ ବିମାନ ପରିବହନ କ୍ଷେତ୍ରରେ, ଓଡିଶାକୁ ଆଗକୁ ନେବା ପାଇଁ ଢେଙ୍କାନାଳ ଜିଲାର ବିରାଶୋଳଠାରେ ଏକ ବିଶ୍ୱସ୍ତରୀୟ ବିମାନ ପ୍ରଶିକ୍ଷଣ କେନ୍ଦ୍ର ନିର୍ମାଣ ହେବାକୁ ଯାଉଛି। ପୁରୀରେ ଏକ ବିଶ୍ୱସ୍ତରୀୟ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ହେଉଛି ଓ ଏହି ବିମାନବନ୍ଦର ସାରା ବିଶ୍ୱର କୋଟି କୋଟି ଜଗନ୍ନାଥ ଭକ୍ତଙ୍କ ପାଇଁ ଏକ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଦ୍ୱାରପଥ ହେବ। ଏଥିସହିତ ଝାରସୁଗୁଡା ବିମାନବନ୍ଦରର ସମ୍ପ୍ରସାରଣ ପାଇଁ ଜମି ବ୍ୟବସ୍ଥା କରାଯାଇଛି। ଗତ ୧୪ ମାସ ମଧ୍ୟରେ ଓଡିଶାର ବିମାନବନ୍ଦରଗୁଡ଼ିକୁ ୧୫ଟି ନୂଆ ଗନ୍ତବ୍ୟ ସହିତ ଯୋଡ଼ାଯାଇଛି। ସେହିପରି ରାଜ୍ୟର ବିମାନବନ୍ଦରଗୁଡ଼ିକ ପାଇଁ ସରକାର ଏକ ପ୍ରୋଗ୍ରେସିଭ୍ ଲ୍ୟାଣ୍ଡ ଆଲଟମେଣ୍ଟ ପଲିସି ଆଣିବାକୁ ଯାଉଛନ୍ତି। ଏହି ପଲିସି ଅନୁସାରେ, ବିମାନ ବନ୍ଦରଗୁଡ଼ିକ ଭିତରେ ଫ୍ଲାଇଂ ପ୍ରଶିକ୍ଷଣ, ୟୁଏଭି ପ୍ରଶିକ୍ଷଣ ଓ ବିମାନ କ୍ରୀଡ଼ା କାର୍ଯ୍ୟକଳାପ ସମ୍ଭବ ହେବ। ରାଜ୍ୟରେ ବ୍ୟବହାର ହେଉ ନ ଥିବା ବିମାନ ପଥ (ଏୟାରଷ୍ଟ୍ରିପ୍)ଗୁଡ଼ିକୁ ସରକାର ବିମାନବନ୍ଦର ରୂପେ ବିକଶିତ କରୁଛନ୍ତି। ଏଭଳି ୧୪ଟି ବିମାନବନ୍ଦର ହେବ। ଯେଉଁ ଜିଲାରେ ବିମାନବନ୍ଦର ନାହିଁ, ସେଠାରେ ୧୫ଟି ହେଲିପୋର୍ଟ ସ୍ଥାପନ ହେବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

ସମ୍ମିଳନୀରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ କିଞ୍ଜାରାପୁ ଯୋଗଦେଇ କହିଲେ, ହାୱାଇ ଚପଲ ପିନ୍ଧିଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ଏବେ ଉଡ଼ାଜାହାଜରେ ଯିବା ସୁଯୋଗ ମିଳିବ। ପ୍ରଧାନମନ୍ତ୍ରୀଙ୍କ ଏହି ସ୍ୱପ୍ନକୁ ସରକାର ସମ୍ପୂର୍ଣ୍ଣ ରୂପରେ କାର୍ଯ୍ୟକାରୀ କରିବାକୁ ପ୍ରୟାସ କରୁଛନ୍ତି। ଓଡ଼ିଶାକୁ ବିମାନ ଚଳାଚଳ ଭିତ୍ତିଭୂମି ପାଇଁ ସବୁ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି କିଞ୍ଜାରାପୁ ପ୍ରତିଶ୍ରୁତି ଦେଇଛନ୍ତି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହଲ, ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ଛତିଶଗଡ଼ ଅର୍ଥମନ୍ତ୍ରୀ ଓମ୍ ପ୍ରକାଶ ଚୌଧୁରୀ ପ୍ରମୁଖ ଯୋଗଦେଇ ଅଭିଭାଷଣ ରଖିଥିଲେ। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ସଚିବ ସମୀର ସିହ୍ନା ସ୍ୱାଗତ ଭାଷଣ ଦେଇଥିବା ବେଳେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ବିବରଣୀ ରଖିବା ସହ ଧନ୍ୟବାଦ ଦେଇଥିଲେ।



ପୂର୍ବାଞ୍ଚଳ ବେସାମରିକ ବିମାନ ଚଳାଚଳ ମନ୍ତ୍ରିମଣ୍ଡଳ ସମ୍ମିଳନୀରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ କିଞ୍ଜାରାପୁ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ଦୁଇ ମନ୍ତ୍ରୀଙ୍କ ଉପସ୍ଥିତିରେ ଏୟାର ୱାର୍କସ ସହ ଚୁକ୍ତିସ୍ୱାକ୍ଷର କରାଯାଉଛି।

**ପୂର୍ବାଞ୍ଚଳ ବେସାମରିକ ବିମାନ ପରିବହନ ମନ୍ତ୍ରିମଣ୍ଡଳ ସମ୍ମିଳନୀ**

- ଢେଙ୍କାନାଳରେ ହେବ ବିଶ୍ୱସ୍ତରୀୟ ବିମାନ ପ୍ରଶିକ୍ଷଣ କେନ୍ଦ୍ର
- ବିମାନ ବନ୍ଦରଗୁଡ଼ିକ ପାଇଁ ଆସିବ ପ୍ରୋଗ୍ରେସିଭ୍ ଲ୍ୟାଣ୍ଡ ଆଲଟମେଣ୍ଟ ପଲିସି

## ରାଜସ୍ୱ ଅମଲା କର୍ମଚାରୀଙ୍କୁ ଶୃଙ୍ଖଳା ଛାଟ

### ସବୁ ଜିଲାପାଳଙ୍କଠାରୁ ସରକାର ଲୋଡ଼ିଲେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ

ଭୁବନେଶ୍ୱର,୨୫।୮
(ରବିନାରାୟଣ ଜେନା)

ଦୀର୍ଘ ୧୪ଦିନ ଧରି ୧୦ଦଫା ଦାବି ନେଇ ଧାରଣାରତ ରାଜସ୍ୱ ଅମଲା କର୍ମଚାରୀଙ୍କ ଉପରେ ରାଜସ୍ୱ ବିଭାଗର ଛାଟ ପଡ଼ିଛି। ସୋମବାର ରାଜସ୍ୱ ବିଭାଗ ପକ୍ଷରୁ ସବୁ ଜିଲାପାଳଙ୍କୁ ଚିଠି ଲେଖାଯାଇ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଲୋଡ଼ାଯାଇଛି। ଏନେଇ ରାଜସ୍ୱ ବିଭାଗ ଅତିରିକ୍ତ ସଚିବ ଆଲୋମଣି ସେଠୀ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ଛୁଟିରେ ଯାଇଥିବା ସମସ୍ତ କର୍ମଚାରୀଙ୍କ ତାଲିକା ସହିତ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତା'ର ରିପୋର୍ଟ ତୁରନ୍ତ ସରକାରଙ୍କୁ ଅବଗତ କରାଅ।

## ଭୁବନେଶ୍ୱର ବିମାନବନ୍ଦରରେ ୧୦ ଟଙ୍କାରେ ଚା', ପାଣି

ଭୁବନେଶ୍ୱର,୨୫।୮
(ଅନୁରାଧା ମହାରଣା)

**ଉଡାଣ ଯାତ୍ରୀ କାଫେ, କିଡ୍ସ ପ୍ଲେ ଜୋନ୍ ଉଦ୍‌ଘାଟିତ**

ଭାରତୀୟ ବିମାନବନ୍ଦର ପ୍ରାଧିକରଣ (ଏଏଆଇ) ପକ୍ଷରୁ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଟର୍ମିନାଲ-୧ରେ ଯାତ୍ରୀଙ୍କ ପାଇଁ ସୁଲଭ ମୂଲ୍ୟରେ ଖାଦ୍ୟ ଓ ପାନୀୟ ଯୋଗାଇ ଦେବାକୁ 'ଉଡାଣ ଯାତ୍ରୀ କାଫେ' ଖୋଲାଯାଇଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ କିଞ୍ଜାରାପୁ ସୋମବାର ଏହି କାଫେର ଉଦ୍‌ଘାଟନ କରି କହିଛନ୍ତି, ଉଡାଣ ଯୋଜନା ବିମାନ ଯାତ୍ରାକୁ ସମସ୍ତଙ୍କ ପାଇଁ ସୁଗମ କରିବା ଲାଗି ଆରମ୍ଭ ହୋଇଥିଲା। ବିମାନବନ୍ଦର ପରିସରରେ ଖାଦ୍ୟ ଓ ପାନୀୟର ଅଧିକ ମୂଲ୍ୟ ନେଇ ବାରମ୍ବାର ଅଭିଯୋଗ ଆସୁଥିଲା। 'ଉଡାଣ ଯାତ୍ରୀ କାଫେ' ସେହି ସମସ୍ୟାର ସମାଧାନ କରୁଛି। ଏହି କାଫେରେ ଏକ ବୋତଲ ପାଣି ଏବଂ ଏକ କପ ଚା' ମାତ୍ର ୧୦ ଟଙ୍କାରେ ମିଳୁଛି, ଆଉ ସିଙ୍ଗଡ଼ାର ମୂଲ୍ୟ ୨୦ ଟଙ୍କା ରହିଛି। ଏହା ପୂର୍ବରୁ କୋଲକାତାରେ ପ୍ରଥମ ଏଭଳି କାଫେ ଖୋଲାଯାଇଥିଲା।


## ଓଡ଼ିଶାର ୨ ଶିକ୍ଷକଙ୍କୁ ଜାତୀୟ ପୁରସ୍କାର



ବସନ୍ତ କୁମାର ରଣା ଓ ତରୁଣ କୁମାର ଦାଶ।

ମାଲକାନଗିରି/କୋରାପୁଟ, ୨୫।୮ (ଦୁର୍ଯ୍ୟୋଧନ ପାତ୍ର/ ଅମିତାଭ ବେହେରା)

ମାଲକାନଗିରିର ଶିକ୍ଷକ ବସନ୍ତ କୁମାର ରଣା ଓ କୋରାପୁଟର ତରୁଣ କୁମାର ଦାଶ ୨୦୨୫ ମସିହା ପାଇଁ ଜାତୀୟ ଶିକ୍ଷକ ପୁରସ୍କାର ପାଇବା ଲାଗି ମନୋନୀତ ହୋଇଛନ୍ତି। ମାଲକାନଗିରି କଦେଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ ବସନ୍ତ କାର୍ଯ୍ୟରତ ଅଛନ୍ତି। ପୁରସ୍କାର ବାବଦକୁ ଉଭୟ ୫୦ ହଜାର ଟଙ୍କାର ଅର୍ଥ ରାଶି ଓ ମାନପତ୍ର ୫ ସେପ୍ଟେମ୍ବର ଗୁରୁ ଦିବସରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଗ୍ରହଣ କରିବେ। ଏହି ଅବସରରେ ମାଲକାନଗିରି ଜିଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ବସନ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି କୋରାପୁଟର ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ତରୁଣ କାର୍ଯ୍ୟରତ ଅଛନ୍ତି। ଜାତୀୟ ଶିକ୍ଷକ ସମ୍ମାନ ପାଇଁ ମନୋନୀତ ହୋଇଥିବାରୁ ତାଙ୍କୁ କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ଶୁଭେଚ୍ଛା ଜଣାଇଛନ୍ତି। ପୂର୍ବରୁ କ୍ଷୁଦ୍ର ଚଳଚ୍ଚିତ୍ର ପଢ଼ିଆ କୁଟି ପାଇଁ ସେ ଜାତୀୟ ପୁରସ୍କାର ପାଇଛନ୍ତି। ତାଙ୍କ ଦ୍ୱାରା ନିର୍ଦ୍ଦେଶିତ ସଚେତନତା ଧର୍ମୀ କ୍ଷୁଦ୍ର ଚଳଚ୍ଚିତ୍ର 'ସଡ଼କ' ଓ 'ବାବାଜୀ କି ଠେଲା' ଜାତୀୟସ୍ତରରେ ପ୍ରଶଂସିତ ହୋଇଛି।




## ନବୀନ ନିବାସ ଯାଇ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ରାଜ୍ୟପାଳ




ନବୀନ ନିବାସରେ ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟିଙ୍କ ସହ ନବୀନ।

ଭୁବନେଶ୍ୱର, ୨୫।୮ (ସୁନିତ୍ ମିଶ୍ର)


ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି ସୋମବାର ନବୀନ ନିବାସ ଯାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଏହି ଅବସରରେ ଉଭୟଙ୍କ ମଧ୍ୟରେ ପ୍ରାୟ ୧୫ରୁ ୨୦ ମିନିଟ୍ ପର୍ଯ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ହୋଇଥିବା ଜଣାପଡ଼ିଛି। ବିରୋଧୀ ଦଳ ନେତା ନିଜ ସ୍ୱାସ୍ଥ୍ୟାବସ୍ଥାର ସ୍ଥିତି ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଛନ୍ତି। ଆଲୋଚନା ବନ୍ଧୁତ୍ୱପୂର୍ଣ୍ଣ ଏବଂ ଅନୌପଚାରିକ ରହିଥିବା ରାଜ୍ୟପାଳ ସୂଚନା ଦେଇଛନ୍ତି। ନବୀନଙ୍କ ଆଶୁ ଆରୋଗ୍ୟ, ଉତ୍ତମ ସ୍ୱାସ୍ଥ୍ୟ ଏବଂ ଦୀର୍ଘ ଜୀବନ ପାଇଁ ରାଜ୍ୟପାଳ ପ୍ରାର୍ଥନା କରିଛନ୍ତି।

ସୂଚନାଯୋଗ୍ୟ, ଡିହାଇଡ୍ରେସନ ଜନିତ ସମସ୍ୟା ଯୋଗୁ ନବୀନ କିଛିଦିନ ତଳେ ସ୍ଥାନୀୟ ଘରୋଇ ହସ୍ପିଟାଲ ସମ୍ ଅଲଟିମେଟ୍‌ରେ ଚିକିତ୍ସିତ ହୋଇଥିଲେ। ୪ ଦିନ ହସ୍ପିଟାଲରେ ରହିବା ପରେ ସେ ସୁସ୍ଥ ହୋଇ ନବୀନ ନିବାସ ଫେରିଛନ୍ତି। ଏହାପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଜାଣିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିକଟରେ ଯାଇଥିଲେ। ଏହାପରେ ରାଜ୍ୟପାଳ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା କଥା ବୁଝିଛନ୍ତି।









ମୁଖ୍ୟତଃ ଆମର ଏଠାରେ ବଂଚିବାର ଗୋଟିଏ ମାତ୍ର କାରଣ ହେଲା– ଆମେ ନିଜକୁ ଜାଣିବା– ଆମେ କ'ଣ ? ତାହା ହିଁ ଆମକୁ ଜାଣିବାକୁ ହେବ। ଆମେ ମଧ୍ୟ ଜାଣିବା– କାହିଁକି ଆମେ ଏଠାକୁ ଆସିଛୁ ଓ ଆମର କ'ଣ କରିବାକୁ ଅଛି ? ଯଦି ଆମେ ଏହା ଜାଣି ନାହୁଁ- ତେବେ ଆମ ଜୀବନ ଆମ ପାଇଁ ଓ ଅନ୍ୟ ପାଇଁ ନିରର୍ଥକ। –ଶ୍ରୀମା

-ବାଲିତୃତୀୟା, ଗୌରୀବ୍ରତ

# ଗାଜା ଦୁର୍ଭିକ୍ଷ

ମଧ୍ୟପ୍ରାଚ୍ୟର ଯୁଦ୍ଧବିଧ୍ୱସ୍ତ ପାଲେଷ୍ଟାଇନ୍‌ର ଗାଜାରେ ଏବେ ମନୁଷ୍ୟକୃତ ଦୁର୍ଭିକ୍ଷ ବା ଉତ୍କଟ ଖାଦ୍ୟାଭାବ ଦେଖାଦେଇଛି। ୭ ଅକ୍ଟୋବର ୨୦୨୩ର ଇସ୍ରାଏଲ ଓ ହମାସ ମଧ୍ୟରେ ଲାଗି ରହିଥିବା ଯୁଦ୍ଧ ଯୋଗୁ ଏଭଳି ସ୍ଥିତି ଉପୁଜିଛି ବୋଲି ଜାତିସଂଘ କହିଛି । ଦୀର୍ଘ ୨୨ ମାସର ସାମରିକ କାର୍ଯ୍ୟାନୁଷ୍ଠାନ ଗାଜାକୁ ଧ୍ୱଂସସ୍ତୂପରେ ପରିଣତ କରିଛି ବୋଲି ଅନ୍ତର୍ଜାତୀୟ ସ୍ତରରେ ଯେଉଁ ବ୍ୟାଖ୍ୟାନ ସୃଷ୍ଟି କରାଯାଇଛି ତାହାକୁ ତର୍ଜମା କରାଯିବା ଦରକାର। ଇସ୍ରାଏଲ ଉପରେ ଆତଙ୍କବାଦୀ ସଙ୍ଗଠନ ହମାସ ପ୍ରଥମେ ଆକ୍ରମଣ କରି ଅନେକ ଇସ୍ରାଏଲୀଙ୍କୁ ମାରିଥିବା ବେଳେ ଅନେକଙ୍କୁ ପଣବନ୍ଦୀ କରିଥିଲା। ଇସ୍ରାଏଲ ପ୍ରତିଆକ୍ରମଣ କରିବାକୁ ଯାଇ ଯେତେବେଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ବର୍ତ୍ତମାନ ତାହାକୁ ଦୋଷୀ ଭାବେ ଦେଖାଯାଉଛି। ଯାହା କୁହାଯାଉଛି ଯେ ଗାଜା ଅଞ୍ଚଳର ଲୋକଙ୍କ ପାଖକୁ ପଠାଯାଉଥିବା ଖାଦ୍ୟକୁ ଇସ୍ରାଏଲ ବନ୍ଦ କରୁଛି, ତାହାକୁ ନେଇ ପ୍ରଶ୍ନ ଉଠିଲାଣି। କାରଣ ଅନ୍ତର୍ଜାତୀୟ ସହାନୁଭୂତି ଗୋଟାଇବାକୁ ଯାଇ ହମାସ ପାଲେଷ୍ଟିନୀୟ ମହିଳା ଓ ଶିଶୁଙ୍କୁ ବ୍ୟବହାର କରୁଛି ବୋଲି ମଧ୍ୟ ଶୁଣାଯାଉଛି। ବିଭିନ୍ନ ସହାୟତା କେନ୍ଦ୍ରରୁ ଗାଜାର ଲୋକମାନଙ୍କୁ ଖାଦ୍ୟ ଦିଆଯାଉ ନାହିଁ ବୋଲି ଦର୍ଶାଇବାରେ ହମାସର ହାତ ରହିଥିବା ଆଲୋଚନା ହେଉଛି। ଏହି ଆତଙ୍କବାଦୀ ସଙ୍ଗଠନକୁ ସମର୍ଥନ ଦେଇ ଅନେକ ରାଷ୍ଟ୍ର ଓ ଉଦାରବାଦୀ ଦେଖାଉଥିବା ବ୍ୟକ୍ତିମାନେ ଇସ୍ରାଏଲ ବିପକ୍ଷ ସ୍ଲୋଗାନ ଦେଉଛନ୍ତି। ଫଳରେ ବିଶ୍ୱବ୍ୟାପୀ ଗୋଟେ 'ଘୋ' ସୃଷ୍ଟି ହୋଇଯାଇଛି ଯେ, ଗାଜାରେ ମନୁଷ୍ୟକୃତ ଦୁର୍ଭିକ୍ଷ ଇସ୍ରାଏଲ ସୃଷ୍ଟି କରିଛି।

ଅନ୍ତର୍ଜାତୀୟ ସହାନୁଭୂତି ଗୋଟାଇବାକୁ ଯାଇ ହମାସ ପାଲେଷ୍ଟିନୀୟ ମହିଳା ଓ ଶିଶୁଙ୍କୁ ବ୍ୟବହାର କରୁଛି ବୋଲି ଶୁଣାଯାଉଛି। ବିଭିନ୍ନ ସହାୟତା କେନ୍ଦ୍ରରୁ ଗାଜାର ଲୋକମାନଙ୍କୁ ଖାଦ୍ୟ ଦିଆଯାଉ ନାହିଁ ବୋଲି ଦର୍ଶାଇବାରେ ହମାସର ହାତ ରହିଛି ବୋଲି ଆଲୋଚନା ହେଉଛି। ଏହି ଆତଙ୍କବାଦୀ ସଙ୍ଗଠନକୁ ସମର୍ଥନ ଦେଇ ଅନେକ ରାଷ୍ଟ୍ର ଓ ଉଦାରବାଦୀ ଦେଖାଉଥିବା ବ୍ୟକ୍ତିମାନେ ଇସ୍ରାଏଲ ବିପକ୍ଷ ସ୍ଲୋଗାନ ଦେଉଛନ୍ତି। ଫଳରେ ବିଶ୍ୱବ୍ୟାପୀ ଗୋଟେ 'ଘୋ' ସୃଷ୍ଟି ହୋଇଯାଇଛି ଯେ, ଗାଜାରେ ମନୁଷ୍ୟକୃତ ଦୁର୍ଭିକ୍ଷ ଇସ୍ରାଏଲ ସୃଷ୍ଟି କରିଛି।

ଏହି ପରିପ୍ରେକ୍ଷୀରେ ଗତ ମେ'ରେ ଭାରତ–ପାକିସ୍ତାନ ମଧ୍ୟରେ ହୋଇଥିବା ୪ ଦିନିଆ ଯୁଦ୍ଧକୁ ଉଦାହରଣ ଭାବେ ନିଆଯାଇପାରେ। 'ଅପରେଶନ ସିନ୍ଦୂର' ଜରିଆରେ ପାକିସ୍ତାନର ପ୍ରଭୂତ କ୍ଷତି ଭାରତ କରିଛି ବୋଲି ଗୋଟେ ବ୍ୟାଖ୍ୟାନ କରାଯାଇଥିଲା। ଯୁଦ୍ଧର ଅବଧି ବଢ଼ିଥିଲେ ପାକିସ୍ତାନୀମାନେ ଭାରତ ବିରୋଧୀ ଅଭିଯାନରେ ହୁଏତ ଅଧିକ ସଫଳ ହୋଇଥାଆନ୍ତେ। କାରଣ ଯେତିକି ଦିନର ଘଟଣା ବିଷୟରେ ଆଲୋଚନା ହେଲା ସେଥିରେ ଭାରତର ସ୍ୱର, ଇସ୍ରାଏଲ ଭଳିଆ ଦୁର୍ବଳ ପଡ଼ିଗଲା। ଭାରତୀୟମାନେ ସେମାନଙ୍କ ପଡ଼ୋଶୀ ଦେଶର ବ୍ୟବହାରକୁ ଭଲ ଭାବେ ଜାଣିଥିବାରୁ ସେମାନଙ୍କ ଆକ୍ରମଣାତ୍ମକ ଚରିତ୍ରକୁ ବୁଝିଛନ୍ତି। ସେହିପରି ଇସ୍ରାଏଲ ମଧ୍ୟ ତା' ଚାରିକଡ଼େ ଥିବା ମୁସଲମାନ ରାଷ୍ଟ୍ରର କାର୍ଯ୍ୟକଳାପକୁ ଦୀର୍ଘ ଦଶନ୍ଧି ଧରି ଦେଖିଆସୁଛି। ତା' ନିଜ ଭୂଖଣ୍ଡକୁ ସୁରକ୍ଷିତ ରଖିବା ଲାଗି ନେଉଥିବା ପଦକ୍ଷେପକୁ କେତେକ ରାଷ୍ଟ୍ର ପାଲେଷ୍ଟିନୀୟଙ୍କ ପାଇଁ ଘୋର ବିପତ୍ତି ଆଣିଥିବା କହୁଛନ୍ତି। ହେଲେ ପ୍ରଥମେ ଇସ୍ରାଏଲ ଉପରେ ଆକ୍ରମଣ କରିଥିବା ହମାସ ଓ ଅନେକ ଇସ୍ରାଏଲୀଙ୍କୁ ପଣବନ୍ଦୀ ରଖି ନିର୍ଯାତନା ଦେଉଥିବା ବିଷୟ ଏବେ ଅନ୍ତର୍ଜାତୀୟ ଗଣମାଧ୍ୟମରୁ ଲୁଚିଯାଉଛି। ଯେଉଁ ସମୟର ଇତିହାସକୁ ବଦଳାଇ ଦିଆଯାଏ, ସେତେବେଳେ ଅନ୍ୟାୟ କରୁଥିବା ବ୍ୟକ୍ତି ବା ଗୋଷ୍ଠୀ ନ୍ୟାୟବନ୍ତ ପାଲଟିଯିବାକୁ ଚେଷ୍ଟା କରେ। ଆଜି ଇସ୍ରାଏଲ ଭଳି ଭାରତ ମଧ୍ୟ ଏକ ପ୍ରକାରର ଅଠାକାଠିରେ ପଡ଼ିଛି।

# ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା ଓ ତା'ର ପ୍ରଭାବ



ଛାୟାକାନ୍ତ ଷଡ଼ଙ୍ଗୀ

ଓଡ଼ିଶାରେ ଯେତିକି ସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଅଛି ତାହା ରାଜ୍ୟର ଛାତ୍ରୀଛାତ୍ରଙ୍କ ପାଇଁ ଯଥେଷ୍ଟ ନୁହେଁ। ଏଣୁ ବେସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଖୋଲାଯାଉଛି ଏବଂ ସେହିସବୁ ଅନୁଷ୍ଠାନରେ ଅଧିକ ସଂଖ୍ୟକ ଛାତ୍ରୀଛାତ୍ର ପଢୁଛନ୍ତି। ଏଣୁ ରାଜ୍ୟରେ ଶିକ୍ଷାର ପ୍ରସାର କରିବାକୁ ହେଲେ ବେସରକାରୀ ଅନୁଷ୍ଠାନଗୁଡ଼ିକର ଭିତ୍ତିଭୂମି ଦୃଢ଼ କରିବାକୁ ପଡ଼ିବ। ମାତ୍ର ଏହି ଅନୁଷ୍ଠାନଗୁଡିକରେ ଯେଉଁମାନେ ଅଧାପନା କରନ୍ତି ସେମାନେ ସ୍ୱଳ୍ପ ଦରମା ପାଆନ୍ତି। ଅନୁଷ୍ଠାନଗୁଡ଼ିକ ବହୁବର୍ଷ ପରେ ଅନୁଦାନ ପାଏ ଓ ଅଧାପକ / ଶିକ୍ଷକମାନେ ସରକାରଙ୍କଠାରୁ ପ୍ରତ୍ୟକ୍ଷ ଦରମା ପାଆନ୍ତି। ମାତ୍ର ସେମାନଙ୍କ ଚାକିରି ସର୍ତ୍ତାବଳୀ ନ ଥାଏ। ୩୦ ବର୍ଷରୁ ଅଧିକ ବର୍ଷ ଚାକିରି କଲାପରେ ମଧ୍ୟ ସେମାନଙ୍କ ପାଇଁ ଗ୍ରାଚୁଇଟି ଓ ପେନ୍‌ସନ୍ ବ୍ୟବସ୍ଥା ନ ଥାଏ। ସେମାନେ ଆର୍ଥିକ ଅନଟନ ଭିତରେ ଚଳନ୍ତି। ଏଣୁ ଯେଉଁମାନେ ପ୍ରତିଭାଶାଳୀ ସେମାନେ ବେସରକାରୀ ମହାବିଦ୍ୟାଳୟରେ ଅଧାପନା କରିବା ପାଇଁ ଆସନ୍ତି ନାହିଁ। କେହିକେହି ବିଭିନ୍ନ ବ୍ୟବସାୟ କରି ସନ୍ତୋଷଜନକ ଅର୍ଥ ରୋଜଗାର କରନ୍ତି। ଦ୍ୱିତୀୟତଃ କିଛି ବ୍ୟକ୍ତି ଏହିସବୁ ଅନୁଷ୍ଠାନରେ ଯୋଗ ଦିଅନ୍ତି, ମାତ୍ର ସ୍ୱଳ୍ପ ଦରମାଯୁକ୍ତ ଗ୍ରାଚୁଇଟି ପେନ୍‌ସନବିହୀନ ଚାକିରି କରି ପରିବାର ପୋଷଣ ସମ୍ଭବ ହେଉ ନ ଥିବାରୁ ଘରୋଇ ଟିଉସନ୍ କରି କିଛି ଉପାର୍ଜନ କରନ୍ତି। ଟିଉସନ୍ ସେମାନଙ୍କ ପାଇଁ ଆବଶ୍ୟକତା ହୋଇଯାଏ। ଏହାଦ୍ୱାରା ଶିକ୍ଷା ଏକ ପଣ୍ୟଦ୍ରବ୍ୟ ହୋଇଯାଏ। ଫଳରେ ଶିକ୍ଷକଙ୍କ ପ୍ରତି ଛାତ୍ରୀଛାତ୍ରଙ୍କର ଆନ୍ତରିକ ଭକ୍ତି ଓ ସମ୍ମାନ ରହେନାହିଁ। ପ୍ରତିଭାଶାଳୀ ଛାତ୍ରୀଛାତ୍ରମାନେ ଶିକ୍ଷା ସମାପ୍ତ କଲାପରେ ଯଦି ଶିକ୍ଷକ / ଅଧାପକ ନ ହେବେ, ଉନ୍ନତମାନର ଶିକ୍ଷା ସମ୍ଭବ ହେବ କିପରି? ଆମ ରାଜ୍ୟରେ ଆଜି ତାହା ହିଁ ଘଟୁଛି। ପ୍ରତିଭାବାନ୍ ଛାତ୍ରୀଛାତ୍ର ଶିକ୍ଷକତା କ୍ଷେତ୍ରକୁ ଆସୁନାହାନ୍ତି।


ଏହି ପ୍ରସଙ୍ଗରେ ପାରସ୍ୟର ଏକ କାହାଣୀ ପ୍ରଣିଧାନ ଯୋଗ୍ୟ ମନେହୁଏ। ଜଣେ ଗାଉଁଲି ବେପାରୀ ତା' ଗଧ ଉପରେ କିଛି ବୋଝ ଲଦି ହାଟ ଉଦ୍ଦେଶ୍ୟରେ ପଥ ଅତିକ୍ରମ କରୁଥାଏ। ଦୈବାତ୍ ଜଣେ ପଥିକ ତାଙ୍କ ସାଥୀ ହେଲେ। ପଥ ଅତିକ୍ରମ କରୁ କରୁ ସେ ପଥିକ ଜଣକ କଥା ପ୍ରସଙ୍ଗରେ ବେପାରୀକୁ ବିଜ୍ଞାନ, ଭୂଗୋଳ, ସାହିତ୍ୟ, ଧର୍ମ ଆଦି ବିବିଧ ବିଷୟରେ କିଛି କିଛି କହୁଥାଏ। କଥାବାର୍ତ୍ତାରୁ ବେପାରୀ ଅନୁଭବ କଲା ପଥିକ ଜଣକ ଅସାଧାରଣ ଜ୍ଞାନୀ। ଗଧଟି କ୍ଳାନ୍ତ ହୋଇଯାଇଥିବାର ଅନୁଭବ କରି ପଥିକଜଣକ ବେପାରୀକୁ ପଚାରିଲେ, ''ତୁମେ ଗଧ ପିଠିରେ କ'ଣ ଲଦିଛ ଯେ ଗଧଟି ହାଲିଆ ହୋଇଗଲାଣି?'' ବେପାରୀ ଉତ୍ତର ଦେଲା, ''ପିଠିର ବାମପାଖରେ ଚାଉଳ ଓ ଡାହାଣ ପାଖରେ ଓଜନ ଭାରସାମ୍ୟ ରକ୍ଷା କରିବା ପାଇଁ ବାଲି ରଖିଛି।'' ପଥିକ କହିଲେ, ''ତୁମେ ସେହି ଚାଉଳକୁ ସମାନ ଦୁଇଭାଗ କରି ଦୁଇପାଖରେ ରଖିଥିଲେ ତ ଭାରସାମ୍ୟ ରକ୍ଷା ହୋଇପାରିଥାନ୍ତା ଓ ଗଧ ପିଠିରେ ଓଜନ ବି କମିଥାନ୍ତା। ଗଧଟି ହାଲିଆ ହୁଅନ୍ତା ନାହିଁ।'' ବେପାରୀ ମନକୁ କଥାଟା ଛୁଇଁଲା। ସେ କହିଲା, ''ମହାଶୟ! ଆପଣ ପ୍ରକୃତରେ ଅସାଧାରଣ ଜ୍ଞାନୀ। ଆପଣ ନିଶ୍ଚୟ ଜଣେ ସଫଳ ମଣିଷ ହୋଇଥିବେ। ଆପଣଙ୍କର କେତେ ଗଧ ଅଛନ୍ତି, କେତେ ଜମିଜମା ଅଛି?'' ପଥିକ ଉତ୍ତର ଦେଲେ, ''ମୋର ଗଧ ନାହିଁ କି ଜମି ନାହିଁ। କୋଠା ନାହିଁ କି ସଞ୍ଚୟ ନାହିଁ। ମୁଁ ଏମିତି ଗୋଟିଏ ଗାଁରୁ ଆଉ ଗୋଟିଏ ଗାଁ ବୁଲେ। ମୋର ଅର୍ଜିତ ଜ୍ଞାନକୁ ବିତରଣ କରେ। ଯାହା ମିଳେ ଖାଏ। ବେଳେବେଳେ ଖାଇବାକୁ ମିଳେନାହିଁ। ତଥାପି ମୋଟ ଉପରେ ମୁଁ ଖୁସିରେ ଅଛି।'' ବେପାରୀ ଏତକ ଶୁଣି ଅଟକିଗଲା ଓ ଚକିତ ହୋଇ ଛିଡ଼ାହେଲା। ପଥିକ ପଚାରିଲେ, ''କ'ଣ ହେଲା?'' ବେପାରୀ ଉତ୍ତର ଦେଲା, ''ଆଜ୍ଞା ଜ୍ଞାନର ଫଳ ଯଦି ଏହା ହୁଏ, ମୁଠେ ଖାଇବାକୁ ମିଳେ ନାହିଁ, କୋଠାଟିଏ କରିହୁଏ ନାହିଁ, ମୁଁ ବରଂ ଗଧ ପିଠିରେ ବାଲିବସ୍ତା ଥୋଇ ଭାରସାମ୍ୟ ରକ୍ଷା କରିବି, ତୁମ ସାଙ୍ଗରେ ବାଟ ଚାଲି ଜ୍ଞାନ ସଂଗ୍ରହ କରି ଭୋକିଲା ରହିବି ନାହିଁ।'' ବେପାରୀ ବାଟ ଭାଙ୍ଗି ଚାଲିଗଲା। ଆଜି ପ୍ରତିଭାଶାଳୀ ଛାତ୍ରୀଛାତ୍ରମାନଙ୍କ ଅବସ୍ଥା ଠିକ୍ ଏହି ବେପାରୀ ଭଳି। ଯଦି କଠିନ ପରିଶ୍ରମ କରି ପରୀକ୍ଷାରେ ଭଲ ନମ୍ବର ରଖି ଅଧାପକ ହୋଇ ମଧ୍ୟ ପୂର୍ଣ୍ଣ ଦରମା ନ ପାଇ ପେନ୍‌ସନ ନ ପାଇ ସର୍ତ୍ତାବଳୀ ନ ଥାଇ ଦୟନୀୟ ଚାକିରି କରିବାକୁ ପଡ଼େ, ମୁଁ ଅନ୍ୟ ବ୍ୟବସାୟ କରି ପ୍ରଭୂତ ଅର୍ଥ ଉପାର୍ଜନ ନ କରିବି କାହିଁକି? ଏହିଭଳି ଚିନ୍ତାକରି ଆଜି ଅନେକ ପ୍ରତିଭାଶାଳୀ ବ୍ୟକ୍ତି ଶିକ୍ଷାକ୍ଷେତ୍ରକୁ ଆସୁନାହାନ୍ତି।



ବୋଧହୁଏ ୧୯୯୮ ମସିହାର କଥା। ଦିଲ୍ଲୀରେ ଜାତୀୟ ୟୁନେସ୍କୋ କମିଶନଦ୍ୱାରା ଆୟୋଜିତ ଏକ ସଭାରେ ''ଶିକ୍ଷା ଓ ମାନବଜାତିର ଭବିଷ୍ୟତ'' ଉପରେ ଏକ ବକ୍ତୃତା ଦେଇ ବିଶିଷ୍ଟ ଲେଖକ ମନୋଜ ଦାସ ଫେରୁଥାନ୍ତି। ଜଣେ ସର୍ବୋଦୟ କର୍ମୀ ବୟୋବୃଦ୍ଧ ସହ ତାଙ୍କର ସାକ୍ଷାତ୍ ହେଲା। କଥାପ୍ରସଙ୍ଗରେ ସେହି ବୃଦ୍ଧ ମନୋଜ ଦାସଙ୍କୁ କହିଥିଲେ ଘରୋଇ ଟିଉସନ୍‌ର ପ୍ରଭାବ ସମ୍ପର୍କରେ। ଘଟଣାଟି ଥିଲା ନିଜ ହାକିମ ନାତିଙ୍କ ଜୀବନକୁ ନେଇ। ଦିନେ ଜଣେ ଭଦ୍ରଲୋକ ଏକ ଆବେଦନ ପତ୍ର ଧରି ହାକିମଙ୍କ ପାଖରେ ପହଞ୍ଚିଲେ। ହାକିମ ତାଙ୍କୁ ଟିକେ ଚାହିଁଦେଇ ପୂର୍ବରୁ ଆସିଥିବା ଦୁଇଜଣ ଭଦ୍ରବ୍ୟକ୍ତିଙ୍କ ସହ କଥାବାର୍ତ୍ତାରେ ବ୍ୟାପୃତ ରହିଲେ। ଆଗନ୍ତୁକ ଧୈର୍ଯ୍ୟହରା ହୋଇ ହାକିମଙ୍କୁ କହିଲେ, ''ଆପଣ ବୋଧହୁଏ ମୋତେ ଚିହ୍ନିପାରୁ ନାହାନ୍ତି?'' ହାକିମ କହିଲେ, ''ଚିହ୍ନିଲି। ମାତ୍ର ସେମାନେ ପୂର୍ବରୁ ମୋ ସମୟ ନେଇ ଆସିଥିବାରୁ ତାଙ୍କ କାମ ଆଗେ ସାରିଲି। ଏବେ ଆପଣ କୁହନ୍ତୁ।'' ଆଗନ୍ତୁକ ନିଜ ପରିଚୟ ଦେଇ କହିଲେ, ''ଆପଣ ମୋର ଛାତ୍ର ଥିଲେ। ଏଣୁ ମୋର ଏହି ଆବେଦନଟିକୁ ଆପଣ ସମାଧାନ କରିଦେବେ ବୋଲି ଆଶା କରି ଆପଣଙ୍କ ପାଖକୁ ଆସିଛି।'' ହାକିମ ଆବେଦନଟିକୁ ପଢ଼ିଲେ ଓ କହିଲେ, ''ଆପଣଙ୍କ ଅନୁରୋଧ ନିୟମ ଅନୁମୋଦିତ ନୁହେଁ। ଏଣୁ କିଛି ସାହାଯ୍ୟ କରିହେବ ନାହିଁ।'' ସେହି ଆଗନ୍ତୁକ ଶିକ୍ଷକ କହିଲେ, ''ନିୟମ ଊର୍ଦ୍ଧ୍ୱରେ ମାନବିକତା ତ ଅଛି। ସେହି ଦୃଷ୍ଟିରୁ ଛାତ୍ର ହିସାବରେ ଶିକ୍ଷକର ସମସ୍ୟା ପ୍ରତି ଧ୍ୟାନ ଦେବେ ବୋଲି ମୋର ଆଶା।'' ତା'ପରେ ହାକିମ ଯାହା କହିଲେ ତାହା ହିଁ ପ୍ରଣିଧାନ ଯୋଗ୍ୟ। ହାକିମ କହିଲେ, ''ମହାଶୟ! ଆପଣ ଥିଲେ ସରକାରୀ ଶିକ୍ଷକ। ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ କରିବା ପାଇଁ ସରକାର ଆପଣଙ୍କୁ ନିୟମିତ ଦରମା ଦେଉଥିଲେ। ସରକାର ଯେଉଁ ଦରମା ଦେଉଥିଲେ ତାହା ଥିଲା ଜନସାଧାରଣଙ୍କଠାରୁ ସଂଗୃହୀତ ବିଭିନ୍ନ ଟିକସ। ମାତ୍ର ଆପଣ ବିଦ୍ୟାଳୟରେ ଆନ୍ତରିକ ଭାବରେ ଶିକ୍ଷାଦାନ ନ କରି ଘରୋଇ ଟିଉସନ୍ କରୁଥିଲେ। ମୋ ବାପାଙ୍କ ଆର୍ଥିକ ସମ୍ବଳଥିବାରୁ ସେ ଆପଣଙ୍କ ନିକଟକୁ ଟିଉସନ୍ ପାଇଁ ପଠାଇଥିଲେ। ମାତ୍ର ମୋର କେତେଜଣ ସହପାଠୀ ଗରିବ ପରିବାରର ହୋଇଥିବାରୁ ଆପଣଙ୍କୁ ଅର୍ଥ ଦେଇ ନ ପାରି ଟିଉସନ୍‌ରୁ ବଞ୍ଚିତ ହେଲେ ଓ ପରୀକ୍ଷାରେ ଭଲ କରିପାରିଲେ ନାହିଁ।'' ଶିକ୍ଷକ ହସ୍ତକ୍ଷେପ କରି କହିଲେ, ''ଦେଖ ବାବୁ, ଟିଉସନ୍ ହେଉ ପଛେ, ମୁଁ ତ ଆପଣଙ୍କୁ ଶିକ୍ଷାଦାନ କରିଥିଲି।'' ହାକିମ କହିଲେ, ''ମହାଶୟ! ଶିକ୍ଷାଦାନ ଏକ ପବିତ୍ର କର୍ମ। ଯିଏ ଦାନକରେ ସେ ପ୍ରତିଦାନରେ କିଛି ଆଶା ରଖେନାହିଁ। ଧରନ୍ତୁ ମୁଁ ବଜାରରେ ଜଣେ ବ୍ୟବସାୟୀଙ୍କ ପାଖରୁ ଦୁଇଟି କମ୍ବଳ କିଣିଲି। ସେହି କମ୍ବଳ ବିକ୍ରେତା ଯଦି ମୋ ପାଖକୁ କୌଣସି ଆବେଦନ ଧରି ଆସେ ମୁଁ କ'ଣ ତା' ପ୍ରତି ଦରଦୀ ହେବି? ଠିକ୍ ସେପରି ମୁଁ ଆପଣଙ୍କ ପାଖରୁ ପାଠ ସଉଦା କରୁଥିଲି। ଏଣୁ ଆପଣଙ୍କ ପ୍ରତି ଦରଦୀ ହେବାର କୌଣସି କାରଣ ନାହିଁ।'' ଶିକ୍ଷକ ଏତକ ଶୁଣି ଚାଲିଗଲେ। ଏହି ଘଟଣାଟି ଘରୋଇ ଟିଉସନ୍‌ର ନକାରାତ୍ମକ ପ୍ରଭାବ ସମ୍ପର୍କରେ ସ୍ପଷ୍ଟ ଆଲୋକପାତ କରୁନାହିଁ କି? ଆଜି ଟିଉସନ୍ ପ୍ରଚଳନ କାରଣରୁ ବିଦ୍ୟା ଏକ ପଣ୍ୟଦ୍ରବ୍ୟ ହୋଇଥିବାରୁ ଛାତ୍ରୀଛାତ୍ରମାନଙ୍କ ଶିକ୍ଷକମାନଙ୍କ ପ୍ରତି ସମ୍ମାନ ଓ ଭକ୍ତି ରହୁନାହିଁ। ଗୁରୁ–ଶିଷ୍ୟ ସମ୍ପର୍କ ଆଉ ଅନାବିଳ ହୋଇ ରହିନାହିଁ। ଆଜି ଏହା କ୍ରେତା–ବିକ୍ରେତାର ସମ୍ପର୍କ। ଏଣୁ ସରକାର ସମାନ କାର୍ଯ୍ୟପାଇଁ ସମାନ ଦରମା ପ୍ରଚଳନ କରି, ଗ୍ରାଚୁଇଟି, ପେନ୍‌ସନ୍ ଆଦିର ବ୍ୟବସ୍ଥା କରି ଶିକ୍ଷକମାନଙ୍କ ଅଭାବ ଦୂରକଲେ ସେମାନେ ଆଉ ଟିଉସନ୍ କରି ପରିବାର ପ୍ରତିପୋଷଣ କରିବା ଚିନ୍ତା କରିବେ ନାହିଁ। ଚାକିରି ସର୍ତ୍ତାବଳୀ ପୂରଣ କଲାପରେ ଯଦି ସେମାନେ ପୁଣି ଅର୍ଥଲୋଭରେ ଟିଉସନ୍ କରନ୍ତି, ସେ କ୍ଷେତ୍ରରେ ତାହା ଦଣ୍ଡନୀୟ କର୍ମଭାବରେ ବିବେଚନା କଲେ କାହାରି ଆପତ୍ତି ରହିବ ନାହିଁ। ତେବେ ଶିକ୍ଷା ବ୍ୟବସ୍ଥା ସୁଧୁରିବ।

ଟିଟିଲାଗଡ଼
ମୋ: ୯୪୩୭୩୨୯୨୬୩

# ବିଧି-ବିଧାନରେ ବିଜ୍ଞାନ



ଉପେନ୍ଦ୍ର ବିଶ୍ୱାଳ

ନୋବେଲ ପୁରସ୍କାର ପ୍ରାପ୍ତ ବ୍ରିଟିଶ ଗଣିତଜ୍ଞ ଓ ଦାର୍ଶନିକ ବାର୍ଟାଣ୍ଡ ରସେଲଙ୍କ ଅନୁଯାୟୀ, ''ହିନ୍ଦୁତ୍ୱ ସମ୍ବନ୍ଧେ ମୁଁ ଅଧ୍ୟୟନ କରିଛି ଏବଂ ହୃଦ୍‌ବୋଧ କରିଛି ଯେ ଏହା ସମଗ୍ର ମାନବ ଜାତି ପାଇଁ ଅତ୍ୟନ୍ତ କଲ୍ୟାଣକାରୀ।'' ବିଶ୍ୱ ପ୍ରସିଦ୍ଧ ଲେଖକ ଓ ଚିନ୍ତାନାୟକ ହେଉଛନ୍ତି ହଷ୍ଟନ ସ୍ମିଥ। ତାଙ୍କର ୧୯୫୮ରେ ପ୍ରକାଶିତ THE WORLD'S RELIGIONS ପୁସ୍ତକଟି ୩୦ ଲକ୍ଷରୁ ଊର୍ଦ୍ଧ୍ୱ କପି ବିକ୍ରୟ ହୋଇ ବିଶ୍ୱ ରେକର୍ଡ କରିଛି। ତାଙ୍କ କଥାନୁଯାୟୀ, ''ଆମେ ଯେଉଁ ବିଶ୍ୱାସରେ ବନ୍ଧା ତା'ଠାରୁ କାହିଁ କେତେ ଗୁଣ ଉଚ୍ଚରେ ଅଛି ହିନ୍ଦୁତ୍ୱର ଭାବଧାରା। ଆମେ ଯଦି ଖୋଲା ହୃଦୟର ସହିତ ତାକୁ ଆପଣାଇନେବୁ, ତେବେ ଆମର ଲାଭ ହିଁ ଲାଭ।'' ରବର୍ଟ ମିଲିକାନ (୧୮୬୮ – ୧୯୫୩) ହେଉଛନ୍ତି ନୋବେଲ ପୁରସ୍କାର ପ୍ରାପ୍ତ ଜଣେ ଆମେରିକୀୟ ପଦାର୍ଥ ବିଜ୍ଞାନୀ। ଧାର୍ମିକ ବିଶ୍ୱାସ ବା ଆସ୍ଥାକୁ ନେଇ ତାଙ୍କର ଏକ ସୁଚିନ୍ତିତ ମତ ଏମିତି ଥିଲା– ''ଦୃଢ଼ତାର ସହିତ ମୁଁ କହିପାରେ ଯେ ବିଶ୍ୱାସ ସବୁକୁ ଅସ୍ୱୀକାର ବା ଅଣଦେଖା କରିବା ଅର୍ଥ କୌଣସି ବୈଜ୍ଞାନିକ ଆଧାରକୁ ସ୍ଥାଣୁ କରିଦେବା। ମୋ ମତରେ ବିଶ୍ୱାସ ଓ ବିଜ୍ଞାନକୁ ନେଇ କୌଣସି ପ୍ରତିବାଦ ଉଠିବା ଉଚିତ ନୁହେଁ। କାରଣ ଯେଉଁଠି ବିଶ୍ୱାସ ବା ବିଧି ବିଧାନ ରହିଛି, ସେଇଠି ଛପିକି ରହିଛି ବିଜ୍ଞାନ। ଏଣୁ ସେଇ ବିଧି, ବିଧାନ, ବିଶ୍ୱାସ ଭିତରେ ଥିବା ରହସ୍ୟକୁ ଖୋଜି ବାହାର କରିବା ବିଜ୍ଞାନର ଲକ୍ଷ୍ୟ ହେବା ଉଚିତ। ଯାହା ଫଳରେ ବିଜ୍ଞାନର ଆଦର ବଢିବା ସହିତ ମାନବ ସମାଜର ବହୁବିଧ କଲ୍ୟାଣ ହୋଇପାରିବ।''

ସମୁତ୍କର୍ଷ ଭାରତବର୍ଷ ଯାହାକି ଧାର୍ମିକ ବିଶ୍ୱାସର ଶକ୍ତ ଭିତ୍ତିଭୂମି ଉପରେ ଦଣ୍ଡାୟମାନ, ତାହାର ଚାଲି–ଚଳଣି, ରୀତି–ନୀତି, ପ୍ରଥା–ପରମ୍ପରା ଆଦିରେ ନିହିତ ଥାଏ ବିଜ୍ଞାନର ଗୂଢ଼ ରହସ୍ୟ। ଆଶ୍ୱିନ ମାସ କୃଷ୍ଣ ପକ୍ଷରେ ପାଳିତ ପିତୃପକ୍ଷ ପରି ସାମାନ୍ୟ ପ୍ରଥା ଭିତରେ ଭରିରହିଛି ବିଜ୍ଞାନର ବାର୍ତ୍ତା। ଲୋକବିଶ୍ୱାସରେ କାଉ ପକ୍ଷୀକୁ ସାଧାରଣତଃ ଯମଲୋକର ପ୍ରତିନିଧି ଭାବେ ଗଣା ଯାଇଥାଏ। ପନ୍ଦର ଦିନର ଏହି ପିତୃପକ୍ଷ ପାଳନ ଅବସରରେ କାଉଙ୍କୁ ସନ୍ତୁଷ୍ଟ କଲେ ପିତୃଲୋକର ଆମ ପିତୃପୁରୁଷମାନେ ସନ୍ତୁଷ୍ଟ ହୋଇଥାନ୍ତି ବୋଲି ଧାରଣା ରହିଛି। ଏହି ଅବସରରେ ପିତୃପୁରୁଷଙ୍କୁ ସ୍ମରଣ ପୂର୍ବକ କାଉଙ୍କୁ ଭରପୂର ପୁଷ୍ଟିକର ଖାଦ୍ୟାନ୍ନ ପରିବେଷଣ କରାଯାଇଥାଏ। ବଡ଼ କଥା ହେଉଛି ଏହି ସମୟ ବିଶେଷକରି ଭାଦ୍ରବ–ଆଶ୍ୱିନ (ଅଗଷ୍ଟ – ସେପ୍ଟେମ୍ବର) ମାସ ହେଉଛି କାଉଙ୍କ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। କାରଣ ଏହା ହେଉଛି ତାଙ୍କର ଅଣ୍ଡା ଦେବା ଓ ଅଣ୍ଡାରୁ ଛୁଆ ଫୁଟିବାର ପ୍ରକୃଷ୍ଟ ସମୟ। ମା' କାଉଟି ଏହି ସମୟରେ ଆବଶ୍ୟକ କରିଥାଏ ଅଧିକ ପରିମାଣରେ ପୁଷ୍ଟିକର ଆହାର। ତତ୍‌ସହିତ ନବ ଜାତକଟି ବି ଲୋଡ଼ିଥାଏ ଆହାର। ଏସବୁକୁ ଦୃଷ୍ଟିରେ ରଖି ଏହି ସମୟରେ କାଉମାନଙ୍କୁ ଯେମିତି ପର୍ଯ୍ୟାପ୍ତ ଆହାର ସହଜେ ମିଳିପାରିବ, ସେଥିପାଇଁ ଆମର ଏପରି ଭବ୍ୟ ବିଧି ବ୍ୟବସ୍ଥା। ଏହାଦ୍ୱାରା କାଉବଂଶ ବିସ୍ତାର ଲାଭ କରିବାରେ ସହାୟକ ହୋଇଥାଏ। କାରଣ କାଉବଂଶ ବିସ୍ତାର ସହିତ ଜଡିତ ଆମ ସ୍ୱାସ୍ଥ୍ୟ। ଏପରିକି ଆମ ଅସ୍ତିତ୍ୱ ମଧ୍ୟ। କାରଣ ଏହିମାନେ ହିଁ ବହୁ ମୂଲ୍ୟବାନ ବର ଓ ଅଶ୍ୱତ୍ଥ ଗଛ ସୃଷ୍ଟିର ଅସଲ ସୂତ୍ରଧର। ପର୍ଯ୍ୟାବରଣର ସୁରକ୍ଷା, ଅଭିବୃଦ୍ଧି ତଥା ଅମ୍ଳଜାନର ଆବଶ୍ୟକତା ଦୃଷ୍ଟିରୁ ଏହି ଦୁଇଟି ଚବିଶ ଘଣ୍ଟିଆ ଅମ୍ଳଜାନ ଉତ୍ପାଦକାରୀର ଯେ କେତେ ଆବଶ୍ୟକତା ରହିଛି, ଆଜିର ଦିନରେ ତାହା ବୁଝାଇ କହିବା ଅନାବଶ୍ୟକ। ଅନନ୍ୟ ଏହି ବୃକ୍ଷ ଦୁଇଟି ଆମର ଅଜସ୍ର ମଙ୍ଗଳର କାରଣ ଥିବାରୁ ଏବଂ କାକ ପକ୍ଷୀଟି ହିଁ ସେମାନଙ୍କ ସୃଷ୍ଟିର ଅସଲ ଆଧାର ଥିବାରୁ, କାକକୁଳଙ୍କ ସୁଖକର ବଂଶ ବିସ୍ତାରାର୍ଥେ, ପିତୃପକ୍ଷ ପରି ପବିତ୍ର ପ୍ରଥାଟିଏ ଖଞ୍ଜାଯାଇଅଛି ଆମ ବ୍ୟବସ୍ଥାରେ।



ବର ଓ ଅଶ୍ୱତ୍ଥ ଗଛର ଫଳ ଭିତରେ ଥିବା ସୂକ୍ଷ୍ମ ବୀଜଟି କାଉ ପେଟ ଭିତରେ ସମୁଚିତ ପ୍ରକ୍ରିୟାକରଣ ହୋଇ ଅଙ୍କୁରୋଦ୍‌ଗମ ପାଇଁ ସମର୍ଥ ହୋଇଥାଏ। କାଉର ମଳରେ ନିଃସୃତ ଏହି ବୀଜଟି ଅନୁକୂଳ ବାତାବରଣ ପାଇ ଚାରାଟିଏ ହୋଇ ଜନ୍ମ ନିଏ। କାଉ ବିନା ଏହି ଗଛ ଦୁଇଟିର ସୃଷ୍ଟି ସମ୍ଭବ ହୁଏନି। ଏଣୁ କାଉ ବଂଶ ନ ଥିଲେ ଏହି ଗଛ ଦୁଇଟି ବି କେବେଠୁ ଲୋପ ହୋଇ ସାରନ୍ତାଣି ମରିସସ୍‌ର 'କାଲଭେରିଆ' ଗଛ ପରି। ମରିସସ୍‌ର ଚାରିଆଡେ ଦିନେ ଛାଇଯାଇ ଶୋଭା ଓ ସବୁଜିମା ବର୍ଦ୍ଧନ କରୁଥିବା କାଲଭେରିଆର ବୃକ୍ଷଟି ଆଜି ଗୁମୁରି କାନ୍ଦୁଛି, ନିଜର ବିପନ୍ନ ଭବିଷ୍ୟତକୁ ନେଇ। ଏହି ଗଛର ଫଳ ଡୋଡୋ ପକ୍ଷୀର ଅତି ପ୍ରିୟ। ଫଳର ମଞ୍ଜି ଏତେ ଟାଣ ଯେ, ତାହା ସ୍ୱାଭାବିକ ଭାବରେ ଭୂମିରେ ପଡ଼ି ଅଙ୍କୁରୋଦ୍‌ଗମ ହୋଇପାରେନା। ଏହି ଫଳକୁ ଗିଳିପକାଏ ଡୋଡୋ। ତା' ପେଟ ଭିତରେ ଟାଣ ମଞ୍ଜିଟି ଠିକ୍ ଭାବେ ପ୍ରକ୍ରିୟାକରଣ ହୋଇ ମଳରେ ନିଃସୃତ ହୁଏ ନରମ ହୋଇ। ତା'ପରେ ବୀଜଟି ସକ୍ଷମ ହୁଏ ଚାରାଟିଏ ହେବାକୁ। ଅର୍ଥାତ୍ ଈଶ୍ୱରଙ୍କ ଅଭିନବ ସୃଷ୍ଟିରେ ଏହି ମାଂସାଳ ପକ୍ଷୀଟି ହିଁ କାଲଭେରିଆ ଗଛର ସୃଷ୍ଟି ତଥା ସମୃଦ୍ଧିର ଅସଲ କାରଣ। କିନ୍ତୁ ଦୁର୍ଭାଗ୍ୟ, ପକ୍ଷୀଟିର ନିରୀହପଣ ଓ କଅଁଳ ମାଂସ, ତା' ପାଇଁ କାଳ ସାଜିଲା। ପାଟି ଓ ପେଟ ପାଇଁ ମଣିଷ ଅତି ନୃଶଂସ ପାଲଟିଗଲା। ଅବିବେକି ହୋଇ ଅନ୍ଧ ଭାବେ ଶିକାର କରିଚାଲିଲା ବତକ ଜାତୀୟ ଏହି ବିରାଟ ପକ୍ଷୀକୁ। ପରିଣତିରେ ମରିସସ୍ ମାଟିରେ ଇତିହାସ ପାଲଟିଗଲା ଏହି ପ୍ରାଣୀଟି। ତା'ସହିତ ବି ଇତିହାସ ପାଲଟିବାକୁ ଯାଉଛି କାଲଭେରିଆ। ସୁଦୀର୍ଘ ଲମ୍ବା ଜୀବନ ଜିଇ ମରିସସ୍‌ର ଜଳବାୟୁକୁ ମାଟି ଅନୁକୂଳ କରୁଥିବା ଏହି ଗଛଟି ଆଜି ଲୁପ୍ତ ପ୍ରାୟ। କାଁ ଭାଁ କେଉଁଠି ଗୋଟେ ଅଧେ ଶ୍ରୀହୀନ କାଲଭେରିଆ ଅତି ବିକଳ ହୋଇ କାନ୍ଦି କାନ୍ଦି ଖୋଜି ବୁଲୁଛି ତା'ର ଅତି ପ୍ରିୟ ଡୋଡୋ ପକ୍ଷୀକୁ, ନିଜର ଅସ୍ତିତ୍ୱର ରକ୍ଷା ପାଇଁ। ଏଥିରୁ ହିଁ ଆମେ ଅନୁମାନ କରିପାରିବା, ଆମର ଦୂରଦ୍ରଷ୍ଟା ପୂର୍ବଜମାନେ କେମିତି ଅତି ବିଜ୍ଞତା ଓ ଦୂରଦର୍ଶିତାର ସହିତ ପିତୃପକ୍ଷ ପରି ଏକ ପୁଣ୍ୟକର୍ମ ପାଳନ କରିବାର ବିଧି ତିଆରି କରିଯାଇଛନ୍ତି। ଆଉ ପିଢ଼ି ପରେ ପିଢ଼ି ଆମେ ତାକୁ ପାଳିଆସୁଛୁ ଖୁବ୍ ଶ୍ରଦ୍ଧା ଓ ଆବେଗରେ। ଏହିପରି ଅନେକ ଅନେକ ଉତ୍କର୍ଷର ଉପଲବ୍ଧି ଉହ୍ୟ ଅଛି ଆମ ସନାତନୀ ବିଶ୍ୱାସ ଓ ବ୍ୟବସ୍ଥାରେ। ବିଜ୍ଞାନର ଭୂରି ଭୂରି ବାସ୍ନାରେ ବିମୋହିତ ଆମ ଧାର୍ମିକ ଧାରଣା ଓ ଭାବନା। ଏହାକୁ ଭୁଲିଯିବା ଅର୍ଥ ନିଜ ଅମଙ୍ଗଳକୁ ଆମନ୍ତ୍ରଣ କରିବା।

ଗୋଡିଶୂଳ, ସଜନାଗଡ଼, ବାଲେଶ୍ୱର
ମୋ:୯୪୩୭୪୩୬୦୭୩

## ଏଇ ଭାରତରେ

ସମୀକ୍ଷା ଚନ୍ଦ୍ରକର ଏମ୍‌ବିଏ ପାସ୍ ପରେ ଜଣେ ମହିଳା ଚାଷୀ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ସେ ପୁଣେର ଏକ କମ୍ପାନୀରେ ଚାକିରି କରିଥିଲେ। ତାହାକୁ ଛାଡ଼ି ଛତିଶଗଡ଼ର ରାୟପୁରର ଚାରୁମୁଦିଆ ଗାଁକୁ ଫେରି ଆସିଥିଲେ ୨୦୨୧ରେ । ପରେ ପନିପରିବା ଚାଷ କରି ସେଥିରୁ ଏବେ ୨୦୨୩–୨୪ ବର୍ଷରେ ୧.୫ କୋଟି ଟଙ୍କା ରୋଜଗାର କରିଛନ୍ତି। ଉତ୍ପାଦିତ ଟମାଟୋକୁ ସେ ରାୟପୁର, ପାଟନା, କୋଲକାତା, ନୂଆଦିଲ୍ଲୀ, ବେଙ୍ଗାଲୁରୁ ଆଦି ସହର ମଣ୍ଡିକୁ ପଠାଉଛନ୍ତି। ସମୀକ୍ଷା ୨୦ ଏକରରେ ଟମାଟୋ ଚାଷ କରିଛନ୍ତି। ଆଗକୁ ଅଧିକ ୧୫ ଏକର ଚାଷ କରିବାକୁ ଯୋଜନା କରିଛନ୍ତି। ଏବେ ଚାଷରେ ବାପା ଓ ଭାଇ ତାଙ୍କୁ ସାହାଯ୍ୟ କରୁଛନ୍ତି। ଚାଷ କାର୍ଯ୍ୟ ପାଇଁ ସେ ୧୨୦ ଲୋକଙ୍କୁ ନିଯୁକ୍ତ କରିଛନ୍ତି। ସମୀକ୍ଷା ପ୍ରଥମେ (୨୦ ଏକରରୁ) ଏକର ପିଛା ୫୦ ଟନ୍ ଟମାଟୋ ଉତ୍ପାଦନ କରୁଥିଲେ, କିନ୍ତୁ ବର୍ତ୍ତମାନ ୫୫ ଟନ୍ ଉତ୍ପାଦନ କରିବାକୁ ସକ୍ଷମ ହୋଇଛନ୍ତି। ସେ ଟମାଟୋ ବ୍ୟତୀତ ବାଇଗଣ, କାକୁଡ଼ି, ଲାଉ ଚାଷ ମଧ୍ୟ କରୁଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

୨୬ ଅଗଷ୍ଟ ୧୯୭୬

- ୬ ଜଣ ବିଧାନସଭା ସଦସ୍ୟ କଂଗ୍ରେସ ଦଳରେ ଯୋଗଦେବା ଫଳରେ ରାଜ୍ୟ ବିଧାନସଭାରେ କଂଗ୍ରେସ ଦଳର ସଭ୍ୟ ସଂଖ୍ୟା ୮୫କୁ ବୃଦ୍ଧି।
- ରୁଷ୍ ମହାକାଶଚାରୀ ବୋରିସ ଭଲିନଭ ଓ ଭିତାଲୀ ଝଲବୋଭ ରୁଷ ମହାକାଶ କେନ୍ଦ୍ର ସାଲ୍ୟୁଟ ଯୋଗେ ୪୮ ଦିନ ପରିକ୍ରମା ଶେଷ କରି ପୃଥିବୀ ପୃଷ୍ଠକୁ ଫେରିଆସିଛନ୍ତି।

## ଚିରନ୍ତନୀ

ପବନ କାହୁଁ ଆସି କାହିଁ ଯାଏ ନୋହେ ବୁଝି
ଚାଲିଛି ତଥା ଜନ
ବାଟ ବଣ ଆଖି ବୁଜି ।
ଚାଲିଛି କଥା ମୁହିଁ ସଙ୍ଗେ ତୋର ପ୍ରିୟତମା
ଦେହୀର ଦେହ ସମ
କରି ଭ୍ରମରେ ଉତ୍ତମା !

–(ମରଣ ପାଳି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 1 | 7 | | |
| | 8 | 4 | 5 | | | 2 | | |
| 3 | | | | | | 6 | | |
| 2 | | | | 3 | | | 7 | |
| | | | 7 | | 4 | | 9 | |
| | 7 | | | | 5 | 8 | | |
| | | | 1 | | 7 | | | |
| 4 | | 2 | | | | | | |
| | | | | | 6 | 5 | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 5 | 3 | 4 | 2 | 6 | 8 | 7 |
| 2 | 8 | 7 | 9 | 5 | 6 | 3 | 1 | 4 |
| 4 | 6 | 3 | 1 | 7 | 8 | 2 | 5 | 9 |
| 3 | 1 | 2 | 4 | 8 | 7 | 5 | 9 | 6 |
| 7 | 4 | 9 | 6 | 3 | 5 | 8 | 2 | 1 |
| 8 | 5 | 6 | 2 | 1 | 9 | 4 | 7 | 3 |
| 5 | 7 | 1 | 8 | 6 | 4 | 9 | 3 | 2 |
| 9 | 3 | 4 | 5 | 2 | 1 | 7 | 6 | 8 |
| 6 | 2 | 8 | 7 | 9 | 3 | 1 | 4 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନିରାଶ କଲା ନିଅଣ୍ଟିଆ ବର୍ଷା

ମହାଶୟ,

ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ବ୍ଲକର ୨୪ ଗୋଟି ପଞ୍ଚାୟତରେ ଆଗୁଆ ଭଲ ବର୍ଷା କାରଣରୁ ଚାଷବାସ ଭଲ ହେବ ବୋଲି ଚାଷୀ ଆକଳନ କରିଥିଲେ । ହେଲେ ଜୁଲାଇ ମାସର ନିଅଣ୍ଟିଆ ବର୍ଷା ସବୁ ଆକଳନ ଓଲଟପାଲଟ କରିଦେଇଛି । ଏଥର ସ୍ୱାଭାବିକ ମୌସୁମୀ ପ୍ରଚଳନ ଯୋଗୁ ଭଲ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲା । କିନ୍ତୁ ଖରା ଓ ଗୁଳୁଗୁଳି ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି । ରାଜ୍ୟରେ ମୌସୁମୀ ସକ୍ରିୟ ଥିଲେ ହେଁ ଅଞ୍ଚଳରେ ବର୍ଷା ଆଶାନୁରୂପ ନୁହେଁ। ବିଭିନ୍ନ ପଞ୍ଚାୟତର ଉଚ୍ଚ ଅଞ୍ଚଳରେ ଥିବା ଜମିଗୁଡିକ ଟାଣ ଖରାରେ ଫାଟିବାକୁ ବସିଲାଣି। ସ୍ଥାନୀୟ ଶାସନ ଶ୍ରୀରାମଚନ୍ଦ୍ରପୁରର ଚାଷୀ ପାଖରେ ପାଣି ପାଇଁ ବିକଳ୍ପ ବ୍ୟବସ୍ଥା ନ ଥିବାରୁ ବର୍ଷା ଉପରେ ହିଁ ସବୁ ନିର୍ଭର କରୁଛି । ହେଲେ ଅନିୟମିତ ବର୍ଷା ଚାଷବାସ ସ୍ଥିତି ବିଗିଡ଼ି ଦେଇଛି।

–ଦେବବ୍ରତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପଞ୍ଚାୟତସ୍ତରୀୟ ଜନଶୁଣାଣି

ଜୟପୁର,୨୫।୮ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ବ୍ଲକ ଜୟନ୍ତିଗିରିରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୟପୁର ବ୍ଲକ୍ ଅଧ୍ୟକ୍ଷା ତିଲୋତ୍ତମା ମୁଦୁଲି, ଏବିଡିଓ ମନୋଜ ନାୟକ ଓ ଅନ୍ୟ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ଗ୍ରାମର ଗ୍ରାମବାସୀ ବିଦ୍ୟାଳୟ ମରାମତି, ରାସ୍ତା ନିର୍ମାଣ, ହଷ୍ଟେଲ ପାଇଁ ନଳକୂପ ଖନନ ଆଦି ଅଭିଯୋଗ କରିଥିଲେ। ବିଭିନ୍ନ ସରକାରୀ ଯୋଜନାର ଲାଭ ପାଇବା ନେଇ ଅଧିକାରୀମାନେ ସଚେତନ କରିଥିଲେ।

# ଓଡ଼ପୁରରେ ପ୍ରଶାସନ, ସ୍ୱାସ୍ଥ୍ୟ ଟିମ୍‌ର ସ୍ଥିତି ଅନୁଧ୍ୟାନ

## ଅଜଣା ରୋଗରେ ସପ୍ତାହକରେ ୪ ମୃତ୍ୟୁ

ଦଶମନ୍ତପୁର,୨୫।୮ (ଅରବିନ୍ଦ ନାୟକ)

କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ପାଉଁଳ ଫୁଲବେଡ଼ା ପଞ୍ଚାୟତର ଓଡ଼ପୁର ଗ୍ରାମରେ ଅଜଣା ରୋଗ ବ୍ୟାପିଥିବା ବେଳେ ଜିଲ୍ଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ସ୍ଥିତି ଅନୁଧ୍ୟାନ କରାଯାଇଛି। ଗାଁରେ ସପ୍ତାହକରେ ୪ ଜଣଙ୍କ ମୃତ୍ୟୁ ହେବା ପରେ ପ୍ରଶାସନର ନିଦ ହଜାଇ ଦେଇଛି। ବିଡିଓ ମିଲନ କୁମାର ଖାଙ୍କର, ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ, ସ୍ଥାନୀୟ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦିପକ କୁମାର ସାମଲ, ବିପିଏମ୍ଓ ଶ୍ରୀକାନ୍ତ ଦାସ ଓ ରାଷ୍ଟ୍ରୀୟ ବାଳ ବିକାଶ ୟୁନିଟ୍ ୧ ଓ ୟୁନିଟ୍ ୨ ଟିମ ପହଞ୍ଚି କେଉଁ କାରଣରୁ ଗ୍ରାମବାସୀ ଝାଡ଼ାବାନ୍ତିର ଶିକାର ହୋଇ ମୃତ୍ୟୁ ହେଉଛି ତାହା ଅନୁଧ୍ୟାନ କରିଥିଲେ। କିଛି ଦିନ ତଳେ ଗାଁରେ ମାଟିତଳୁ ପୁରୁଣା ଅଳଙ୍କାର ବାହାରି ଥିବାରୁ ଏଭଳି ଘଟଣା ଘଟୁଥିବା କହି ଗାଁରେ ଦିଶାରିଙ୍କ ଦ୍ୱାରା ପୂଜା ପାଠ କରାଯାଉଥିବା ଗ୍ରାମବାସୀ କହିଛନ୍ତି। କିନ୍ତୁ ଝାଡ଼ାବାନ୍ତିକୁ ଆଖି ଆଗରେ ରଖି ସ୍ୱାସ୍ଥ୍ୟ ଟିମ୍ ଗ୍ରାମରେ ପରିବେଶ ସଫାସୁତୁରା ରଖିବାକୁ ଗ୍ରାମବାସୀଙ୍କୁ ବୁଝାଇଥିଲେ। ଗାଁରେ ବ୍ଲିଚିଂ ପାଉଡର ଛିଞ୍ଚନ କରାଯାଇଥିବା ଦେଖିବାକୁ ମିଳିଛି। କେଉଁ କାରଣରୁ ଏହି ରୋଗ ବ୍ୟାପୁଛି ତାହା ଅସ୍ପଷ୍ଟ ରହିଛି।


ପ୍ରଶାସନିକ ଅଧିକାରୀ ଓ ସ୍ୱାସ୍ଥ୍ୟ ଟିମ୍ ଗ୍ରାମରେ ଆଲୋଚନା କରୁଛନ୍ତି।

# ରାଜ୍ୟପାଳଙ୍କଠାରୁ ସମ୍ମାନିତ ହେଲେ ଉଚ୍ଚ ପତ୍ତନ ଗବେଷଣା କେନ୍ଦ୍ର ପ୍ରଫେସର



ପଟ୍ଟାଙ୍ଗି ଉଚ୍ଚ ପତ୍ତନ ଗବେଷଣା କେନ୍ଦ୍ର ପ୍ରଫେସର ପର୍ଶୁରାମ ଶିଆଳଙ୍କୁ ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି ଓ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ସମ୍ମାନିତ କରୁଛନ୍ତି।

ପଟ୍ଟାଙ୍ଗି,୨୫।୮ (ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ଉଚ୍ଚ ପତ୍ତନ ଗବେଷଣା କେନ୍ଦ୍ର ପ୍ରଫେସର ପର୍ଶୁରାମ ଶିଆଳ ରାଜ୍ୟପାଳଙ୍କଠାରୁ ସମ୍ମାନିତ ହୋଇ ପଟ୍ଟାଙ୍ଗି ପାଇଁ ଗୌରବ ଆଣିଛନ୍ତି। ଯାହାକୁ ନେଇ ଚାଷୀଙ୍କଠାରୁ ଆରମ୍ଭକରି ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛା ଛୁଟିବାରେ ଲାଗିଛି। ଉକ୍ତ ଗବେଷଣାକେନ୍ଦ୍ରରେ ହଳଦୀ ଏବଂ ଅଦା ଚାଷର ସଫଳତା ଏବଂ ଚାଷୀଙ୍କୁ ରୋଜଗାର ବାଟ ଦେଖାଇଥିବାରୁ ରବିବାର ଭୁବନେଶ୍ୱର କୃଷି ଓ ବୈଷୟିକ ବିଦ୍ୟାଳୟ କୃଷି ଶିକ୍ଷା ତଥା ବିସ୍ତାର ଭବନଠାରେ ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସର୍ବୋତ୍ତମ ବିହନ ଓ ଗୁଣବତ୍ତା ଚାରା ପ୍ରସ୍ତୁତ ପାଇଁ ପ୍ରଫେସର ଶିଆଳଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଏହି ସମୟରେ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂ ଦେଓ, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍, ବିଧାୟକ ବାବୁ ସିଂ, କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, ଡିନ୍ ପ୍ରଫେସର ପ୍ରସନ୍ନଜିତ ମିଶ୍ର ଓ ରେଜିଷ୍ଟ୍ରାର ପ୍ରତିଭା ଡୋରା ପ୍ରମୁଖ ପ୍ରଫେସର ଶିଆଳଙ୍କୁ ସମ୍ମାନିତ କରିଥିଲେ। ସୂଚନାଯୋଗ୍ୟ, ରାଜ୍ୟରେ ଥିବା ବଡ଼ ବଡ଼ ୧୨ ଫାର୍ମ ମଧ୍ୟରୁ ପଟ୍ଟାଙ୍ଗି ଫାର୍ମ ବା ଉକ୍ତ କେନ୍ଦ୍ର ଶ୍ରେଷ୍ଠରେ ଥିବାରୁ ରାଜ୍ୟସ୍ତରରେ ସମ୍ମାନିତ ହୋଇଥିବା ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରୁ ଜଣାପଡିଛି।

# ଏଡ୍‌ସ ସଚେତନତା ନେଇ ଗଣଦୌଡ଼


ଗଣଦୌଡ଼ରେ କୃତିତ୍ୱ ହାସଲ କରିଥିବା ଯୁବତୀ ଯୁବକ।

## ୧୦ ଯୁବତୀ ଯୁବକ ରାଜ୍ୟସ୍ତରକୁ ମନୋନୀତ

କୋରାପୁଟ,୨୫।୮ (ଅମିତାଭ ବେହେରା)


କୋରାପୁଟ ଜିଲା ଏଡସ ନିୟନ୍ତ୍ରଣ ବିଭାଗ ପକ୍ଷରୁ ସ୍ଥାନୀୟ ସରକାରୀ କଲେଜରୁ ଜିଲା ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ଯାଏ ଏଡସ୍ ସଚେତନତା ପାଇଁ ଯୁବବର୍ଗଙ୍କୁ ନେଇ ଏକ ଗଣଦୌଡ଼ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତପନ କୁମାର ନାୟକ ଏହି ଗଣଦୌଡ଼କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ଜିଲା କ୍ରୀଡ଼ା ତଥା ପୌରପାଳିକା ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ଓ ଜିଲା ଜନସ୍ୱାସ୍ଥ୍ୟ ବିଭାଗର ଏଡିପିଏଚଓ ଡ. ଶିବ ସାଇସ୍ୱରୂପ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଯୁବ ରେଡକ୍ରସ, ରେଡ ରିବନ ସ୍ୱେଚ୍ଛାସେବୀ, ଏନଏସଏସ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ। ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସମ୍ମିଳନୀ ଗୃହରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଗଣଦୌଡ଼ରେ ପ୍ରଥମ ସ୍ଥାନ ହାସଲ କରିଥିବା ୧୦ ଯୁବତୀ ଯୁବକ ୧୦ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ଗଣଦୌଡ଼ରେ ସାମିଲ ହେବେ। ଗଣଦୌଡ଼ରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ରବି ମୁଦୁଲି, ପ୍ରସାଦ ଯାନୀ, ଶୁଭାଶିଷ ଚୌଧୁରୀ, ବତି ବଡ଼ନାୟକ, ନିଶା ପ୍ରାସ୍କା ଓ ସରିତା ମାଝୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିରେ ୧୯ ଯୁବତୀ ଓ ୫୭ ଯୁବକଙ୍କ ସମେତ ମୋଟ ୭୬ ଜଣ ଅଂଶଗ୍ରହଣ କରିଥିଲେ। ଜିଲା ଏଡସ ବିଭାଗର ଜିଲା ସଂଯୋଜକ ସର୍ବେଶ୍ୱର ବାରିକ ଓ କ୍ଲଷ୍ଟର ପ୍ରୋଗ୍ରାମ ମ୍ୟାନେଜର ଚନ୍ଦ୍ରଶେଖର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରେଳମନ୍ତ୍ରୀଙ୍କୁ ଚିଠି ଲେଖିଲେ ପଟ୍ଟାଙ୍ଗି ବିଧାୟକ

## କୋରାପୁଟ ଜିଲାରେ ନୂତନ ରେଳ ଲାଇନ ନିର୍ମାଣ ଦାବି

କୋରାପୁଟ,୨୫।୮ (ଅମିତାଭ ବେହେରା)

କୋରାପୁଟ ରେଳ ଷ୍ଟେଶନରୁ ସେମିଳିଗୁଡ଼ା, ଦୁଧାରୀ, କୋଟିଆ, ଦାଣ୍ଡିଗାଁ ଓ ସାଲୁର ଦେଇ ବୋବିଲି ରେଳ ଷ୍ଟେଶନ ଏବଂ କୋରାପୁଟ ଷ୍ଟେଶନରୁ ସେମିଳିଗୁଡ଼ା, କୁନ୍ଦୁଲି, ସଦାମ ଓ ଚୌଗାଁ ଦେଇ ଆରକୁ ରେଳ ଷ୍ଟେଶନ ପର୍ଯ୍ୟନ୍ତ ନୂତନ ରେଳ ଲାଇନ ନିର୍ମାଣ କରିବାକୁ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ଦାବି କରିଛନ୍ତି। ଏ ନେଇ ସେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି। କୋରାପୁଟ ଜିଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ରେଳ ନେଟୱାର୍କର ଅଭାବ ଥିବା, ଲୋକେ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଆର୍ଥିକ କ୍ଷେତ୍ରରେ ପଛରେ ଥିବା ସେ କହିଛନ୍ତି। ସେମାନେ ଦୀର୍ଘ ସମୟ ଧରି ଏହି ନୂତନ ରେଳ ଲାଇନ ପାଇଁ ଦାବି କରି ଆସୁଛନ୍ତି। ପ୍ରସ୍ତାବିତ ନୂତନ ରେଳ ଲାଇନଗୁଡ଼ିକ ପୂର୍ବ ଘାଟ ଅଞ୍ଚଳରେ ଯୋଗାଯୋଗ, ପରିବହନ ଏବଂ ସେମିଳିଗୁଡ଼ାରେ ପ୍ରସ୍ତାବିତ କ୍ଷୁଦ୍ର ଶିଳ୍ପ କେନ୍ଦ୍ର ବିକଶିତ କରିବାରେ ସାହାଯ୍ୟ କରିବ ବୋଲି ବିଧାୟକ କାଡ଼ାମ ପତ୍ରରେ ଉଲ୍ଲେଖ କରିଛନ୍ତି। ଉକ୍ତ ପ୍ରସ୍ତାବିତ ଲାଇନଗୁଡ଼ିକ ୧୯୪୩ରୁ ରେଳ କର୍ତ୍ତୃପକ୍ଷଙ୍କ ଦ୍ୱାରା ସର୍ଭେ ସହ ବିଚାରାଧୀନ ଥିବା ଓ ଏଯାଏ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଜଣାଇଛନ୍ତି। ଜିଲାରେ ନୂତନ ରେଳ ଲାଇନ ବିକାଶ ପାଇଁ ବ୍ୟକ୍ତିଗତ ଆଗ୍ରହ ପ୍ରକାଶ କରିବାକୁ ସେ କେନ୍ଦ୍ର ରେଳ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।


RAMA CHANDRA KADAM, M.L.A.
POTTANGI
LEADER OF CLP
Chairman of Departmentally Related Standing Committee - VI (Food Supplies & Consumer Welfare, Co-operation and Textiles, Handlooms & Handicraft Department)
ODISHA LEGISLATIVE ASSEMBLY

Permanent Address : At Kadamguda, P.O./P.S. Semiliguda - 764036, Dist. Koraput
Present Address : Qtrs. No. VIID/S 1/2, Unit - II, Bhubaneswar, PIN - 751001
Email : ramachandrakadam8@gmail.com, rama.kadam@gov.in
Whatsapp/Call : 9437880244, 7978890542

Letter No. 230/CLP/25 Date 23/08/2025

To
Shrijukta Ashwini Vaishnaw Ji,
Hon'ble Railway Minister,
Govt. of India, New Delhi.

Sub: Proposal Regarding Const. of New Railway Lines from Koraput Railway Station to Bobbili Railway Station via Semiliguda, Dudhari, Kotiya, Dandigaon, Salur and from Koraput Railway Station to Araku Railway Station via Semiliguda, Kunduli, Sadam and Chaugaon – Request.

Hon'ble Sir,
With due deference I would like to submit the following New Railway Lines for your kind perusal and favourable Consideration that, as you know Koraput District in odisha being a tribal belt is seriously lack of railway networks as a result of which especially tribal peoples of Koraput District and are seriously behind in all aspects of development including health, education and economically etc. They have been demanding for the below mentioned new railway lines since long. The proposed new railway lines will not only incur financial benefit to Indian Railways but also it will help to develop the eastern ghats, Communication, Transportation and the proposed Small Scale Industrial Hub at Semiliguda.
In this connection I further submit that the proposed lines as requested has already been surveyed and pending by the railway authority since 1943 before independence and no steps has been taken till date in this regard being a tribal remote area.
I request the Hon'ble Railway Minister is kind enough for consideration and favourable orders for railway network especially in Koraput District of Odisha dominated by tribal communities and is submitted to take personal interest for the development of New Railway lines in Koraput District namely:
1. Koraput Railway Station to Bobbili Railway Station via Semiliguda, Dudhari, Kotiya and Dandigaon.
2. Koraput Railway Station to Araku Railway Station via Semiliguda, Kunduli, Sadam and Chaugaon.
Your Kind Consideration will be highly solicited.
With best regards,
Yours Sincerely,
(Rama Chandra Kadam)
MLA Pottangi-145(ST)
Copy to:-
The Hon'ble MP, Koraput for information and necessary action.

ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମଙ୍କ ଦ୍ୱାରା ପ୍ରେରିତ ଚିଠି।

# ଟାଇଟଲ୍ ଜିତିଲେ ନବରଙ୍ଗପୁରର ତାହିଦ ହାସନ ଖାନ୍

## ଅନ୍ତର୍ଜାତୀୟ ମଡେଲିଂ ପ୍ରତିଯୋଗିତାରେ ଭାରତରୁ ପ୍ରତିନିଧିତ୍ୱ କରୁଥିଲେ

ନବରଙ୍ଗପୁର,୨୫।୮ (ସଦାଶିବ ପ୍ରହରାଜ)

ଭିଏତନାମ୍‌ରେ ସଦ୍ୟ ସମାପ୍ତ ହୋଇଥିବା ମଡେଲିଂ ପ୍ରତିଯୋଗିତାରେ ନବରଙ୍ଗପୁରର ତାହିଦ ହାସନ ଖାନ୍ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ଅନେକ ଦେଶର ପ୍ରତିଯୋଗୀଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ତାଙ୍କୁ 'ସୁପର ଟ୍ୟାଲେଣ୍ଟ' ସବ୍ ଟାଇଟଲ୍ ମଧ୍ୟ ମିଳିଛି। ସୂଚନାନୁଯାୟୀ, ପୂର୍ବତନ ବିଧାୟକ ତଥା ରାଜ୍ୟ ସରକାରଙ୍କ ତତ୍କାଳୀନ ମନ୍ତ୍ରୀ ସ୍ୱର୍ଗତ ଜନାବ୍ ହବିବୁଲ୍ଲା ଖାଁଙ୍କ ନାତି ତାହିଦ୍ ହାସନ ନ୍ୟାଶନାଲ କଷ୍ଟ୍ୟୁମ୍ ରାଉଣ୍ଡ, ଟାଲେଣ୍ଟ ରାଉଣ୍ଡ ଏବଂ କଷ୍ଟ୍ୟୁମ୍ ରାଉଣ୍ଡ ପ୍ରଭୃତିରେ ଉତ୍କୃଷ୍ଟ ଧରଣର ପ୍ରଦର୍ଶନ କରି ବିଚାରକ ମଣ୍ଡଳୀଙ୍କ ମନ ଜିଣିଥିଲେ। ମିଶନ ଡ୍ରିମ୍ସ ମିସ୍ ଇଣ୍ଡିଆ ବିଜେତା ଅୟନା ରାଉତରାୟ ତାଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଗୁରୁ ବିଦୁ ସେଠୀ ନୃତ୍ୟ ତାଲିମ ଦେଇଥିଲେ। ମିଷ୍ଟର ଏବଂ ମିସ୍ ଟିନ ସୁପର ଗ୍ଲୋବ ଓ ଜୁନିଅର ମଡେଲ ଇଣ୍ଟରନ୍ୟାସନାଲର ଷ୍ଟେଟ ଡାଇରେକ୍ଟର ଜ୍ୟୋତିର୍ମୟୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ତାହିଦ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସାଇକୃପା କଳା କେନ୍ଦ୍ରରେ ତାଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ନବରଙ୍ଗପୁର ଜିଲାର ଅନେକ ବରିଷ୍ଠ କଳାକାର, ଜିଲାବାସୀ ତାହିଦ୍‌ଙ୍କ ସମେତ ବାପା ତାରିଖ ହସନ ଖାନ ଏବଂ ମା' ଆସମା ବାନୋଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶ ଯେ, ତାହିଦ୍ ଏବେ ୟୁନିଟ୍ – ୮ ଡିଏଭି ସ୍କୁଲର ସପ୍ତମ ଶ୍ରେଣୀ ଛାତ୍ର।



ବିଚାରକଙ୍କ ସହ ତାହିଦ ହାସନ ଖାନ୍।

# ପରିବେଶ ସୁରକ୍ଷାରେ ସାମିଲ ହେବାକୁ ପରାମର୍ଶ

## ଏକ୍ ପେଡ୍ ମା' କେ ନାମ କାର୍ଯ୍ୟକ୍ରମ

ସୁନାବେଡ଼ା,୨୫।୮ (କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସୁନାବେଡା ପୌର ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ସ୍ୱାୟତ୍ତ ଶାସନ ସପ୍ତାହ ପାଳନ ପ୍ରଥମ ଦିନରେ ପୌର ପ୍ରଶାସନ ପକ୍ଷରୁ ପୌର କଲୋନୀ ନିକଟ ପାର୍କରେ ବିଭିନ୍ନ ପ୍ରକାରର ୫୦ ଚାରାରୋପଣ କରାଯାଇଥିଲା। ପୌରାଧ୍ୟକ୍ଷ ଡ. ରାଜେନ୍ଦ୍ର ପାତ୍ର କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ପ୍ରତ୍ୟେକ ମଣିଷ ଗୋଟିଏ ଲେଖାଏ ଗଛ ଲଗାଇ ପରିବେଶ ସୁରକ୍ଷାରେ ଭାଗିଦାର ହେବାକୁ ପରାମର୍ଶ ଦେଇଥିଲେ। ଗଛ ଲଗାଇ ତାହାର ଉପଯୁକ୍ତ ଯତ୍ନ ନେବା ଆବଶ୍ୟକ ବୋଲି ସେ କହିଥିଲେ। ଏଥିରେ ପରିଷଦର ଉପାଧ୍ୟକ୍ଷା ରିତୁ କଣ୍ଡା, ସମସ୍ତ ପରିଷଦ ଓ କର୍ମଚାରୀ ଉପସ୍ଥିତ ଥିଲେ।



ପୌର ପରିଷଦ ପକ୍ଷରୁ ଚାରାରୋପଣ କରାଯାଉଛି।

# ପଞ୍ଚାୟତସ୍ତରୀୟ ଜନଶୁଣାଣି: ୧୫ ଅଭିଯୋଗ ପଞ୍ଜୀକୃତ

ନନ୍ଦପୁର,୨୫।୮ (ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ପ୍ରଶାସନ ପକ୍ଷରୁ ମାଲିବେଲଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦୁର୍ଗାପ୍ରସାଦ ଦୋରା, ସରପଞ୍ଚ ପ୍ରହଲ୍ଲାଦ ମୁଦୁଲି, ସମିତିସଭ୍ୟ ମଙ୍ଗଲୁ ଖରା, ସିଡିପିଓ ମିନତୀବାଳା ପଟ୍ଟନାୟକ, ସହକାରୀ ଶିକ୍ଷାଧିକାରୀ ମମତାଜ ଗୋମାଙ୍ଗ, ପଞ୍ଚାୟତର ସମସ୍ତ ୱାର୍ଡସଭ୍ୟ ଓ ସମସ୍ତ ସହଯୋଗୀ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ପଞ୍ଚାୟତବାସୀ ରାସ୍ତା, ପାଣି, ଶ୍ମଶାନ ଗୃହ ଆଦି ଉନ୍ନୟନମୂଳକ କାର୍ଯ୍ୟ ସହ ଆବାସ ଗୃହ ଯୋଜନାରେ ସାମିଲ କରିବାକୁ ୮ ସାମୁହିକ ଓ ୭ ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଅଭିଯୋଗ ପତ୍ର ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ବିଡିଓ ଦୋରା ପଞ୍ଚାୟତରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିଥିଲେ। ସମସ୍ତ ୧୫ ଅଭିଯୋଗ ପତ୍ର ପଞ୍ଜୀକୃତ କରାଯାଇଛି। ଜିଲା ପ୍ରଶାସନ ଓ ସହଯୋଗୀ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟା ସାବଧାନ କରାଯିବ ବୋଲି ସୂଚନା ଦେଇଛନ୍ତି।

# ନିଖୋଜ ନାବାଳକଙ୍କୁ ଉଦ୍ଧାର କଲା ଯୁବଗୋଷ୍ଠୀ

## ବାପାଙ୍କୁ ହସ୍ତାନ୍ତର କଲେ ସରପଞ୍ଚ, ପୋଲିସ

ନନ୍ଦପୁର,୨୫।୮ (ତୁଷାର କାନ୍ତ ମହାନ୍ତି)

ନନ୍ଦପୁର ବ୍ଲକ ବିଲାପୁଟ ପଞ୍ଚାୟତ ଜୋଲାପୁଟ ବଜାରରେ ଏକାକୀ ବୁଲୁଥିବା ଜଣେ ନାବାଳକଙ୍କୁ ରବିବାର ଅପରାହ୍ନରେ ସ୍ଥାନୀୟ ଯୁବଗୋଷ୍ଠୀ ଉଦ୍ଧାର କରି ସରପଞ୍ଚ ରାଜେସ ଲେନ୍ଦୁ ଓ ଜୋଲାପୁଟ ଫାଣ୍ଡି ଅଧିକାରୀଙ୍କୁ ସୂଚନା ଦେଇଥିଲେ। ଏହା ପରେ ଫାଣ୍ଡି ହେଫାଜତରେ ରଖି ନାବାଳକଙ୍କ ପରିଚୟ ଓ ଅଭିଭାବକଙ୍କୁ ଖୋଜିବାକୁ ସାମାଜିକ ଗଣମାଧ୍ୟମର ସହାୟତା ନେଇଥିଲେ। ପୋଲିସ ପକ୍ଷରୁ ସୀମାନ୍ତ ଆନ୍ଧ୍ର ମୁଞ୍ଚିମପୁଟ ପୋଲିସକୁ ସୂଚନା ଦିଆଯାଇଥିଲା। ସୋମବାର ସକାଳେ ଆନ୍ଧ୍ର ପେଦାଗୁଡା ଗ୍ରାମ ନିବାସୀ ଚିଟାପାଲି ତ୍ରିଣାଦମଙ୍କ ୧୧ ବର୍ଷୀୟ ପୁଅ ମାନଶ୍ରୀମାନ ବୋଲି ପରିଚୟ ମିଳିଛି। ଏହା ପରେ ନାବାଳଙ୍କ ମା'ବାପା ଜୋଲାପୁଟ ଫାଣ୍ଡିକୁ ଆସି ନିଖୋଜ ପୁଅ ମାନଶ୍ରୀମାନ ବୋଲି ଆବଶ୍ୟକ ପରିଚୟ ପତ୍ର ଦେଇ ପୁଅକୁ ନେଇଥିଲେ। ପ୍ରକାଶ ଯେ, ରବିବାର ସକାଳୁ ମାନଶ୍ରୀମାନ ନିଖୋଜ ଥିବା ଓ ସେମାନେ ଖୋଜା ଖୋଜି କରି ନିରାଶ ହୋଇଥିବା ତାଙ୍କ ମା'ବାପା କହିଥିଲେ। ମାନବିକତା ଦେଖାଇ ପୁଅକୁ ଉଦ୍ଧାର କରି ସୁରକ୍ଷିତ ଭାବେ ରଖିଥିବା ଜୋଲାପୁଟ ଯୁବଗୋଷ୍ଠୀ, ବିଲାପୁଟ ସରପଞ୍ଚ ଓ ଜୋଲାପୁଟ ଫାଣ୍ଡି ଅଧିକାରୀଙ୍କୁ ପ୍ରଶଂସା ସହ ଧନ୍ୟବାଦ ଜଣାଇଥିଲେ।

# ନ୍ୟାଯ୍ୟ ଦାବି ପୂରଣ ନ ହେବା ଯାଏ ଜାରି ରହିବ ଧାରଣା

## ୯ମ ଦିନରେ ବେସରକାରୀ ଅଧ୍ୟାପକ ଓ କର୍ମଚାରୀଙ୍କ ଆନ୍ଦୋଳନ

ସୁନାବେଡ଼ା,୨୫।୮ (କୃତ୍ତିବାସ ପ୍ରଧାନ)

ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ଆହ୍ୱାନରେ ହୋଇଥିବା କଲମ ଛାଡ ଆନ୍ଦୋଳନ ୯ ଦିନରେ ପହଞ୍ଚିଛି। ସୁନାବେଡ଼ା ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସମସ୍ତ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ କାର୍ଯ୍ୟ ବନ୍ଦ ରଖିଥିବା ଦେଖିବାକୁ ମିଳିଛି। ୨୦୦୮ରୁ ୨୦୧୮ ମଧ୍ୟରେ ନିଯୁକ୍ତ ଏହି ଅଧ୍ୟାପକ ଓ କର୍ମଚାରୀମାନେ ସ୍ୱଳ୍ପ ଦରମାରେ ଶିକ୍ଷାଦାନ ଓ ଅନ୍ୟାନ୍ୟ କାମ କରୁଛନ୍ତି। କିନ୍ତୁ ସରକାର ସେମାନଙ୍କ ନ୍ୟାଯ୍ୟ ଦାବି ପୂରଣ କରୁ ନ ଥିବା ଓ ଅନୁଦାନ ପ୍ରଦାନ କରୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ରାଜ୍ୟର ପ୍ରାୟ ୪ ହଜାରରୁ ଊର୍ଦ୍ଧ୍ୱ ଅଧ୍ୟାପକ ଓ କର୍ମଚାରୀ ଭୁବନେଶ୍ୱରରେ ଆନ୍ଦୋଳନ କରିଥିଲେ। ସରକାର ସେମାନଙ୍କ ଦାବିକୁ କର୍ଣ୍ଣପାତ କରୁ ନ ଥିବାରୁ ଚଳିତମାସ ୧୮ ତାରିଖରୁ ସେମାନେ କଲମ ଛାଡ଼ ଆନ୍ଦୋଳନ କରି କଲେଜ ଫାଟକ ସମ୍ମୁଖରେ ଧାରଣାରେ ବସିଛନ୍ତି। ସରକାର ସମସ୍ୟା ସମାଧାନ ନ କରିବା ଯାଏ ଆନ୍ଦୋଳନ ଚାଲୁ ରହିବ ବୋଲି ସେମାନେ କହିଛନ୍ତି। ଆନ୍ଦୋଳନ ଯୋଗୁ ଛାତ୍ରୀମାନଙ୍କ ପାଠ ପଢ଼ାରେ ବାଧା ସୃଷ୍ଟି ହେଉଥିବା ଛାତ୍ରୀ ଅଭିଯୋଗ କରିଛନ୍ତି। ସରକାର ଅତିଶୀଘ୍ର ଅଧ୍ୟାପକ ଓ କର୍ମଚାରୀଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ କରିବାକୁ ଅଭିଭାବକ ଓ ବୁଦ୍ଧିଜୀବୀ କହିଛନ୍ତି। ସୁନାବେଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୫ ଅଧ୍ୟାପକ ଓ ୪ କର୍ମଚାରୀ ଆନ୍ଦୋଳନରେ ସାମିଲ ହୋଇଛନ୍ତି।


ସୁନାବେଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀମାନେ ପ୍ରତିବାଦ କରୁଛନ୍ତି।


**कार्यालय झुमरीतिलैया नगर परिषद**

**अति अल्पकालीन ई–निविदा आमंत्रण सूचना**

ई–निविदा सूचना सं0– J.M.C/04/2025-26 Date – 25-08-2025

| क्रं0 सं0 | मद् का नाम | कार्य का नाम | प्राक्कलित राशि (in Rupees) | अग्रधन की राशि (in Rupees) | निविदा शुल्क (in Rupees) | कार्य समाप्ति की अवधि |
|---|---|---|---|---|---|---|
| 1. | 15वें वित्त | CONSTRUCTION OF DEVELOPMENT OF VENDING ZONES/SHOPS WITH BASIC INFRASTRUCTURE AND PUBLIC AMENITIES FOR STREET VENDOR NEAR GANDHI SCHOOL. | 1,71,14,457 | 3,42,300 | 10,000 | 12 Month |

1. Only E-Tender will be accepted
2. नगर विकास एवं आवास विभाग अन्तर्गत समुचित श्रेणी में निबंधित संवेदक निविदा में भाग ले सकते है।
3. वेबसाईट में निविदा प्रकाशन की तिथि : 01.09.2025 (पूर्वाहन 10.00 बजे से)।
4. ई–निविदा प्राप्ति की अंतिम तिथि एवं समय : 09.09.2025 अपराहन 5.00 बजे।
5. निविदा खोलने की तिथि : 11.09.2025 अपराहन 3.00 बजे।
6. हेल्पलाईन नम्बर : 7903772765, 9572100949, 8505948858
7. E-Procurement में Tender Fee एवं EMD की राशि ऑनलाईन सूचना प्रोद्योगिकी एवं ई–गवर्नेंस विभाग, झारखण्ड, राँची का आदेश ज्ञापांक – 120, दिनांक– 03.10.2023 एवं नगर विकास एवं आवास विभाग, झारखण्ड, राँची का पत्रांक 05 / विविध (e-tender)–12 / 2023 / न0वि0–4847 (अनु0), दिनांक– 11.10.2023 के तहत ली जायगी।
8. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।

विशेष जानकारी विभागीय वेबसाईट http://jharkhandtenders.gov.in पर देखी जा सकती है।

प्रशासक
झुमरी तिलैया, नगर परिषद

PR 360399 Urban Development(25-26)#D



**GOVT. OF ODISHA** No.O-640
**OFFICE OF THE SUPERINTENDING ENGINEER**
**RURAL WORKS DIVISION, ANANDAPUR**
E-Mail:- eerw_anandapur@yahoo.co.in

**NOTICE INVITING TENDER**

**NATIONAL COMPETITIVE BIDDING THROUGH e-PROCUREMENT NOTICE**
**On line-04 /EE/RW/AND/2025-26**
**Construction of Academic Building (1st Floor) of Patitapaban Degree College, Sainkul**
No. 5180// Date : 21.08.2025 //

**Executive Engineer, Rural Works Division, Anandapur** on behalf of **Government of Odisha invites PERCENTAGE (%) RATE tender for Building work through** e-Procurement as per annexure in **Double Cover system**. The bid should be submitted on-line in the website www.tendersorissa.gov.in by eligible class of contractors having legal competency & expertise, registered with the state Government & contractors of equivalent grades /class registered with central Govt./ MES/ Railways for execution of the works for drawal of agreement in percentage P1 contract forms of Government of Odisha. The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrollment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender in : O/o the S.E., R.W. Division, Anandapur | |
|---|---|---|---|---|---|---|
| | | From | To | | Technical Bid (Double Cover) | Financial Bid (Double Cover) |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division, Anandapur | NCB-Online 04/EE/RW/ AND/2025-26 | Dt.29.08.25 at 10.00 A.M. | Dt.06.09.25 up to 5.30 P.M. | Dt.06.09.25 up to 5.30 P.M. | Dt.08.09.25 at 11.30 A.M. | Will be intimated later |

Sd./- Executive Engineer
R.W. Division, Anandapur

OIPR-25055/11/0024/2526



**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack-753015, Odisha

**QUOTATION CALL NOTICE**

Sealed quotations in prescribed format are invited for Printing Works, Supply of High Tea, Supply of Biryani Packets, Working Lunch & Snacks, Supply of Electrical Items, Supply of Furniture Items, and Supply of Tent House Items for 12th Annual Convocation at NLUO, Cuttack. Last date & time of receipt is **03.09.2025** at **11.00 A.M.** For details please visit website: **www.nluo.ac.in".**

Sd/- Registrar



**OFFICE OF THE SUPERINTENDING ENGINEER**
**RURAL WORKS DIVISION-II, GANJAM, BERHAMPUR**
Phone : 0680-2404096, E-Mail : eerwgmt@yahoo.co.in
No.O-613 **Government of Odisha e-Procurement Notice**
**Bid Identification No. Online Tender/05/SERWD-II/2025-26**
**Memo No.6194/RWD-IIGB, Date : 18.08.2025**

| | | | |
|---|---|---|---|
| 1 | Name of the Work | : | Building Works |
| 2 | Estimated Cost | : | Rs.2.11 lakhs to Rs.5.05 lakhs |
| 3 | Period of Completion | : | 1 (One) Month as per Annexure |
| 4 | Date & Time of availability of Bid documents in the Portal | : | 01.09.2025 at 10.00 A.M. to 12.09.2025 up to 4.00 P.M. |
| 5 | Last Date/Time for receipt of Bids in the Portal | : | 12.09.2025 up to 4.00 P.M. |
| 6 | Name and address of the Officer Inviting Bid | : | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal **tendersodisha.gov.in/nicgep/app**

Sd./- Executive Engineer
R.W. Division-II, Ganjam
Berhampur

OIPR-25073/11/0025/2526



**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B)**
**NIRMAN SOUDHA, BHUBANESWAR**
E-mail : seec.bbsr2010@gmail.com
**Bid Identification No.S.E.E.C (R&B) 11/2025-26**
**No. 3169 / Date : 19.08.2025**

**No.B-428** : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.01.09.2025 at 05.00 P.M. to dt.15.09.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.16.09.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B) Odisha,
BBSR

OIPR-34006/11/0045/2526

# ପୋଲିସ ଏସ୍‌ଆଇଙ୍କୁ ଗିରଫ କଲା ଭିଜିଲାନ୍ସ

## ସ୍କ୍ରାପ୍ ବ୍ୟବସାୟୀଙ୍କଠାରୁ ନେଉଥିଲେ ଲାଞ୍ଚ

ବରଗଡ଼, ୨୫।୮ (ପ୍ରେମାନନ୍ଦ ଖମାରୀ)

ଲାଞ୍ଚ ନେବା ଅଭିଯୋଗରେ ବରଗଡ଼ ଜିଲା ବିଜେପୁର ଥାନାରେ କାର୍ଯ୍ୟରତ ପୋଲିସ ଏସ୍‌ଆଇ ଜଗା ବରିହାଙ୍କୁ ଭିଜିଲାନ୍ସ ସୋମବାର ଗିରଫ କରିଛି। ସେ ବିଜେପୁରର ସ୍କ୍ରାପ୍ ବ୍ୟବସାୟୀ ମୁକେଶ ସାହୁଙ୍କ ଠାରୁ ୭ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ମାଡ଼ି ବସିଥିଲା। ତାଙ୍କ ପାଖରୁ ଲାଞ୍ଚ କାରବାରରେ ବ୍ୟବହୃତ ରାସାୟନିକ ପ୍ରଲେପ ଦିଆ ୭ହଜାର ଟଙ୍କା ଜବତ ହୋଇଛି। ଏ ନେଇ ସମ୍ବଲପୁର ଭିଜିଲାନ୍ସ ଏକ ମାମଲା (ନଂ-୧୬/୨୫) ରୁଜୁ କରାଯିବା ସହ ବରିହାଙ୍କୁ ସ୍ଥାନୀୟ ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଛି। ସୂଚନାନୁଯାୟୀ, ଏସ୍‌ଆଇ ବରିହା ସ୍କ୍ରାପ୍ ବ୍ୟବସାୟୀ ମୁକେଶଙ୍କ ବ୍ୟବସାୟରେ ପୋଲିସ କେବେ କୌଣସି ମାମଲା କରିବ ନାହିଁ କହି ତାଙ୍କଠାରୁ ମାସକୁ ୧୦ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ମାତ୍ର ମୁକେଶ ଏତେ ଟଙ୍କା ଦେବାରେ ନିଜ ଅସମର୍ଥତା ପ୍ରକାଶ କରି ୭ହଜାର ଟଙ୍କା ପ୍ରଦାନ କରିଥିଲେ। କିନ୍ତୁ ଏସ୍‌ଆଇ ବରିହା ୭ହଜାର ଟଙ୍କା ଫେରାଇଦେଇ ମୁକେଶଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଧମକ ଦେଇଥିଲେ। ଏହାପରେ ଅନନ୍ୟୋପାୟ ହୋଇ ରବିବାର ମୁକେଶ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତିକରି ଭିଜିଲାନ୍ସ ପୋଲିସ ଏସ୍‌ଆଇଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲା। ଯୋଜନା ଅନୁଯାୟୀ, ସ୍କ୍ରାପ୍ ବ୍ୟବସାୟୀ ପୋଲିସ ଏସ୍‌ଆଇ ବରିହାଙ୍କୁ ୭ହଜାର ଟଙ୍କା ଦେଉଥିବାବେଳେ ଭିଜିଲାନ୍ସ ଟିମ୍ ଅତର୍କିତ ଚଢ଼ାଉ କରି ତାଙ୍କୁ ଧରିଥିଲା। ସେହିପରି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଆଶଙ୍କାରେ ଭିଜିଲାନ୍ସ ଏସ୍‌ଆଇ ବରିହାଙ୍କ ବିଜେପୁରସ୍ଥିତ ଭୋଇପଡ଼ା, ବିଜେପୁର କାର୍ଯ୍ୟାଳୟ ଏବଂ ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ରଘୁଆଣ୍ଡି ବାସଭବନରେ ଚଢ଼ାଉ କରିଛି।


ପୋଲିସ ଏସ୍‌ଆଇ ଜଗା ବରିହା।

# ସମ୍ପର୍କୀୟ ମାମୁଙ୍କୁ ଆଜୀବନ କାରାଦଣ୍ଡ

## ୪ ମାସରେ ଶିଶୁକନ୍ୟା ବଳାତ୍କାର, ହତ୍ୟା ମାମଲାର ରାୟ

ବ୍ରହ୍ମପୁର, ୨୫।୮ (ସୁଭାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ପାଟପୁର ଥାନା ଅଞ୍ଚଳର ଏକ ଶିଶୁକନ୍ୟା ବଳାତ୍କାର ଓ ହତ୍ୟା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ୪ ମାସ ମଧ୍ୟରେ ଏହି ସମ୍ବେଦନଶୀଳ ମାମଲାର ବିଚାର ହୋଇ ଅଭିଯୁକ୍ତ ସମ୍ପର୍କୀୟ ମାମୁଙ୍କୁ ଦଣ୍ଡାଦେଶ ହୋଇଛି। ବ୍ରହ୍ମପୁର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଜଜ୍ ପ୍ରଶାନ୍ତ ପଟ୍ଟନାୟକ ଅଭିଯୁକ୍ତ କାଳିଆ ନାହାକ ଓରଫ ଷଣ୍ଢ କାଳିଆ(୨୭)ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ମୃତ ଶିଶୁକନ୍ୟାଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୃତ ଶିଶୁକନ୍ୟାଙ୍କ ମା' ନିଜ ପ୍ରତିକ୍ରିୟାରେ କହିଛନ୍ତି, ନ୍ୟାୟାଳୟ ଉପରେ ଭରସା ରହିଥିଲା। ଦୋଷୀଙ୍କୁ ଫାଶୀ ଦଣ୍ଡାଦେଶ ହୋଇଥିଲେ ଝିଅର ଆତ୍ମାକୁ ଶାନ୍ତି ମିଳିପାରିଥାନ୍ତା ବୋଲି କହିଛନ୍ତି। ସାନଖେମୁଣ୍ଡି ବ୍ଲକ ମହାଳକ ଗ୍ରାମର ଜଣେ ମହିଳା ଗତ ଏପ୍ରିଲ ମାସରେ ତାଙ୍କ ୫ବର୍ଷର ଝିଅକୁ ଧରି ଖଲିଙ୍ଗି ଗ୍ରାମ ବାପଘରକୁ ଯାତ୍ରା ଦେଖିବାକୁ ଯାଇଥିଲେ। ୨୫ ତାରିଖ ସନ୍ଧ୍ୟାରେ ଝିଅ ଘର ଆଗରେ ଖେଳୁଥିବା ବେଳେ ହଠାତ୍ ନିଖୋଜ ହୋଇଯାଇଥିଲେ। ଯାତ୍ରା କମିଟି ପକ୍ଷରୁ ମାଇକ୍‌ରେ ଏ ନେଇ ସୂଚନା ଦିଆଯାଇଥିଲା। ସବୁଆଡ଼େ ଖୋଜାଖୋଜି ପରେ ବି ପତ୍ତା ନ ମିଳିବାରୁ ପାଟପୁର ଥାନାକୁ ଖବର ଦିଆଯାଇଥିଲା। ପୋଲିସ ଟିମ୍ ଗାଁରେ ପହଞ୍ଚି ତଦନ୍ତ କରି ଫେରିଥିଲା। ପରିବାର ଲୋକେ ରାତିସାରା ଗ୍ରାମବାସୀଙ୍କ ସହାୟତାରେ ଖୋଜାଖୋଜି କରିଥିଲେ ମଧ୍ୟ ଝିଅକୁ ପାଇ ନ ଥିଲେ। ବିଳମ୍ବିତ ରାତିରେ କେତେଜଣ ଲୋକ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ନିକଟସ୍ଥ ନିର୍ମାଣାଧୀନ ଅଙ୍ଗନୱାଡ଼ି କେନ୍ଦ୍ର ଭିତରେ ଶିଶୁକନ୍ୟା ମୃତଦେହ ପଡ଼ିଥିବା ଦେଖି ଥାନାକୁ ଖବର ଦେଇଥିଲେ। ଶିଶୁକନ୍ୟାକୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଜଣାପଡ଼ିଥିଲା। ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ରଙ୍କ ନେତୃତ୍ୱରେ ଆସିକା ଏସ୍‌ଡିପିଓ ସରୋଜ ଜେନା, ପାଟପୁର ଥାନା ଅଧିକାରୀ ଦିବ୍ୟରଞ୍ଜନ ବେହେରାଙ୍କ ଘଟଣାର ତଦନ୍ତ କରିଥିଲେ। ଏହି ଘଟଣାରେ ପୋଲିସ ଶିଶୁକନ୍ୟାଙ୍କ ସମ୍ପର୍କୀୟ ମାମୁ କାଳିଆଙ୍କୁ ଗିରଫ କରି ଚାଲାଣ କରିଥିଲା। ମାମଲାର ବିଚାର ବେଳେ ମୋଟ ୨୦ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମାମଲା ପରିଚାଳନା କରିଥିଲେ।

# ବଳାତ୍କାର ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

ଛେଣ୍ଡିପଦା, ୨୫।୮ (ଅଜିତ ଧଳ)

ଅନୁଗୋଳ ଜିଲା ବାଗଡ଼ିଆ ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ବଳାତ୍କାର ମାମଲାର ବିଚାର କରି ଅନୁଗୋଳ ଅତିରିକ୍ତ ଜିଲା ଓ ଦୌରାଜଜ୍ ଫାଷ୍ଟଟ୍ରାକ୍ କୋର୍ଟ ଅଭିଯୁକ୍ତ ବଂଶୀ ନାଏକଙ୍କୁ ସୋମବାର ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାରୁ ପ୍ରକାଶ, ୧୬ ନଭେମ୍ବର ୨୦୧୮ରେ ସମ୍ପୃକ୍ତା ଯୁବତୀ ଗାଧୋଇବା ପାଇଁ ଯାଉଥିବାବେଳେ ଏକୁଟିଆ ପାଇ ବଂଶୀ ତାଙ୍କୁ ବଳାତ୍କାର କରିଥିଲେ। ଏଥିସହ ଘଟଣା ସମ୍ପର୍କରେ କାହାକୁ କହିଲେ ହତ୍ୟା କରିବାକୁ ଧମକ ଦେଇଥିଲେ। କିଛିଦିନ ପରେ ଯୁବତୀ ଗର୍ଭବତୀ ହେବାରୁ ଏ ନେଇ ୨୧ ମାର୍ଚ୍ଚ ୨୦୧୯ରେ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନଂ. ୧୧୨/୧୯ରେ ମାମଲା ରୁଜୁ ସହିତ ଥାନା ଅଧିକାରୀ ପ୍ରିୟବ୍ରତ ଦାଶ ଘଟଣାର ତଦନ୍ତ କରି ଅଭିଯୁକ୍ତ ବଂଶୀଙ୍କୁ ଗିରଫ କରିଥିଲେ। ଏହି ମାମଲାର ବିଚାର କରି ଅନୁଗୋଳ ଅତିରିକ୍ତ ଜିଲା ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ବିରଞ୍ଚି ନାରାୟଣ ମିଶ୍ର ଅଭିଯୁକ୍ତଙ୍କୁ ଦଣ୍ଡିତ କରିଥିଲେ। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସହକାରୀ ଓକିଲ ପ୍ରଦୀପ କୁମାର ଭୂତିଆ ପରିଚାଳନା କରିଥିଲେ।

# ମୃତ ବ୍ୟକ୍ତିଙ୍କୁ ଜୀବିତ ଦର୍ଶାଇ ଜମି ବିକ୍ରି, ୩ ଗିରଫ

ଗଞ୍ଜାମ, ୨୫।୮ (ବିଦ୍ୟାଧର ସାହୁ)

ଜଣେ ମୃତ ବ୍ୟକ୍ତିଙ୍କୁ ଜୀବିତ ଦର୍ଶାଇ ଜମି ବିକ୍ରି କରାଯାଇଥିବା ଘଟଣାର ପର୍ଦ୍ଦାଫାଶ ହୋଇଛି। ଏହି ଜମି ଜାଲିଆତି ଓ ବିକ୍ରି ମାମଲାରେ ଗଞ୍ଜାମ ପୋଲିସ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଛତ୍ରପୁର କୁମାରବେଗପଲି ଅଞ୍ଚଳର ମନୋଜ ଗୌଡ଼ (୩୦), କାଳଯମୁନା ଗ୍ରାମର ଦିଲୀପ ମାଳି (୫୧) ଓ ବ୍ରହ୍ମପୁର ନିମଖଣ୍ଡି ବନ୍ଧସାହିର ଦଣ୍ଡପାଣି ବେହେରା (୭୮)। ସେମାନଙ୍କଠାରୁ ନକଲି ଆଧାର କାର୍ଡ ଓ ବ୍ୟାଙ୍କ ପାସ୍‌ବୁକ୍ ଜବତ କରାଯାଇଛି। ଗିରଫ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ନକଲି ମାଲିକ ଓ ଦୁଇଜଣ ଜମି ଦଲାଲ ରହିଥିବା ଏସ୍‌ଆଇ ଅନିରୁଦ୍ଧ ସ୍ୱାଇଁ କହିଛନ୍ତି।

ଏତଲାରୁ ପ୍ରକାଶ, ହଳଦିଆପଦର ବାସିନ୍ଦା ଦଣ୍ଡପାଣି ବେହେରାଙ୍କ ଗତ ୨୦୦୪ରେ ମୃତ୍ୟୁ ହୋଇଥିଲା। ଦଣ୍ଡପାଣିଙ୍କ ନାମରେ ମଲାଡ଼ ପଞ୍ଚାୟତରେ ଦୁଇ ଏକର ୬୪୨ ଡିସିମିଲ ଜମି ରହିଥିଲା। ତାଙ୍କ ପରିବାରର ପ୍ରାୟ ସଦସ୍ୟ ବାହାରେ ସ୍ଥାୟୀ ଭାବରେ ଥିବାରୁ ସେହି ଜମି ଉପରେ ଗୁରୁତ୍ୱ ଦେଉ ନ ଥିଲେ। ଏହି ସୁଯୋଗର ଫାଇଦା ଉଠାଇ କେତେଜଣ ବ୍ୟକ୍ତି ଦଲାଲ ସାଜି ଜାଲିଆତି କରି ଉକ୍ତ ଜମି ବିକ୍ରି କରି ଦେଇଥିଲେ। ଦୀର୍ଘଦିନ ପରେ ଦଣ୍ଡପାଣିଙ୍କ ପୁଅ ମାନସ ଏ ସମ୍ପର୍କରେ ଜାଣିବାକୁ ପାଇଥିଲେ। ସେ ଏନେଇ ଅଗଷ୍ଟ ୨୦ରେ ଗଞ୍ଜାମ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ନଂ. ୨୭୦/୨୦୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଆଇଆଇସି ଦାୟିତ୍ୱରେ ଥିବା ଶ୍ରଦ୍ଧାଞ୍ଜଳି ସୁବୁଦ୍ଧିଙ୍କ ନେତୃତ୍ୱରେ ଏହାର ଖୋଳତାଡ଼ ହୋଇଥିଲା। ରିପୋର୍ଟ ଅନୁସାରେ, ୨୦୨୪ରେ ଅଭିଯୁକ୍ତମାନେ ନକଲି ଆଧାର କାର୍ଡ ବ୍ୟବହାର କରି ୭୮ ବର୍ଷୀୟ ଦଣ୍ଡପାଣି ବେହେରାଙ୍କ ପରିଚୟ ଦେଇ ସ୍ଥାନୀୟ ବ୍ୟକ୍ତି ଡି. ବିକାଶଙ୍କୁ ଏହି ଜମି ବିକ୍ରି କରିଥିଲେ। ୨୦୨୪ ସେପ୍ଟେମ୍ବର ୧ରେ ଗଞ୍ଜାମ ସବ୍ ରେଜିଷ୍ଟ୍ରାର ଅଫିସରେ ଜମି ରେଜିଷ୍ଟ୍ରି ହୋଇଥିଲା। ଅଧିକ ଟଙ୍କା ଥିବା ଜମି କମ୍ ଟଙ୍କାରେ ମିଳୁଥିବାରୁ ବିକାଶ ଜମି କିଣିଥିଲେ। ଏହି ଘଟଣାରେ ୧୫ ଲକ୍ଷ ଟଙ୍କା କାରବାର ହୋଇଥିବା ବେଳେ ଏଥିରୁ ନକଲି ଦଣ୍ଡପାଣି ସାଜିଥିବା ବ୍ୟକ୍ତିଙ୍କୁ ୧.୫ ଲକ୍ଷ ପ୍ରଦାନ କରାଯାଇଥିଲା। ଅବଶିଷ୍ଟ ୧୩.୫ ଲକ୍ଷ ଟଙ୍କା ଦୁଇ ଦଲାଲ ମନୋଜ ଓ ଦିଲୀପ ବାଣ୍ଟି ନେଇଥିଲେ। ପଚରାଉଚରା ବେଳେ ଅଭିଯୁକ୍ତମାନେ ଜମି ଜାଲିଆତି କରି ବିକ୍ରି କରିଥିବା ସ୍ୱୀକାର କରିଛନ୍ତି।

# ହେଲ୍‌ପରଙ୍କୁ ମରଣାନ୍ତକ ଆକ୍ରମଣ, କଣ୍ଡକ୍ଟର ଗିରଫ

ଭୁବନେଶ୍ୱର, ୨୫।୮ (ସତ୍ୟଜିତ୍ ରାଉତ)

ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଜଣେ ହେଲ୍‌ପରଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ କଣ୍ଡକ୍ଟରଙ୍କୁ ଭରତପୁର ଥାନା ପୋଲିସ ସୋମବାର ଗିରଫ କରିଛି। ସେହେଲେ ପୁରୀ ଜିଲା ନିମାପଡ଼ାର କାହ୍ନା ଓରଫ ଖୋକା ଓରଫ ତ୍ରିନାଥ ଭୋଇ(୨୫)। କୋର୍ଟ ଚାଲାଣ ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆକ୍ରମଣର ଶିକାର ହେଲ୍‌ପର ବୁବୁନା ଜେନା 'ଖାଟୋଇ ଆଣ୍ଡ ଖାଟୋଇ' ବସ୍‌ରେ ହେଲ୍‌ପର ଭାବେ କାମ କରୁଥିବାବେଳେ କାହ୍ନା ମଧ୍ୟ ଉକ୍ତ ବସ୍‌ରେ କଣ୍ଡକ୍ଟର ଅଛନ୍ତି। ରବିବାର ରାତି ପ୍ରାୟ ୯ଟା ବେଳେ କୌଣସି ଏକ କଥାକୁ ନେଇ ସେଠାରେ ବୁବୁନା ଓ କାହ୍ନାଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ବୁବୁନାଙ୍କୁ କାହ୍ନା ଏକ ଜର୍ ରଡ୍‌ରେ ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକମାନେ ଘଟଣାସ୍ଥଳକୁ ଆସିବା ଦେଖି କାହ୍ନା ସେଠାରୁ ଖସି ପଳାଇ ଯାଇଥିଲେ। ବୁବୁନାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି କାହ୍ନାଙ୍କୁ ବରମୁଣ୍ଡାରୁ ଗିରଫ କରିଥିଲା।

# ଡକାୟତି ଯୋଜନା ବେଳେ ମାଡ଼ିବସିଲା ପୋଲିସ

## ୬ ଗିରଫ, ୨ ବନ୍ଧୁକ ଜବତ

ଭଦ୍ରକ, ୨୫।୮ (ସନାତନ ରାଉତ)

ଡକାୟତି ଯୋଜନା କରୁଥିବା ବେଳେ ରବିବାର ରାତିରେ ଏକ ଡକାୟତ ଗ୍ୟାଙ୍ଗକୁ ମାଡ଼ି ବସିଲା ଭଦ୍ରକ ଟାଉନ ପୋଲିସ। ସେମାନଙ୍କଠାରୁ ୨ଟି ବନ୍ଧୁକ ଓ ୩ ରାଉଣ୍ଡ ଗୁଳି ଜବତ ସହ ୬ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ବାଲେଶ୍ୱର ଜିଲା ସୋର ଥାନା ଅଧୀନ ସୋର ଅଞ୍ଚଳର ସୁକାନ୍ତ କୁମାର ସେଠୀ(୧୯), ରାଜୀବ କୁମାର ନାୟକ(୧୯), କୁଣ୍ଡାପଡ଼ାର ସଞ୍ଜୟ ଦଳେଇ(୧୯), ରାଇପୁରର ବିଶ୍ୱନାଥ ଦାସ(୨୦), ବେଲପୁରର ସେକ୍ ଆରିଫ(୨୩) ଓ ସେକ୍ ସମରାଜ(୨୦)।

ସୂଚନା ଅନୁଯାୟୀ, ଟାଉନ ପୋଲିସ ରାତି ପ୍ରାୟ ୧୦ଟା ବେଳେ ପାଟ୍ରୋଲିଂ କରୁଥିବା ବେଳେ ସହରର ବନ୍ତଛକସ୍ଥିତ ଜଗନ୍ନାଥପୁର ଏଟିଏମ୍ ନିକଟରେ ୬ ଯୁବକ ମାରଣାସ୍ତ୍ର ଧରି ଠିଆ ହୋଇଥିବା ଦେଖିବାକୁ ପାଇଥିଲା। ପୋଲିସ ସେମାନଙ୍କ ନିକଟକୁ ଯିବାରୁ ୩ ଯୁବକ ଗୋଟିଏ ବାଇକ୍‌ରେ ଚମ୍ପଟ ମାରିଥିଲେ। ପୋଲିସ ଅନ୍ୟ ୩ଜଣଙ୍କ ତଲାସି ନେବାରୁ ସେମାନଙ୍କଠାରୁ ଏକ ଖେଳଣା ବନ୍ଧୁକ ସହ ୩ ରାଉଣ୍ଡ ଗୁଳି ମିଳିଥିଲା। ଭୁଜାଲି, ଗ୍ୟାସ୍ କଟର ସହ ବିଭିନ୍ନ ମାରଣାସ୍ତ୍ର ସେମାନଙ୍କ ପାଖରୁ ବାହାରିଥିଲା। ପୋଲିସ ୩ଜଣଙ୍କୁ କାବୁ କରିବା ପରେ ଖସି ଯାଇଥିବା ଅନ୍ୟ ୩ଜଣଙ୍କୁ ପିଛା କରି ବରପଦା ନିକଟରୁ ଧରିଥିଲା। ସେମାନଙ୍କଠାରୁ ଆଉ ଏକ ବନ୍ଧୁକ ମିଳିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୪୯୫/୨୫) ରୁଜୁ କରାଯାଇ ଡାକ୍ତରୀ ପରୀକ୍ଷା ପରେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ସେମାନଙ୍କ ନାମରେ ସୋର ଥାନାରେ ବିଭିନ୍ନ ଆପରାଧିକ ମାମଲା ରହିଥିବା ଥାନାଧିକାରୀ ପ୍ରଭାଂଶୁ ମିଶ୍ର କହିଛନ୍ତି।

## Business

# ମହିଳା ନିଯୁକ୍ତି ହାର ଦ୍ୱିଗୁଣିତ, ବେକାରି ୩.୨%କୁ ହ୍ରାସ

ଭୁବନେଶ୍ୱର, ୨୫।୮ (ଅନୁରାଧା ମହାରଣା)



୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ଦେଶ କରିବା ପାଇଁ ସରକାର ସବୁ କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏପରିକି କର୍ମଶକ୍ତିରେ ୭୦% ମହିଳା ଅଂଶଗ୍ରହଣକୁ ସୁନିଶ୍ଚିତ କରିବାର ଲକ୍ଷ୍ୟ ରଖାଯାଇଛି । ପିଏଲ୍‌ଏଫ୍‌ଏସ୍ ତଥ୍ୟ ଅନୁଯାୟୀ ଦେଶରେ ମହିଳା କର୍ମନିଯୁକ୍ତି ହାରରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ମହିଳା ନିଯୁକ୍ତି ହାର ୨୦୧୭-୧୮ରେ ୨୨%ରୁ ୨୦୨୩-୨୪ରେ ୪୦.୩%କୁ ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ ବେକାରି ହାର ୫.୬ ପ୍ରତିଶତରୁ ୩.୨ ପ୍ରତିଶତକୁ ହ୍ରାସ ପାଇଛି । ଗ୍ରାମୀଣ ଭାରତରେ ମହିଳା ନିଯୁକ୍ତିରେ ୯୬% ବୃଦ୍ଧି ଘଟିଥିବାବେଳେ ସହରାଞ୍ଚଳରେ ୪୩% ବୃଦ୍ଧି ଘଟିଛି। ଏକ ଆକଳନ ଅନୁସାରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ମହିଳାମାନଙ୍କ ନିଯୁକ୍ତି କ୍ଷମତା ମଧ୍ୟ ୨୦୧୩ରେ ୪୨% ଥିବାବେଳେ ତାହା ୨୦୨୪ରେ ୪୭.୫୩%କୁ ବୃଦ୍ଧି ପାଇବ । ସ୍ନାତକୋତ୍ତର ଏବଂ ତଦୂର୍ଦ୍ଧ୍ୱ ଡିଗ୍ରୀ ହାସଲ କରିଥିବା ମହିଳାଙ୍କ ମଧ୍ୟରେ ନିଯୁକ୍ତି ହାର ୨୦୧୭-୧୮ରେ ୩୪.୫%ରୁ ୨୦୨୩-୨୪ରେ ୪୦ ପ୍ରତିଶତକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଇଣ୍ଡିଆ ସ୍କିଲ୍ସ ରିପୋର୍ଟ ୨୦୨୫ ଅନୁଯାୟୀ, ୨୦୨୫ରେ ପ୍ରାୟ ୫୫% ଭାରତୀୟ ସ୍ନାତକ ବିଶ୍ୱ ସ୍ତରରେ ନିଯୁକ୍ତି ଯୋଗ୍ୟ ହେବେ ବୋଲି ଆଶା କରାଯାଉଛି। ଏହା ୨୦୨୪ରେ ୫୧.୨% ଥିଲା। ଇପିଏଫଓ ପେରୋଲ ତଥ୍ୟ ଅନୁସାରେ, ସଂଗଠିତ କ୍ଷେତ୍ରରେ ମହିଳାଙ୍କ ଯୋଗଦାନ ବଢ଼ିଛି। ଗତ ୭ ବର୍ଷରେ ୧.୫୬ କୋଟି ମହିଳା ଆନୁଷ୍ଠାନିକ କର୍ମଶକ୍ତିରେ ଯୋଗ ଦେଇଛନ୍ତି। ଏହି ସମୟରେ ଅଗଷ୍ଟ ସୁଦ୍ଧା ଇ-ଶ୍ରମ ପୋର୍ଟାଲରେ ୧୬.୬୯ କୋଟିରୁ ଅଧିକ ଅସଂଗଠିତ ମହିଳା ଶ୍ରମିକଙ୍କ ପଞ୍ଜୀକରଣ ରେକର୍ଡ କରାଯାଇଛି, ଅନ୍ୟପଟେ ଜାତୀୟ ସ୍ତରରେ ୧୫ଟି ମନ୍ତ୍ରଣାଳୟର ୭୦ଟି କେନ୍ଦ୍ରୀୟ ଯୋଜନା ଏବଂ ୪୦୦ରୁ ଅଧିକ ରାଜ୍ୟସ୍ତରୀୟ ଯୋଜନା ମହିଳା ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରାଯାଉଛି। ପିଏଲଏଫଏସ ତଥ୍ୟ ଦର୍ଶାଉଛି ଯେ ମହିଳା ଆତ୍ମନିଯୁକ୍ତି ୩୦% ବୃଦ୍ଧି ପାଇଛି। ୨୦୧୭-୧୮ ରେ ୫୧.୯%ରୁ, ୨୦୨୩-୨୪ରେ ଏହା ୬୭.୪%କୁ ବୃଦ୍ଧି ପାଇବାର ଆକଳନ କରାଯାଇଛି।

# ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ, ୨୫।୮

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିପାରିଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ର ସେନ୍‌ସେକ୍ସ ୩୨୯ (୩୨୯.୦୬) ପଏଣ୍ଟ ବୃଦ୍ଧି ଘଟି ୮୧,୬୩୬ (୮୧,୬୩୫.୯୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୯୮ (୯୭.୬୫) ପଏଣ୍ଟ ବଢ଼ି ୨୪,୯୬୮ (୨୪,୯୬୭.୭୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ବେଦାନ୍ତର ମାଗଣା ଚକ୍ଷୁ ପରୀକ୍ଷା ଶିବିର



ଭୁବନେଶ୍ୱର, ୨୫।୮

ବେଦାନ୍ତ ଆଲୁମିନିୟମର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଏଲ୍‌ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ ସହଭାଗିତାରେ କମ୍ପାନୀ ରାୟଗଡ଼ାର କାଶୀପୁର ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି)ରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିରର ଆୟୋଜନ କରିଥିଲା। କମ୍ପାନୀର ଏହି ପଦକ୍ଷେପ କାଶୀପୁର ବ୍ଲକ ଏବଂ ନିକଟସ୍ଥ ଗ୍ରାମଗୁଡ଼ିକର ୧୬୫ରୁ ଅଧିକ ବାସିନ୍ଦାଙ୍କୁ ଉପକୃତ କରିଥିଲା, ଯାହା ଗୋଷ୍ଠୀ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ବୃଦ୍ଧି ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ଦର୍ଶାଇଥିଲା। ଏହି ପରିପ୍ରେକ୍ଷୀରେ କାଶୀପୁରର ଭାରପ୍ରାପ୍ତ ଇନ୍ସପେକ୍ଟର ଦେବବ୍ରତ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଶୀପୁରର ସିଏଚ୍‌ସି ମୁଖ୍ୟ ଡା. ନେତ୍ରାନନ୍ଦ ନାୟକଙ୍କ ସମେତ ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀ ଏବଂ ସମ୍ପ୍ରଦାୟ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଏହି ଶିବିର ଜରିଆରେ ଆମେ ସ୍ଥାନୀୟ ଲୋକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇଛୁ। ଏପରିକି ଆବଶ୍ୟକ ସ୍ୱାସ୍ଥ୍ୟ ସେବା ଉପଲବ୍ଧତା ନିଶ୍ଚିତ କରିବା ଆମର ସମ୍ପ୍ରଦାୟ ବିକାଶ ପ୍ରୟାସର ଏକ ମୂଳଦୁଆ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ହ୍ୱାଇଟଲ୍ୟାଣ୍ଡ ସହ ଜେଏସ୍‌ଏଲ୍‌ର ବୁଝାମଣା

ଭୁବନେଶ୍ୱର, ୨୫।୮

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ରିଅଲ୍‌ଇଷ୍ଟେଟ୍ ଡେଭଲପର୍ ହ୍ୱାଇଟଲ୍ୟାଣ୍ଡ କର୍ପୋରେଶନ୍ ଏବଂ ଜିନ୍ଦଲ୍ ଷ୍ଟେନଲେସ୍ ଲିମିଟେଡ (ଜେଏସ୍‌ଏଲ) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷ କରି ଗୁରୁଗ୍ରାମଠାରେ ଏକ ବ୍ରାଣ୍ଡେଡ୍ ଆବାସିକ ପ୍ରକଳ୍ପ 'ୱେଷ୍ଟିନ୍ ରେସିଡେନ୍ସ' ପାଇଁ ଆବଶ୍ୟକ ଷ୍ଟେନଲେସ୍ ଷ୍ଟିଲ୍ ରିବାର୍ ଯୋଗାଣ କରିବା ନେଇ ଉଭୟ ସଂସ୍ଥା (କମ୍ପାନୀ) ମଧ୍ୟରେ ଏହି ବ୍ୟବସାୟିକ ବୁଝାମଣା ହୋଇଛି। ସେହିଭଳି ପ୍ରଥମ କରି ଦେଶର ଏକ ବ୍ରାଣ୍ଡେଡ୍ ଆବାସିକ ପ୍ରକଳ୍ପରେ ଷ୍ଟେନଲେସ୍ ଷ୍ଟିଲ୍ ରିବାର୍ ବ୍ୟବହାର ହେଉଛି, ଏହା ସଂରଚନାତ୍ମକ ନବସୃଜନ ଏବଂ ଦୀର୍ଘକାଳୀନ ସ୍ଥାୟିତ୍ୱ ପାଇଁ ଭାରତୀୟ ଗୃହରେ ଷ୍ଟେନଲେସ୍ ଷ୍ଟିଲର ଉପଯୋଗିତାକୁ ଦର୍ଶାଉଛି। ଜିନ୍ଦଲ୍ ଷ୍ଟେନଲେସ୍ ଜିନ୍ଦଲ୍ ଇନଫିନିଟି ଭାବେ ପରିଚିତ ବ୍ରାଣ୍ଡ୍ ୪୧୦ଏଲ୍ ଗ୍ରେଡ୍ ଷ୍ଟେନଲେସ୍ ଷ୍ଟିଲ୍ ରିବାର୍ ଯୋଗାଣ କରିଛି, ଏହା ପ୍ରକଳ୍ପର ସଂରଚନାତ୍ମକ ଢାଞ୍ଚାର ମୁଖ୍ୟ ଅଂଶ ବୋଲି କୁହାଯାଉଛି।

ଏହି ପଦକ୍ଷେପ ସାମଗ୍ରୀ ମାନଦଣ୍ଡରେ ଏକ ସମ୍ଭାବ୍ୟ ପରିବର୍ତ୍ତନକୁ ସୂଚିତ କରେ ଏବଂ ପାରମ୍ପରିକ ଭାବେ କାର୍ବନ ଷ୍ଟିଲର ବହୁଳ ଉପଯୋଗ ହେଉଥିବା ରିଅଲ୍ ଇଷ୍ଟେଟ୍ ପାଇଁ ଉଚ୍ଚ ମାନଦଣ୍ଡ ସ୍ଥାପନ କରୁଛି। ଉଚ୍ଚ ଭାର-ବହନ କ୍ଷମତା, ଗଠନାତ୍ମକ ସହନଶୀଳତା, କ୍ଷୟ ପ୍ରତିରୋଧ, ଭୂକମ୍ପ ପ୍ରତିରୋଧ ଏବଂ ଟେନଶାଇଲ ଷ୍ଟ୍ରେନ୍ଥ ପାଇଁ ୪୧୦ଏଲ୍ ଗ୍ରେଡ୍ ଷ୍ଟେନଲେସ୍ ଷ୍ଟିଲକୁ ଉପକୂଳ ଏବଂ ମେଟ୍ରୋ ପ୍ରକଳ୍ପ ସମେତ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିରେ ବ୍ୟବହାର କରାଯାଏ ।

ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନଲେସର ସିଇଓ ତଥା ସିଏଫଓ ତରୁଣ ଖୁଲବେ କହିଛନ୍ତି, ହ୍ୱାଇଟଲ୍ୟାଣ୍ଡ କର୍ପୋରେଶନ ସହ ଆମର ବୁଝାମଣା (ସହଭାଗିତା) କେବଳ ଘର ନିର୍ମାଣ ପାଇଁ ନୁହେଁ, ବରଂ ଏହା କିପରି ନିର୍ମିତ ହୁଏ, ସେ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ହ୍ୱାଇଟଲ୍ୟାଣ୍ଡ କର୍ପୋରେଶନର ପ୍ରତିଷ୍ଠାତା ନବଦୀପ ସରଦାନା କହିଛନ୍ତି, ଏହି ସହଭାଗିତା ଦୀର୍ଘକାଳୀନ ଜୀବନକୁ ସାକାର କରିବାରେ ଆମର ମହତ୍ତ୍ୱାକାଂକ୍ଷାକୁ ପ୍ରତିଫଳିତ କରିଛି।

# ଖଣି କ୍ଷେତ୍ରର ଉତ୍ପାଦନ କାର୍ଯ୍ୟକ୍ଷମତା ବୃଦ୍ଧିକୁ ଗୁରୁତ୍ୱାରୋପ

ଭୁବନେଶ୍ୱର, ୨୫।୮ (ଅଭୟ ଦାଶ)



ଓଡ଼ିଶା ଖଣି ନିଗମ(ଓଏମ୍‌ସି)ର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ସୁଧାଂଶୁ ମୋହନ ସାମଲ ନିକଟରେ କେନ୍ଦୁଝର ଜିଲାସ୍ଥିତ ଗନ୍ଧମାର୍ଦ୍ଦନ ଓ ଦୈତାରି ଲୌହଖଣି ପରିଦର୍ଶନ ସହ ନିଗମର ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଭାବେ ସମୀକ୍ଷା କରିଛନ୍ତି। ଏହି ଅବସରରେ ସାମଲ ଖଣି କ୍ଷେତ୍ରର ଉତ୍ପାଦନ କାର୍ଯ୍ୟକ୍ଷମତା ବୃଦ୍ଧି, ସୁରକ୍ଷା ତଥା ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରି ବିଭାଗୀୟ ଅଧିକାରୀଙ୍କ ସହ ଖଣି ଅଞ୍ଚଳ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହି ଅବସରରେ ଓଏମ୍‌ସିର ନିର୍ଦ୍ଦେଶକ (ମାନବସମ୍ବଳ) ଆଲୋକ କୁମାର ପାଳ ଏବଂ ନିର୍ଦ୍ଦେଶକ (ଅର୍ଥ) ବନ ବିହାରୀ ପାଣିଙ୍କ ସମେତ ଖଣି ଅଞ୍ଚଳର ଅଧିକାରୀ ଓ ବରିଷ୍ଠ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ସାମଲ ଗନ୍ଧମାର୍ଦ୍ଦନ ଖଣି କ୍ଷେତ୍ର ପରିଦର୍ଶନ କରିବା ଅବସରରେ ଓର୍ ଷ୍ଟକୟାର୍ଡ, କମାଣ୍ଡ କଣ୍ଟ୍ରୋଲ ସେଣ୍ଟର ପରିଦର୍ଶନ କରିବା ସହିତ ଖଣି କ୍ଷେତ୍ରର ବାର୍ଷିକ ଲକ୍ଷ୍ୟ ଅନୁସାରେ ଉତ୍ପାଦନ କ୍ଷମତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ବିକ୍ରୟ ବୃଦ୍ଧି କରି ଶିଳ୍ପଗୁଡ଼ିକୁ ନିୟମିତ ଖଣିଜ ଯୋଗାଣ ସୁନିଶ୍ଚିତ ତଥା ସୁପରିଚାଳନା କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସାମଲ ଗନ୍ଧମାର୍ଦ୍ଦନ ସ୍ଥିତ କମାଣ୍ଡ କଣ୍ଟ୍ରୋଲ ସେଣ୍ଟରର ସମୀକ୍ଷା କରି ଏହାର ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ପରିଚାଳିତ ବିଭିନ୍ନ ପ୍ରକ୍ରିୟାକୁ ନିରୀକ୍ଷଣ କରିଥିଲେ। ଏଥିସହ ରିଅଲ-ଟାଇମ ମନିଟରିଂ, ଖଣି ଅଞ୍ଚଳର ସୁରକ୍ଷା ବ୍ୟବସ୍ଥାର ତଦାରଖ କରିବା ସହିତ ସମସ୍ତ ପ୍ରକାରର ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପ୍ରସ୍ତୁତ ରହିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏପରିକି ଖଣି ଅଞ୍ଚଳରେ ପରିବେଶଗତ ମାନଦଣ୍ଡର କଠୋର ପାଳନ, ଅନଧିକୃତ ଏବଂ ଚୋରାଚାଲାଣ ରୋକିବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସାମଲ କର୍ମଚାରୀମାନଙ୍କ କଲ୍ୟାଣ ନିମନ୍ତେ ନିର୍ମିତ ବିଭିନ୍ନ ସୁବିଧାର ମଧ୍ୟ ମୂଲ୍ୟାଙ୍କନ କରିଥିଲେ। କର୍ମଚାରୀଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ଉନ୍ନତ ସୁବିଧା ପ୍ରତି ବିଶେଷ ପ୍ରାଥମିକତା ଦେବା ପାଇଁ ସାମଲ ନିର୍ଦ୍ଦେଶ ଦେଇଛନ୍ତି।

# ଏସ୍‌ବିଆଇର ଶୁଳ୍କମୁକ୍ତ ସ୍ୱାସ୍ଥ୍ୟ ପରୀକ୍ଷା

ଭୁବନେଶ୍ୱର, ୨୫।୮

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଏକ ମେଗା ସଚେତନତା ଶିବିର ନିକଟରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଏକ ଶୁଳ୍କ ମୁକ୍ତ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସର୍ଭାଇକାଲ କ୍ୟାନସର ସଚେତନତା ଶିବିର ଓ ଟିକାକରଣ କାର୍ଯ୍ୟକ୍ରମ ଜନ ଶିକ୍ଷଣ ସଂସ୍ଥାନ ବଡ଼ଗଡ଼ ବ୍ରିଟ୍ କଲୋନି ଭୁବନେଶ୍ୱରଠାରେ ଆୟୋଜନ କରାଯାଇଥିଲା। ଏପରିକି ଏହି କାର୍ଯ୍ୟକ୍ରମ ଏସ୍‌ବିଆଇର ପ୍ରମୁଖ ସମର୍ଥନ ଏବଂ ସିଆଇଆଇ ୟଙ୍ଗ୍ ଇଣ୍ଡିଆନ୍ସ ସହ ହୃଦାନନ୍ଦ ଶିକ୍ଷା ସଂସ୍ଥାନ ସହଭାଗିତାରେ ଆୟୋଜିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଏସବିଆଇର ଆଞ୍ଚଳିକ ପରିଚାଳକ ଭୁବନେଶ୍ୱର ନର୍ଥ ଅନିଲ କୁମାର ମିଶ୍ର, ସହାୟକ ମହାପ୍ରବନ୍ଧକ (ବାଣିଜ୍ୟ ସମ୍ପ୍ରସାରଣ ଓ ସାମାଜିକ ଦାୟିତ୍ୱ)ଭବାନୀ ଶଙ୍କର ମହାନ୍ତି, ମୁଖ୍ୟ ପରିଚାଳକ ଅଭିମନ୍ୟୁ ସାହୁଙ୍କ ସମେତ ଜନ ଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶିକା (ଡିରେକ୍ଟର) ନିବେଦିତା ନରୁଲା ଏବଂ ହୃଦାନନ୍ଦ ଶିକ୍ଷା ସଂସ୍ଥାନର ଡା.ପ୍ରଶମିତା ତେଜସ୍ୱିନୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିର ଜରିଆରେ ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା ସହ ସର୍ଭାଇକାଲ କ୍ୟାନ୍‌ସରର ଆଧୁନିକ ସ୍କ୍ରିନିଂ କରାଯାଇଥିଲା। ବିଶେଷକରି ସାଇଟୋଲୋଜି, ଓମଲେକ୍ୟୁଲାର ପ୍ରୟୋଗ ସହିତ ୧୦୦ଜଣ ମହିଳାଙ୍କର ଟିକାକରଣ କରାଯାଇଥିଲା। ଏସବିଆଇର ସାମାଜିକ ଦାୟିତ୍ୱ ପ୍ରତିବଦ୍ଧତାରୁ ପ୍ରେରିତ ଏହି ପ୍ରୟାସ ଓଡ଼ିଶାରେ ସର୍ଭାଇକାଲ କ୍ୟାନସରର ଭାରକୁ କମାଇବାରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ପ୍ରଦାନ କରିବ। ସେହିଭଳି ଏସବିଆଇର ଦୃଢ଼ ସମର୍ଥନରେ ସମ୍ଭବ ହୋଇଥିବା ଏହି ପ୍ରୟାସର ମୂଳ ଉଦ୍ଦେଶ୍ୟ ଥିଲା ସର୍ଭାଇକାଲ କ୍ୟାନ୍‌ସର, ଯାହା ଟିକାକରଣ ଦ୍ୱାରା ପ୍ରତିରୋଧ, ସେଥିପାଇଁ ନାରୀମାନଙ୍କୁ ସଚେତନ କରାଇବା ସହିତ ପ୍ରାରମ୍ଭିକ ସନ୍ଧାନ, ନିୟମିତ ସ୍କ୍ରିନିଂ ଏବଂ ଟିକାକରଣକୁ ପ୍ରୋତ୍ସାହିତ କରିବା।

# ୯୧ ଅଭିଯୋଗ ଶୁଣିଲେ ଜିଲାପାଳ

ମୁନିଗୁଡ଼ା,୨୫।୮ (ନନ୍ଦ କିଶୋର ପଟ୍ଟନାୟକ)



ଜିଲାପାଳ, ଏସ୍‌ପି ଅଭିଯୋଗର ଶୁଣାଣି କରୁଛନ୍ତି।

ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ମୁନିଗୁଡ଼ା ବ୍ଲକ୍ କାର୍ଯ୍ୟାଳୟ ସଦ୍ଭାବନା ସଭାଗୃହ ପରିସରରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ୍ କୁମାର, ଗୁଣପୁର ଉପଜିଲାପାଳ ଦୁଧାଳ ଅଭିଷେକ ଦିଲୀପ, ସିଡିଏମ୍ଓ ଡା.ସରୋଜିନୀ ଦେବୀ, ଏଡିଏ ଆଡମିନ ମନୀଷା ଦାସ ପ୍ରମୁଖ ଉପସ୍ଥିତ ରହି ମୋଟ ୯୧ଟି ଅଭିଯୋଗ ଶୁଣାଣି କରିଥିଲେ। ସେଥିମଧ୍ୟରୁ ୭୨ଟି ବ୍ୟକ୍ତିଗତ ଓ ୧୯ଟି ଗୋଷ୍ଠୀଗତ ଅଭିଯୋଗ ପଞ୍ଜୀକୃତ କରିଥିଲେ। ବିଶେଷକରି ଦୀର୍ଘ ବର୍ଷ ଧରି ଦାବି ହେଉଥିବା ମୁନିଗୁଡ଼ାର ତିନି କୋଣିଆ ଛକ ନିକଟରେ ଭୂତଳ ରାସ୍ତା ନିର୍ମାଣ, ବ୍ଲକର ପାତ୍ରଗୁଡ଼ା ଗ୍ରାମବାସୀ ଜୋଆନ୍ଦେଙ୍କୁ ଦେବି କରିବାକୁ ଗ୍ରାମବାସୀଙ୍କ ଅଭିଯୋଗ, ଗୁପ୍ତା କଲୋନୀରେ ରାସ୍ତା ଓ ଡ୍ରେନ୍ ସମସ୍ୟା, କଂଗ୍ରେସ ପ୍ରତିନିଧି ମଣ୍ଡଳୀ ତରଫରୁ ଜେନାଲ ସମସ୍ୟା ଯୋଗୁ ଘରେ ଘରେ ଜଳ ନିଷ୍କାସନ ହେଉ ନ ଥିବା ସହ ବିଜିନ ଲ୍ୟାମ୍ପରେ ସାର ଅଭାବ, ମୁନିଖୋଲରେ ଭୂତଳ ରାସ୍ତା ନିର୍ମାଣ ସହ ଆବାସ ଯୋଜନାରେ ଘର, ସ୍ୱାସ୍ଥ୍ୟଗତ ସମସ୍ୟା, କୃଷି ସମସ୍ୟା, ଜଳସେଚନ, ଭତ୍ତା, ଭିକ୍ଷାମଙ୍କ ସମସ୍ୟା ଉପରେ ଅଭିଯୋଗଗୁଡ଼ିକ ଥିଲା। ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ ନିମନ୍ତେ ପଦକ୍ଷେପ ନେବାକୁ ଜିଲାପାଳ ପ୍ରକୋଷ୍ଠରେ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଜିଲାପାଳ ପ୍ରାୟ ୧ ଲକ୍ଷ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ମୁନିଗୁଡ଼ା ବିଡିଓ କୃଷ୍ଣଚନ୍ଦ୍ର ଦଳପତି ଓ ବ୍ଲକ ଅଧ୍ୟକ୍ଷା ଦୁଃଖିନୀ ନୁନ୍ଦ୍ରୁକାଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ଶିବିରରେ

## ମୁନିଗୁଡ଼ାରେ ଯୁଗ୍ମ ଅଭିଯୋଗ ଶୁଣାଣି

ମୁନିଗୁଡ଼ା ତହସିଲଦାର ଏମ୍.ଅନୁରାଧା, ମେଡିକାଲ ଅଫିସର ଡା.ଆଶିଷ କୁମାର ପଣ୍ଡା, ଆଇଆଇସି ସୌଦାମିନୀ ବେହେରା, ରେଞ୍ଜର ଅନିଲ କୁମାର ବାଲା, ବିଇଓ ଗଣେଶ ଶବର, ଆରଡି ଜେଇ ସୁଜ୍ଞାନୀ ବେହେରାଙ୍କ ସମେତ ଜିଲା ଓ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ମୁନିଗୁଡ଼ା ବ୍ଲକ ମଙ୍ଗଳ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା, ସସ୍ମିତା ଜୁଜ, ମନୋରଞ୍ଜନ ବେହେରା, ସୁନୀଲ ଯାଦବ, ରମେଶ ଜୁଜ, ଯୋଗାଣ ଅଧିକାରୀ ଆଶିଷ ସାହୁ, ସାମାଜିକ ସୁରକ୍ଷା ଅଧିକାରୀ ମୁନା ତାଡିଙ୍ଗୀ, ଅଜିତ ନାଗ, ବ୍ଲକ ସହକାରୀ ଯନ୍ତ୍ରୀ ରମାକାନ୍ତ ମହାପାତ୍ର, ସନ୍ଧ୍ୟାରାଣୀ ମଲ୍ଲିକ, ଅମ୍ବିକା ଦାସ ପ୍ରମୁଖ ଉପସ୍ଥିତ ରହି ପରିଚାଳନା ଓ ସହଯୋଗ କରିଥିଲେ।

# ନଦୀ, ଡ୍ୟାମ୍‌ରେ ଭାସି ନିଖୋଜ ୨ ମୃତଦେହ ଉଦ୍ଧାର

ଗୁଣପୁର/ ବିଷମକଟକ,୨୫।୮ (ପ୍ରଦୀପ କୁମାର ପାଢ଼ୀ/ ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ଗୁଣପୁର ଏବଂ ବିଷମକଟକ ବ୍ଲକରେ ନଦୀ ଓ ଡ୍ୟାମ୍‌ରେ ଭାସି ନିଖୋଜ ଥିବା ୨ଜଣଙ୍କ ମୃତଦେହ ସୋମବାର ଉଦ୍ଧାର ହୋଇଛି। ମୃତକ ହେଲେ ଗୁଣପୁର ବ୍ଲକ ମେରିଙ୍ଗି ଗାଁର ଗୁରୁ ଶବର(୫୦) ଏବଂ ବିଷମ କଟକ ଥାନା ଅନ୍ତର୍ଗତ ବଡ଼ କାଚାପାଇଁ ଗ୍ରାମର ଜଣେ ମହିଳା କବିତା କୁମ୍ଭରୁକା। ପୋଲିସ ସୂଚନା ଅନୁଯାୟୀ, ଗୁଣପୁର ବ୍ଲକ୍ ଦେଇ ପ୍ରବାହିତ ସାନ ନଦୀର ଅପର ପାର୍ଶ୍ୱରେ ଥିବା ତାଙ୍କ ଜମିକୁ ଗୁରୁ ଗତ ୨ଦିନ ତଳେ କଞ୍ଚା ଲଙ୍କା ଚଷି ଲଗାଇବା ପାଇଁ ନଦୀ ପାର ହୋଇ ଜମିକୁ ଯାଇଥିଲେ। ହେଲେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ଖବର ନ ମିଳିବାରୁ ଗୁଣପୁର ଥାନାରେ ଅଭିଯୋଗ କରିଥିଲେ। ସୋମବାର ସକାଳୁ ସ୍ଥାନୀୟ ଲୋକେ ସାନ ନଦୀର ନିର୍ମାଣାଧୀନ ସେତୁଠାରୁ କିଛି ଦୂରରେ ଥିବା ଏକ ଘାସ ବୁଦାରେ ମୃତଦେହ ଲାଗିଥିବା ଦେଖିବାକୁ ପାଇଥିଲେ। ପରେ ସେମାନେ ଗୁଣପୁର ଅଗ୍ନିଶମ ବାହିନୀକୁ ଖବର ଦେବାରୁ ସେମାନେ ମୃତଦେହ ଜବତ କରିଥିଲେ। ଘଟଣାସ୍ଥଳରେ ଗୁଣପୁର ପୋଲିସ ପହଞ୍ଚି ମୃତଦେହ ଜବତ କରି ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେହିପରି ବିଷମକଟକ ଥାନା ଅନ୍ତର୍ଗତ ବଡ଼ କାଚାପାଇଁ ଗ୍ରାମର ମୃଥ୍ୟା ପ୍ରାଧ୍ୟାଙ୍କ ସ୍ତ୍ରୀ କବିତା କୁମ୍ଭରୁକା ଗତ ୨ ଦିନ ହେଲା ନିଖୋଜ ଥିଲେ। ସୋମବାର ସକାଳେ କୁଦକପଦର ଡ୍ୟାମ୍‌ରେ ଜଣେ ମହିଳାଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ୧୩/୨୫ରେ ରୁଜୁ କରି ଅଧିକ ତଦନ୍ତ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ ବୋଲି ବିଷମକଟକ ଥାନା ଅଧିକାରୀ ସୂର୍ଯ୍ୟ ଚନ୍ଦ୍ର ପାଢ଼ୀ ସୂଚନା ଦେଇଛନ୍ତି।

# ତୃତୀୟ ସୋପାନ ଟେଷ୍ଟିଂ କ୍ୟାମ୍ପରେ ରାୟଗଡ଼ା କେନ୍ଦ୍ରୀୟ ବିଦ୍ୟାଳୟର ସଫଳତା



ସ୍କାଉଟ୍ ଗାଇଡ କ୍ୟାମ୍ପରେ ଯୋଗଦେଇଥିବା ଛାତ୍ରୀଛାତ୍ର।

ରାୟଗଡ଼ା,୨୫।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ପି.ଏମ୍‌ଶ୍ରୀ. କେନ୍ଦ୍ରୀୟ ବିଦ୍ୟାଳୟର ୫ଜଣ ସ୍କାଉଟ ଏବଂ ୮ ଜଣ ଗାଇଡ ତୃତୀୟ ସୋପାନ ଟେଷ୍ଟିଂ କ୍ୟାମ୍ପରେ ସଫଳତା ହାସଲ କରିଛନ୍ତି। ରାଉରକେଲାର ବନ୍ଧମୁଣ୍ଡାସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ସ୍କାଉଟ ପାଇଁ ଏବଂ ସମ୍ବଲପୁର ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର-୨ରେ ଗତ ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ଗାଇଡମାନଙ୍କ ପାଇଁ କ୍ୟାମ୍ପ ଅନୁଷ୍ଠିତ ହେଇଥିଲା । ଏହି କ୍ୟାମ୍ପରେ ଓଡ଼ିଶାର ଡିଷ୍ଟ ୨ ୱେଷ୍ଟର ସ୍କାଉଟ ଏବଂ ଗାଇଡ ଅଂଶ ଗ୍ରହଣ କରିଥିଲେ। ସ୍କାଉଟ ମାଷ୍ଟର ମାୟାଧର ବିଶୋଇ ଏବଂ ଗାଇଡ କବିତାଙ୍କ ତତ୍ତ୍ୱାବଧାନରେ ସମସ୍ତ ସ୍କାଉଟଗାଇଡ କ୍ୟାମ୍ପରେ ଅଂଶଗ୍ରହଣ କରିଥିଲେ। ଏଥିରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାଜାରାମ ଖୁସିର ସହିତ ପିଲାମାନଙ୍କୁ ଆଶୀର୍ବାଦ ଦେବା ସହ ଆଗାମୀ ଦିନରେ ରାଜ୍ୟପୁରସ୍କାର ଏବଂ ରାଷ୍ଟ୍ରପତି ପୁରସ୍କାର ପାଇବା ପାଇଁ ପ୍ରସ୍ତୁତି ହେବାକୁ କହିଥିଲେ।

# ଗୁଡ଼ାରିରେ ଦଳକୁ ସୁଦୃଢ଼ କରିବାକୁ ବିଧାୟକଙ୍କ ଗୁରୁତ୍ୱ

ଗୁଡାରି,୨୫।୮ (ପ୍ରମୋଦ କୁମାର ପତି)

## କଦମାରେ କଂଗ୍ରେସର କର୍ମୀ ସମ୍ମିଳନୀ

ଗୁଡାରି ବ୍ଲକ ଅନ୍ତର୍ଗତ କଦମାରେ ସୋମବାର କଂଗ୍ରେସର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଯୋଗଦେଇ ଗୁଡାରିରେ କଂଗ୍ରେସ କିପରି ସୁଦୃଢ଼ ହେବ ସେ ନେଇ ସ୍ଥାନୀୟ ନେତା ଓ କର୍ମୀଙ୍କ ସହ ଆଲୋଚନା କରିଥିଲେ। ପୂର୍ବ ନିଷ୍ପତ୍ତି ଅନୁଯାୟୀ ବ୍ଲକର ସମସ୍ତ ୯ଟି ଗ୍ରାମପଞ୍ଚାୟତରେ ପଞ୍ଚାୟତସ୍ତରୀୟ କମିଟି ଗଠନ କରାଯାଇଥିଲା। ତେବେ ମଧୁବନ, ଖାରୀଗୁଡା ଓ ଅସଡା ଗ୍ରାମପଞ୍ଚାୟତର ସମସ୍ତ ୱାର୍ଡରୁ କର୍ମୀ ଉପସ୍ଥିତ ନ ଥିବା ଯୋଗୁ ମଙ୍ଗଳବାର କମିଟି ଗଠନ ହେବ ବୋଲି ନିଷ୍ପତ୍ତି ନିଆଗଲା। ଏହି ୩ଟି ଗ୍ରାମପଞ୍ଚାୟତର ସମସ୍ତ ୯ଟି ଗ୍ରାମପଞ୍ଚାୟତର କମିଟି ଗଠନ ପରେ ସେମାନଙ୍କ ନିଷ୍ପତ୍ତି କ୍ରମେ ବ୍ଲକ୍ ସଭାପତିଙ୍କ ନାମ ଘୋଷଣା ହେବ ବୋଲି ବିଧାୟକ ସୂଚନା ଦେଇଛନ୍ତି। କମିଟି ଗଠନ ହେବ ଓ ବ୍ଲକ୍‌ରେ ଜଣେ ସଭାପତି ଦାୟିତ୍ୱରେ କାର୍ଯ୍ୟ କରିବେ। ଏହାଛଡ଼ା ତହସିଲ କାର୍ଯ୍ୟାଳୟ, ଡାକ୍ତରଖାନା ଓ ଥାନାରେ ସାଧାରଣ ଜନତାଙ୍କ କାର୍ଯ୍ୟରେ ସାହାଯ୍ୟ ଓ ସହଯୋଗ ନିମନ୍ତେ ୨ ଜଣ ଲେଖାଏଁ କର୍ମୀଙ୍କୁ ଦାୟିତ୍ୱ ଦେଲେ ବିଧାୟକ। ବ୍ଲକ କାର୍ଯ୍ୟାଳୟରେ ଲୋକଙ୍କ କାର୍ଯ୍ୟରେ ସହଯୋଗ କରିବା ନିମନ୍ତେ ନିଜେ ବ୍ଲକ ଅଧ୍ୟକ୍ଷା ଦାୟିତ୍ୱ ନେଇଛନ୍ତି। ଆସନ୍ତା ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ଦଳ କିପରି ଗୁଡାରିରେ ଉଚ୍ଚ କୋଟିର ପ୍ରଦର୍ଶନ କରିବ ସେ ନେଇ ବିଧାୟକ କର୍ମୀଙ୍କ ସହ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀ ଶବର, ଏମ୍‌ପି ପ୍ରତିନିଧି ଏସ୍. ମୀନକେଶ, ଦାଶରଥି ଗମାଙ୍ଗ, କାଶୀ ବଳିଆରସିଂ, ରଘୁ ବିଡ଼ିକା, ପଦ୍ମପୁର ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ରମାକାନ୍ତ ମାଝୀ, ନିଲୁ ସାହୁ, ରାମଚନ୍ଦ୍ର ନନ୍ଦ, ଦାଶରଥି ଗମାଙ୍ଗ, ଜିତେନ୍ଦ୍ର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ମିଳନୀରେ ବିଧାୟକ ସତ୍ୟଜିତ ଗମାଙ୍ଗ ଉଦ୍‌ବୋଧନ ଦେଉଛନ୍ତି।

# ଦିନକ ପରେ ଗଣେଶ ପୂଜା, ଜମୁଛି ମୂର୍ତ୍ତି ବ୍ୟବସାୟ



ବିଭିନ୍ନ ଡିଜାଇନ୍‌ର ଗଣେଶ ମୂର୍ତ୍ତି ବିକ୍ରି ପାଇଁ ରଖାଯାଇଛି।

ମୁନିଗୁଡା,୨୫।୮ (ନନ୍ଦ କିଶୋର ପଟ୍ଟନାୟକ)

ପାର୍ବଣ ଋତୁକୁ ନେଇ ଏବେ ଚଳଚଞ୍ଚଳ ହୋଇଉଠିଛି ମୁନିଗୁଡା ସହର । ଦିନକ ପରେ ଗଣେଶ ପୂଜା ଥିବାରୁ ମୂର୍ତ୍ତି କିଣିବାକୁ ଦୋକାନରେ ଭିଡ଼ ଜମୁଛି। ମୁନିଗୁଡାର ବିଭିନ୍ନ ଛକ ଓ ବଜାରରେ ବିଭିନ୍ନ ଡିଜାଇନ୍‌ର ପ୍ଲାଷ୍ଟର ଅଫ ପ୍ୟାରିସ୍‌ରେ ନିର୍ମିତ ମୂର୍ତ୍ତି ବିକ୍ରି ହେଉଛି। ମାଟି ମୂର୍ତ୍ତିଠାରୁ ଅଧିକ ସୁନ୍ଦର ଓ ଆକର୍ଷଣୀୟ ଦେଖାଯାଉଥିବାରୁ ପ୍ଲାଷ୍ଟର ଅଫ ପ୍ୟାରିସ୍‌ରେ ନିର୍ମିତ ମୂର୍ତ୍ତିକୁ ଲୋକେ ପସନ୍ଦ କରୁଥିବା ବ୍ୟବସାୟୀ କହିଛନ୍ତି। ବିଭିନ୍ନ ଦୋକାନରେ ୪ ଇଞ୍ଚରୁ ଆରମ୍ଭ କରି ୧୪ ଫୁଟ ଯାଏ ଗଣେଶଙ୍କ ମୂର୍ତ୍ତି ରହିଛି। ଯାହାର ବଜାର ମୂଲ୍ୟ ୫୦ ଟଙ୍କାରୁ ଆରମ୍ଭ କରି ୨୨ ହଜାର ଯାଏ ରହିଛି । ତେବେ ମୂର୍ତ୍ତିରେ ରାସାୟନିକ ରଙ୍ଗ ବ୍ୟବହାର କରାଯାଉଥିବାରୁ ତାହା ପରିବେଶ ପ୍ରତି ବିପଦ ସୃଷ୍ଟି କରିବାର ଆଶଙ୍କା ରହିଛି ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି । ଅନ୍ୟପଟେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ କେବଳ ମାଟିରେ ନିର୍ମିତ ମୂର୍ତ୍ତି ପୂଜା ହେଉଥିବାରୁ କାରିଗରମାନଙ୍କ ମନରେ ଅସନ୍ତୋଷ ଦେଖାଯାଉଛି । ବିଭିନ୍ନ କ୍ଲବ ସହ ଅନୁଷ୍ଠାନଠାରୁ ଆରମ୍ଭ କରି ବିଭିନ୍ନ ସାହିରେ ଗଣେଶ ପୂଜା ହେଉଥିବାରୁ ମୂର୍ତ୍ତି କାରିଗରମାନେ ଚଳିତ ବର୍ଷ ଅଧିକ ଲାଭ ହେବା ନେଇ ଆଶା ପ୍ରକାଶ କରିଛନ୍ତି। ଏଥିସହ ପୂଜା ସାମଗ୍ରୀ ସହ ଫଳ ଓ କପଡା ଦୋକାନରେ ମଧ୍ୟ ଲୋକଙ୍କ ଗହଳି ଲାଗି ରହିଥିବା ଦେଖିବାକୁ ମିଳିଛି ।

# ଟ୍ରକ୍‌କୁ ଧକ୍କା ଦେଇ ସ୍କୁଟି ଆରୋହୀ ମୃତ

ରାୟଗଡ଼ା,୨୫।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହର ଉପକଣ୍ଠ ଖଲିଗୁଡ଼ାସ୍ଥିତ ୩୨୬ ନମ୍ବର ଜାତୀୟ ରାଜପଥରେ ରବିବାର ବିଳମ୍ବିତ ରାତି ୨ଟାରେ ସଡକ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଛି। ଚାନ୍ଦିଲି ଥାନା କେଉଟଗୁଡା ଗ୍ରାମ ରାସ୍ତା କଡ଼ରେ ଠିଆ ହୋଇଥିବା ଏକ ମାଲ ବୋଝେଇ ଟ୍ରକ୍‌କୁ ପଛଆଡୁ ଏକ ସ୍କୁଟି ଧକ୍କା ଦେବାରୁ ଗାଡି ପଛରେ ବସିଥିବା ଜଣେ ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ହେଲେ ଚାନ୍ଦିଲି ଥାନା କେଉଟଗୁଡା ଗ୍ରାମର ରାହୁଲ ଅଟକା। ସ୍କୁଟି ଚାଳକ ଗୁରୁନାଥ କରକରିଆ ଗୁରୁତର ଆହତ ହୋଇଛନ୍ତି। ଚାନ୍ଦିଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

# ବାଇକ୍ ଚୋରି ମାମଲାରେ ୪ ଜଣଙ୍କୁ ୩ ବର୍ଷ ଜେଲ

ରାୟଗଡ଼ା,୨୫।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଏସ୍‌ଡିଜେଏମ ଜଜ୍ ବର୍ଷା ଦାସ ସୋମବାର ଏକ ଚୋରି ମାମଲାର ଶୁଣାଣି କରି ୪ଜଣ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ସହ ୩୫ ହଜାର ଟଙ୍କା ଲେଖାଏଁ ଜରିମାନା ରାୟ ପ୍ରକାଶ କରିଛନ୍ତି।


ଘଟଣାରୁ ପ୍ରକାଶ ଯେ, ଫେବୃଆରି ୧୬ ତାରିଖରେ ରାୟଗଡ଼ା ବ୍ଲକ ଗୁମ୍ମା ନିକଟରୁ ବାଇକ୍ ଚୋରି ନେଇ ଅଭିଯୋଗକାରୀ ଲାସୁ ବିଡ଼ିକା ମାର୍ଚ୍ଚ ୨୬ରେ ରାୟଗଡ଼ା ଥାନାରେ ଏତଲା ଦେଇଥିଲେ । ପୋଲିସ ଏ ନେଇ କେସ୍ ନଂ ୧୦୨/୨୫ରେ ମାମଲା ରୁଜୁ କରି ଏଏସ୍‌ଆଇ ଏସ.ଏନ. ବେହେରା ଘଟଣାର ତଦନ୍ତ ଆରମ୍ଭ କରିଥିଲେ । ତଦନ୍ତ ସମୟରେ ଅରଜୁ ବିଡ଼ଇକା, ସହଦେବ ମାଣ୍ଡାଙ୍ଗି, ବିଜୟ ମାଣ୍ଡିଆ ସାହୁ ଓ ହରେଶ ଖମାରୀ ବାଇକ୍ ଚୋରିରେ ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ ସେମାନଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋର୍ଟ ଏହି ମାମଲାରେ ୧୦ଜଣଙ୍କ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରି ୪ ଅଭିଯୁକ୍ତଙ୍କୁ ବିଏନ୍‌ଏସ୍ ଦଫା ୩୧୮(୨)ରେ ୩ ବର୍ଷ ଜେଲ, ଦଫା ୩୧୮(୪)ରେ ୩ବର୍ଷ ଜେଲ, ୧୦ହଜାର ଟଙ୍କା ଜରିମାନା, ଦଫା ୩୩୬(୩)ରେ ୩ ବର୍ଷ ଜେଲ, ୧୦ହଜାର ଟଙ୍କା ଜରିମାନା, ଦଫା ୩୪୦(୨) ରେ ୧ବର୍ଷ ଜେଲ, ୫ ହଜାର ଟଙ୍କା ଜରିମାନା ଏବଂ ଦଫା ୩୦୩(୨)ରେ ୩ ବର୍ଷ ଜେଲ ଓ ୧୦ହଜାର ଟଙ୍କା ଜରିମାନା ରାୟ ଶୁଣାଇଛନ୍ତି।

# ୧୮ ଛାତ୍ରୀଛାତ୍ର କୃତକାର୍ଯ୍ୟ

## ସ୍ୱାୟତ୍ତ ଶାସନ ଦିବସକୁ ନେଇ ବିଭିନ୍ନ ପ୍ରତିଯୋଗିତା

ରାୟଗଡା, ୨୫।୮ (ଭାଗ୍ୟଶ୍ରୀ ମିଶ୍ର)

ଆସନ୍ତା ୩୧ ତାରିଖରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ ଉପଲକ୍ଷେ ସହରରେ ଥିବା ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ସୋମବାର ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରାୟଗଡା ପୌର ପରିଷଦର ନିର୍ବାହୀ ଅଧିକାରୀ କୁଳଦୀପ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟାଉନ ହଲ, ପୌର ପରିଷଦ କନ୍‌ଫରେନ୍ସ ହଲ, ବିଜୁ ପଟ୍ଟନାୟକ ଅଡ଼ିଟୋରିୟମଠାରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବକ୍ତୃତା, ରଚନା ଲିଖନ, ଏବଂ ଚିତ୍ରାଙ୍କନ କନିଷ୍ଠ ଏବଂ ବରିଷ୍ଠ ବର୍ଗ ପ୍ରତିଯୋଗିତାରେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଉଭୟ ବର୍ଗରୁ ମୋଟ ୧୮ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ଆସନ୍ତା ୩୦ ତାରିଖ ସନ୍ଧ୍ୟାରେ ପୌର ପରିଷଦ କାର୍ଯ୍ୟାଳୟରେ ସ୍ୱାୟତ୍ତ ଶାସନ ପାଳନ ଉପଲକ୍ଷେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କୃତି ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ଟ୍ରଫି ଦେଇ ପୁରସ୍କୃତ କରାଯିବ ବୋଲି ଜଣାପଡ଼ିଛି। ଛାତ୍ରୀଛାତ୍ର ସ୍ୱଚ୍ଛତା ପ୍ରତି ଆଗ୍ରହ ସୃଷ୍ଟି କରିବା ଓ ଦେଶ ପ୍ରତି ପିଲାଙ୍କୁ ଦାୟିତ୍ୱବାନ କରାଇବାକୁ ଏହି ପ୍ରତିଯୋଗିତାମାନ ଅନୁଷ୍ଠିତ କରାଯାଉଥିବା ପୌର ଅଧିକାରୀ କୁଳଦୀପ କୁମାରପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମରେ ପୌର ଅଧ୍ୟକ୍ଷ ପି. ମହେଶ ପଟ୍ଟନାୟକଙ୍କ ସମେତ ଅନ୍ୟ ପୌର ପରିଷଦ କର୍ମଚାରୀମାନେ ଉପସ୍ଥିତ ଥିଲେ।



ରଚନା ଲିଖନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଛାତ୍ରୀଛାତ୍ର।

# ବ୍ରହ୍ମାକୁମାରୀ ତରଫରୁ ରକ୍ତଦାନ ଶିବିର

ମୁନିଗୁଡା,୨୫।୮ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ାର ଶିବ ସ୍ମୃତି ଭବନ ପରିସରରେ ବ୍ରହ୍ମାକୁମାରୀ ଓ ସମାଜ ସେବା ବର୍ଗ ତରଫରୁ ବ୍ରହ୍ମାକୁମାରୀ ଦୀପା ଭଉଣୀ ଓ ଅମିତ କୁମାର ଗୌଡ଼ଙ୍କ ମିଳିତ ସଂଯୋଜନାରେ ସୋମବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ରାୟଗଡ଼ା ବ୍ଲଡ୍ ବ୍ୟାଙ୍କ ତରଫରୁ ଡା.ଗୌତମ ପଟ୍ଟନାୟକ, ଲାବରେଟୋରି ଟେକ୍‌ନିସିଆନ ସରୋଜ କାନ୍ତ ଆଚାର୍ଯ୍ୟ, କିଶୋର କୁମାର, ଡିଇଓ ଉମାକାନ୍ତ ମିଶ୍ର ଓ କର୍ମଚାରୀ ଶଙ୍କର ତାଡିଙ୍ଗୀ ପ୍ରମୁଖ ଉପସ୍ଥିତ ରହି ରକ୍ତଦାନର ମହତ୍ତ୍ୱ ଓ ଏହାର ଉପକାରିତା ଉପରେ ବୁଝାଇଥିଲେ। ଆଗାମୀ ଦିନରେ ରକ୍ତ ଅଭାବରୁ କେହି ମଧ୍ୟ ଅସୁବିଧାର ସମ୍ମୁଖୀନ ନ ହେବା ଓ ଠିକ୍ ସମୟରେ ଆବଶ୍ୟକ ଲୋକଙ୍କ ପାଖରେ ରକ୍ତ ପହଞ୍ଚାଇବା ଏହି ରକ୍ତଦାନ ଶିବିରର ମୂଳ ଉଦ୍ଦେଶ୍ୟ ବୋଲି ଶିବ ସ୍ମୃତି ଭବନର ମୁଖ୍ୟ ବ୍ରହ୍ମାକୁମାରୀ ଦୀପା ଭଉଣୀ ଅନୁରୋଧ କରିଥିଲେ। ଏଥିସହ ସମସ୍ତଙ୍କୁ ରକ୍ତଦାନ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଶିବିରରେ ମୋଟ ୩୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ପରେ ସମସ୍ତ ରକ୍ତଦାତାଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଉକ୍ତ ଶିବିରକୁ ଅମିତ ଭାଇ, ରଞ୍ଜନ ପ୍ରଧାନ, ସଦାନନ୍ଦ ଭାଇଙ୍କ ସମେତ ଅନ୍ୟ ସଦସ୍ୟମାନେ ପରିଚାଳନା ଓ ସହଯୋଗ କରିଥିଲେ ।

# ମୋବାଇଲ ସେବାରୁ ବଞ୍ଚିତ ଡଙ୍ଗରିଆ କନ୍ଧ

କଲ୍ୟାଣସିଂହପୁର,୨୫।୮ (ଦୀପକ କୁମାର ପରିଡ଼ା )

## ଟାୱାର ଅଛି, ନେଟ୍‌ୱର୍କ ନାହିଁ

ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ ପାର୍ସାଲି ପଞ୍ଚାୟତର ନିୟମଗିରି ପାହାଡରେ ବସବାସ କରୁଥିବା ଆଦିମ ଜନଜାତି ଡଙ୍ଗରିଆ କନ୍ଧଙ୍କୁ ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଅଞ୍ଚଳକୁ ରାସ୍ତାଘାଟ, ବିଜୁଳି, ଶିକ୍ଷା, ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ସହ ମୋବାଇଲ ନେଟ୍‌ୱର୍କର ବ୍ୟବସ୍ଥା କରାଯାଉଛି। ଫଳରେ ପାର୍ସାଲି, ସୁନାଖଣ୍ଡି ଓ ପୋଲମା ପଞ୍ଚାୟତର ୩୮ଖଣ୍ଡ ଡଙ୍ଗରିଆ ଗ୍ରାମ ମଧ୍ୟରୁ ୧୦ରୁ ଊର୍ଦ୍ଧ୍ୱ ଗ୍ରାମରେ ପାର୍ସାଲି, ଭାଲେରି, ପାତଲମ୍ବା, ପାରାମାଲି, ପଞ୍ଚକୁଡି, ତେନ୍ତୁଳିପଦର, ଲାମ୍ବା, ଟାମକଶିଲି, ନିର୍ଗୁଣ୍ଡି, ବଡଡେଙ୍ଗିଲେଲିରେ ରିଲିଆନ୍ସ ଜିଓର ଟାୱାର କାମ ଗତ ୨ ବର୍ଷ ହେଲା ଶେଷ ହୋଇଛି। ସେଥିମଧ୍ୟରୁ କେତେକ ଟାୱାରରେ ଜିଓ ନେଟ୍‌ୱର୍କ ଲାଇନ ସଂଯୋଗ ହୋଇନାହିଁ। ବଡ଼ ଡେଙ୍ଗିନେଲି ଗ୍ରାମରେ ଗତ ୨ ବର୍ଷ ହେବ ଟାୱାର କାର୍ଯ୍ୟ ସରିଛି, କିନ୍ତୁ ନେଟ୍‌ୱର୍କ ସଂଯୋଗ ହୋଇ ନ ଥିବାରୁ ଲୋକେ ମୋବାଇଲ ବ୍ୟବହାର କରିପାରୁ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜିଓ ଟାୱାର ବାଲା ପୁଣି ଥରେ କାମ ଆରମ୍ଭ କରି କଲର୍ ଦେଇ ଚାଲି ଯାଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଜିଓ ନେଟ୍‌ୱର୍କ ସଂଯୋଗ ହେଇପାରି ନ ଥିବା ବଡ଼ ଡେଙ୍ଗନେଲି ଗ୍ରାମବାସୀ ଲେଲି କୌଶଲ୍ୟା, ସାନ କୌଶଲ୍ୟା, ବଦ ସିକକା, କାଟ୍ରୁ ଶିକକା, ଦାମ ସିକକା, ଶ୍ୟାମ ସିକକା ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପାର୍ସାଲି ପଞ୍ଚାୟତର ସମିତି ସଭ୍ୟ ବିକାଶ ବାଗ କହିଛନ୍ତି, ରାୟଗଡା ଜିଲାପାଳ ଆଶୁତୋଷ କୁଲକର୍ଣ୍ଣ ନିୟମଗିରି ଗସ୍ତରେ ଆସିଥିବା ସମୟରେ ତାଙ୍କୁ ଏହି ସମସ୍ୟା ସମ୍ପର୍କରେ ଅବଗତ କରାଯାଇଛି।



ଡେଙ୍ଗିନେଲି ଗ୍ରାମରେ ନିର୍ମିତ ଜିଓ ଟାୱାର।

केनरा बैंक Canara Bank
सिंडिकेट Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଡାଲୁକ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତାଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଶାଖା / ଋଣଗ୍ରହୀତା / ବନ୍ଧକଦାତାଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଜଗତସିଂହପୁର ଶାଖା** ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସୁଶୀଲ୍ କୁମାର ଦାଶ, ପିତା: ରବିନ୍ଦ୍ର କୁମାର ଦାଶ, ଠିକଣା: ସା-ଜହନପୁର, ପୋ.: ମଣ୍ଡାସାହି, ଗ୍ରାମ- ଜହନପୁର, ଜିଲ୍ଲା: ଜଗତସିଂହପୁର, ଓଡିଶା-୭୫୪୧୧୪। | (କ)ଟ.୧୪,୮୬,୦୦୦/- / (ଖ) ୨୪.୦୮.୨୦୨୫ / (ଗ) ୨୫.୦୮.୨୦୨୫ | ୨୫.୦୮.୨୦୨୫ ସୁଦ୍ଧା ଟ.୧୪,୪୮,୮୪୨.୨୦ ସହିତ ପରବର୍ତ୍ତି ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ଶ୍ରୀ ସୁଶୀଲ୍ କୁମାର ଦାଶ** ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୧୭୩୨, ଖାତା ନଂ.୬୯, ମୌଜା: ଛତ୍ର, ଗ୍ରାମ: ଜହନପୁର, ଏରିଆ: ୦.୦୪ ଡିସିମିଲି, କିସମ: ଘରବାରୀ, ଉପ ଜିଲ୍ଲା: ଜଗତସିଂହପୁର ଏବଂ ଜିଲ୍ଲା: ଜଗତସିଂହପୁର ରେ ରେଜିଷ୍ଟ୍ରିଭୁକ୍ତ, ଚାରିପାର୍ଶ୍ୱରେ: ଉତ୍ତର- ସରକାରୀ ରାସ୍ତା, ଦକ୍ଷିଣ- ନିତ୍ୟାନନ୍ଦ ମହାନ୍ତି, ପୂର୍ବ- ରାଧା ଚରଣ ମହାନ୍ତି, ପଶ୍ଚିମ- ଗୋପିନାଥ ମହାନ୍ତି । |

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ । ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିନ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍ ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧୀକ ଗ୍ରହଣ କରିପାରନ୍ତି । (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି । (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ ।

ତାରିଖ: ୨୫.୦୮.୨୦୨୫, ସ୍ଥାନ: କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

# ମଲା ଧାନଗଛ ରଖି ଚାଷୀଙ୍କ ରାସ୍ତାରୋକୋ

## ୟୁରିଆ ସାର ମିଳୁ ନ ଥିବାରୁ ତାତିଲେ ଚାଷୀ

- କୃଷି ଯୋଜନା ଅଧିକାରୀଙ୍କୁ ଜୋରଜବରଦସ୍ତ ଆନ୍ଦୋଳନସ୍ଥଳରେ ବସାଇଲେ
- ଆନ୍ଦୋଳନକୁ ସମର୍ଥନ କରି ଧାରଣାରେ ବସିଲେ ବିଜେଡି, କଂଗ୍ରେସ ନେତା


ରାସ୍ତାରୋକୋ କରି ଧାରଣାରେ ବସିଥିବା ଚାଷୀ।

ଉମରକୋଟ, ୨୫।୮ (ସନ୍ତୋଷ ଶତପଥୀ)

ଦୀର୍ଘ ଦିନ ଧରି ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍‌ରେ ସାର ମିଳୁନାହିଁ। ଏହାକୁ ନେଇ ଚାଷୀ ଅସନ୍ତୁଷ୍ଟ ଥିଲେ। ସୋମବାର ଚାଷୀମାନେ ସାର ଅଭାବରୁ ନଷ୍ଟ ହେଉଥିବା ଧାନ ଗଛ ଧରି ଉମରକୋଟ ପୁରୁଣା ବସ୍‌ଷ୍ଟାଣ୍ଡରେ ରାସ୍ତାରୋକୋ କରିଛନ୍ତି। ସାର ନ ମିଳିବା ପର୍ଯ୍ୟନ୍ତ ରାସ୍ତା ଅବରୋଧ ହଟିବ ନାହିଁ ବୋଲି ଚାଷୀ କହିଥିଲେ। ଚାଷୀଙ୍କ ଆନ୍ଦୋଳନକୁ ଜିଲା କୃଷକ କଂଗ୍ରେସ ସଭାପତି ସନରାଜ ଗଣ୍ଡ, ପିସିସି ସଭ୍ୟ କ୍ଷେମରାଜ ବାଘ, ହାରାବତୀ ଗଣ୍ଡ, ବାବୁଲା ପଟ୍ଟନାୟକ, ସୁରେନ୍ଦ୍ର ନାୟକ, କଂଗ୍ରେସ କର୍ମୀ ମୁନା ପାଢ଼ୀ, ବିଜେଡି ପକ୍ଷରୁ ଉମରକୋଟ ପୌରାଧ୍ୟକ୍ଷ ରାଧା ଭତ୍ରା, ବ୍ଲକ ଅଧ୍ୟକ୍ଷା ସୁଶୀଳା ମାଝି, ପୂର୍ବତନ ବିଧାୟକ ସୁବାସ ଗଣ୍ଡ, ପୂର୍ବତନ ରାଇଘର ବ୍ଲକ ଅଧ୍ୟକ୍ଷା ନବୀନା ନାୟକ, ଦେବୀ ସିଂ ମାଝି କାଉନସିଲର ମନୋଜ ନାୟକ, କୈଳାସ ନାୟକଙ୍କ ସମେତ ଶତାଧିକ କର୍ମୀ ଧାରଣାସ୍ଥଳରେ ବସିଥିଲେ। ଚାଷୀଙ୍କ ସହ ଆଲୋଚନା ପାଇଁ ପହଞ୍ଚିଥିବା ଜିଲା ଯୋଜନା କୃଷି ଅଧିକାରୀ ସିଦ୍ଧାର୍ଥ ପରିଡ଼ାଙ୍କୁ ଚାଷୀମାନେ ତାଙ୍କ ସହ ଜୋର ଜବରଦସ୍ତ ବସାଇ ଦେଇଥିଲେ। ପ୍ରଶାସନ ପକ୍ଷରୁ ଅତିରିକ୍ତ ତହସିଲଦାର ନୀଳାମ୍ବର ମାଝୀ, ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ବ୍ଲକ କୃଷି ଅଧିକରୁ ସନ୍ତୋଷ କୁମାର ନାୟକ, ଆଇଆଇସି ରମାକାନ୍ତ ସାଏ, ସବ୍ ଇନ୍ସପେକ୍ଟର ଅକ୍ଷୟ ମିଶ୍ର, ଶିବାଜୀ ପଣ୍ଡା ଓ ସୌମେନ୍ଦ୍ର ସେଠଙ୍କ ସମେତ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ତଥାପି ଚାଷୀଙ୍କ ଆନ୍ଦୋଳନ ହଟି ନ ଥିଲା। ୧୩୦୦ ବ୍ୟାଗ ୟୁରିଆ ସାର ଯୋଗାଡ଼ କରି ପ୍ରଶାସନ ପକ୍ଷରୁ ଚାଷୀଙ୍କୁ ବଣ୍ଟାଯାଇଥିଲା। ପରେ ରାତିରେ ଚାଷୀଙ୍କ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା।

ଚାଷୀଙ୍କ ଅଭିଯୋଗ, ବର୍ତ୍ତମାନ ଧାନ ଓ ମକା ଫସଲରେ ତୁରନ୍ତ ସାର ନ ଦେଲେ ସେସବୁ ନଷ୍ଟହେବା ସହ ଅମଳ କମିଯିବ। ଦୀର୍ଘଦିନ ହେଲା ଉମରକୋଟରେ ୟୁରିଆ ସାରର ଘୋର ଅଭାବ ଦେଖାଯାଇଛି। ଚାଷୀ କଳାବଜାର ବେପାରୀଙ୍କଠାରୁ ଚଢ଼ା ଦରରେ ସାର କିଣି ଶୋଷଣର ଶିକାର ହେଉଛନ୍ତି। ତେବେ ଦୀର୍ଘ ଦିନ ଧରି ୟୁରିଆ ସାର ପାଇଁ ଅପେକ୍ଷା କଲା ପରେ ୨୧ ତାରିଖରେ ୩ଟି ଟ୍ରକ୍‌ରେ ୧୭୦୦ ବସ୍ତା ସାର ଆସିଛନ୍ତି। ଉମରକୋଟ ଲ୍ୟାମ୍ପ୍‌କୁ କୃଷି ବିଭାଗ ୬୦୦ ବସ୍ତା ସାର ଦେଇଥିଲା। ତେବେ ଶନିବାର ଉମରକୋଟ ଲ୍ୟାମ୍ପ୍‌ସ ପକ୍ଷରୁ ସାର ବଣ୍ଟନ ଆରମ୍ଭ ହେବା ବେଳକୁ ହଜାର ହଜାର ସଂଖ୍ୟାରେ ଚାଷୀ ଲ୍ୟାମ୍ପ୍‌ସ ପରିସରରେ ଧସେଇ ପଶିଥିଲେ। ଫଳରେ ବଣ୍ଟନ କାର୍ଯ୍ୟକୁ ବନ୍ଦ କରିବାକୁ ପଡ଼ିଥିଲା। ତେବେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ପୂର୍ବରୁ ଲ୍ୟାମ୍ପ୍‌ସ କର୍ତ୍ତୃପକ୍ଷ ସାର ବଣ୍ଟନ ବନ୍ଦ କରି ଟୋକନ ଦେଇଥିଲେ। ପର୍ଯ୍ୟାପ୍ତ ପରିମାଣର ସାର ଆସିଲେ ସୋମବାର ଦିଆଯିବ ବୋଲି କହିଥିଲେ। ସୋମବାର ଚାଷୀ ଲ୍ୟାମ୍ପ୍‌ସକୁ ଯାଇ ସାର ନ ମିଳିବାରୁ ରାସ୍ତାରୋକୋ କରିଥିଲେ। ତେବେ ଆଗାମୀ ଦିନରେ ଚାଷୀଙ୍କ ଯେପରି ସାର ପାଇଁ ଅସୁବିଧାର ସମ୍ମୁଖୀନ ନ ହେବେ ସେଥି ପାଇଁ ଜିଲା ପ୍ରଶାସନ ସ୍ଥାୟୀ ସମାଧାନର ବାଟ ବାହାର କରିବେ ବୋଲି ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ କହିଛନ୍ତି।

# ପ୍ରଭାବଶାଳୀ ଗୋଷ୍ଠୀ ଦଖଲରେ ୩୦ ଏକର ଜଙ୍ଗଲ ଜମି

## ପ୍ରଶାସନର ଦ୍ୱାରସ୍ଥ ହୋଇ ଅଭିଯୋଗ ଜଣାଇଲେ ଗ୍ରାମବାସୀ

ନବରଙ୍ଗପୁର, ୨୫।୮ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା କୋଡିଙ୍ଗା ଥାନା ଘାଟୁଆଲିଗୁଡ଼ା ଗାଁରେ ୩୦ଏକର ଜଙ୍ଗଲ ଜମିକୁ ଗାଁର ପ୍ରଭାବଶାଳୀ ଗୋଷ୍ଠୀ ନିଜ ଦଖଲକୁ ନେବାକୁ ଉଦ୍ୟମ ଆରମ୍ଭ କରିଥିବା ଅଭିଯୋଗ ହୋଇଛି। ସୋମବାର ଏନେଇ ଗାଁର ନୀଳକଣ୍ଠ ମାଝୀ, ଗୁପ୍ତ ମାଝୀ, ଶଙ୍କର ବିଷୋୟୀ, ଡମ୍ବୁ ଭତ୍ରା, ଶୁକମନ ଭତ୍ରା ପ୍ରମୁଖ ମୂଳନିବାସୀ ବିକାଶ ପରିଷଦର ଅଧକ୍ଷ ଚନ୍ଦ୍ରଧ୍ୱଜ ମାଝୀଙ୍କ ନେତୃତ୍ୱରେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତିଯେ, ଘାଟୁଆଲିଗୁଡ଼ା ଗାଁରେ ପୁରୁଷ ପୁରୁଷ ଧରି ୩୦ଏକର ଜଙ୍ଗଲ ଜମି ରହିଛି। କାଳକ୍ରମେ ଜଙ୍ଗଲ ନଷ୍ଟ ହେବା ପରେ ଗାଁର ୬୫ ପରିବାର ଦୀର୍ଘ ବର୍ଷ ଧରି ଜମିକୁ ସମାନ ଭାଗ କରି ମିଳିମିଶି ମକା, ମାଣ୍ଡିଆ, ଡଙ୍ଗରଧାନ, ଆଖୁ ଚାଷ କରି ଜୀବିକା ନିର୍ବାହ କରୁଥିଲେ। କିନ୍ତୁ ଗତ ୨ ବର୍ଷ ଧରି ଗାଁର ୧୫ଜଣ ପ୍ରଭାବଶାଳୀ ପରିବାର ସମ୍ପୂର୍ଣ୍ଣ ୩୦ଏକର ଜଙ୍ଗଲ ଜମିକୁ ନିଜର ଦଖଲରେ ନେଇ ଅନ୍ୟାମାନଙ୍କୁ ଧମକ ଚମକ ଦେଉଛନ୍ତି। ପ୍ରଭାବଶାଳୀ ଗୋଷ୍ଠୀର ଚାପରେ ଗାଁର ଅଧିକାଂଶ ଗରିବ ପରିବାର ପ୍ରତି ଅନ୍ୟାୟ ହେଉଛି। ତେଣୁ ଗାଁର ସମସ୍ତ ପରିବାରଙ୍କୁ ସମାନ ଭାଗରେ ଜଙ୍ଗଲ ଜମି ଉପରେ ଅଧିକାର ଦିଆଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି।


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଗ୍ରାମବାସୀ।

# ପଣସପୁଟରେ ଜିଲାପାଳଙ୍କ ଜନଶୁଣାଣି

ଚିତ୍ରକୋଣ୍ଡା, ୨୫।୮ (ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳ ପଣସପୁଟ ପଞ୍ଚାୟତରେ ସୋମବାର ଜିଲାପାଳ ସୋମେଶ ଉପାଧ୍ୟାୟଙ୍କ ସଭାପତିତ୍ୱରେ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫୦ ଅଭିଯୋଗ ଜିଲାପାଳ ଶୁଣିଥିଲେ। ଅଭିଯୋଗ ଶୁଣାଣିରେ ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ଏସ୍‌ପି ବିନୋଦ ପାଟିଲ, ଉପଜିଲାପାଳ ଅଶ୍ୱିନ ଏ.ଏଲ୍, ଜିଲା ମଙ୍ଗଳ ଅଧିକାରୀ ଏ.ଶ୍ରୀନିବାସ ଆଚାରୀ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଚିତ୍ରକୋଣ୍ଡା ବିଡିଓ ପ୍ରିତା କୁମାର ଓ ତହସିଲଦାର ନବରତ୍ନ ଗରଡା ପ୍ରମୁଖ ଯୋଗ ଦେଇଥିଲେ। ପରେ ଜିଲାପାଳ ଉପାଧ୍ୟାୟ ନିକଟସ୍ଥ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟକୁ ଯାଇ ପିଲାମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଖାଦ୍ୟ ବିଷୟରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ରଥଙ୍କ ଉପସ୍ଥିତିରେ ବୁଝିଥିଲେ।


ସ୍ୱାଭିମାନ ଅଞ୍ଚଳରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

# ଶୃଙ୍ଖଳାର ସହ ଦୁର୍ଗାପୂଜା ପାଳନ ନିଷ୍ପତ୍ତି

ଉମରକୋଟ, ୨୫।୮ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ସନ୍ତୋଷୀ ନଗରରେ ଆଇନଜୀବି ସାନ୍ତୁନୁ ବାହିନୀପତି ଓ ସରୋଜ କୁମାର ମହାନ୍ତିଙ୍କ ନେତୃତ୍ୱରେ ଦୁର୍ଗା ପୂଜା ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ସଭାକାର୍ଯ୍ୟ ଆରମ୍ଭ ପୂର୍ବରୁ ୨୦୨୪ ପୂଜାର ସମସ୍ତ ହିସାବର ବିବରଣୀ ପାଠ କରାଯାଇଥିଲା। ପରେ ଚଳିତ ବର୍ଷ ପୂଜା ପାଇଁ ନୂତନ ପୂଜା କମିଟି ଗଠନ କରାଯାଇଛି। ବାବୁ ଦଳେଇ ସଭାପତି, ଦେବାଶିଷ ବାଲା ଓ ସୁବ୍ରତ ଦେବନାଥ ଉପ ସଭାପତି, ଲଳିତ ସେଠୀ ସମ୍ପାଦକ, ଶିବୁ ସ୍ୱାଇଁ ଓ ନାଗେଶ ପଟ୍ଟନାୟକ ସହସମ୍ପାଦକ, ନିହଲା ଦାସ ଓ ଅଭିଜତ ମଣ୍ଡଳଙ୍କୁ କୋଷାଧ୍ୟକ୍ଷଭାବେ ଚୟନ କରାଯାଇଛି। ଚଳିତ ବର୍ଷ ଦୁର୍ଗାପୂଜାକୁ ଅଧିକରୁ ଅଧିକ ଜାକଜକମକ ଓ ଶୃଙ୍ଖଳାର ସହ ପାଳନ କରିବାକୁ ସ୍ଥିର ହୋଇଛି। ମହାଷ୍ଟମୀ ଦିନ ଅନ୍ନ ପ୍ରସାଦ ଭୋଗ, ଦଶହରା ଦିନ ବାହାରୁ ଆସୁଥିବା ଗ୍ରାମାଞ୍ଚଳ ଓ ଗାଁର ଶତାଧିକ ଶ୍ରଦ୍ଧାଳୁଙ୍କ ପାଇଁ ଖେଚୁଡ଼ି ଭୋଗର ଆୟୋଜନ କରାଯିବ ବୋଲି ସ୍ଥିର ହୋଇଛି। ବୈଠକରେ ସନ୍ତୋଷୀ ନଗର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଉମରକୋଟରେ ବଙ୍ଗୀୟ ରୀତିନୀତିରେ ଦୁର୍ଗା ପୂଜା କରାଯାଏ।

# ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ଧବଳେଶ୍ୱରଙ୍କୁ ସମ୍ବର୍ଦ୍ଧନା


ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଧବଳେଶ୍ୱର ଓ ଅନ୍ୟମାନେ।

ତେନ୍ତୁଲିଖୁଣ୍ଟି, ୨୫।୮ (ଚିଦାନନ୍ଦ ସାହୁ)

ବିନା କୋଚିଂରେ ୟୁ୍ୟଟ୍ୟୁବ୍‌ରୁ ପଢ଼ି ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକର ଧବଳେଶ୍ୱର ପୂଜାରୀଙ୍କୁ ସୋମବାର ସମ୍ବର୍ଦ୍ଧିତ କରାଯାଇଛି। ପିଏମ୍‌ଶ୍ରୀ ନୋଡାଲ ବାପୁଜୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ର ଓ ଶିକ୍ଷକମାନେ ସମ୍ବର୍ଦ୍ଧିତ କରିଛନ୍ତି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଆନନ ଭତ୍ରାଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଡିଓ ମନୋଜ ପାଣିଗ୍ରାହୀ ମୁଖ୍ୟଅତିଥି, ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ଅଧକ୍ଷ ତୁଲାରାମ କର୍କରା, ପୂର୍ବତନ ଅଧକ୍ଷ ଗୋପାଳକୃଷ୍ଣ ନାୟକ, ଖବରଦାତା ସୁଶାନ୍ତ ଶତପଥୀ, ବାରିଜ ପଟ୍ଟନାୟକ ଉପସ୍ଥିତ ଥିଲେ। ଅତିଥିମାନେ ଧବଳେଶ୍ୱରଙ୍କୁ ଉପଢୌକନ ସହ ଆର୍ଥିକ ସାହାୟତା ପ୍ରଦାନ କରିଛନ୍ତି। ଶାରୀରିକ ଶିକ୍ଷକ ମନୋଜ ପୂଜାରୀ ମଞ୍ଚ ପରିଚାଳନା କରିଥିଲେ। ତାଙ୍କୁ ସାହାଯ୍ୟ କରିଥିବା ବ୍ୟକ୍ତି ସମୁହଙ୍କୁ ଧବଳେଶ୍ୱର ମନେ ପକାଇଥିଲେ। ବିଦ୍ୟାଳୟ କର୍ମଚାରୀ ଭୁବନ ହରିଜନ, ଶିକ୍ଷକ ପଦୁସିଂ ହିଆଲ, ଜଗଦୀଶ ଭତରା, ଜ୍ୟୋତିଷ ରଞ୍ଜନ ପଟ୍ଟନାୟକ, ବିକାଶ ରଞ୍ଜନ ସାହୁ, ଅନାମ ବିପ୍ଳବୀ, ହିମାଂଶୁ ଶେଖର ବାରିକ, ଯଶୋଦା କର୍କରା, ଲିଙ୍ଗରାଜ ମାଝୀ, ଶଶୀଧର ଶବର, ସ୍ନେହସ୍ନିଗ୍ଧା ସ୍ୱାଇଁ, ଶୁଭସ୍ମିତା ପଟ୍ଟନାୟକ, ଧରିତ୍ରୀ ଓରାମ, ପବିତ୍ର ପାଣିଗ୍ରାହୀ, ଭାନୁ ଖୁରା ପ୍ରମୁଖ ଧବଳେଶ୍ୱରଙ୍କ ଉଜ୍ୱଳ ଭବିଷ୍ୟତ କାମନା କରି ଆଶୀର୍ବାଦ ପ୍ରଦାନ କରିଥିଲେ।

# ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା


ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ସ୍ୱାଗତ କରାଯାଉଛି।

## କୋରୁକୋଣ୍ଡା ବ୍ଲକ୍

କୋରୁକୋଣ୍ଡା, ୨୫।୮ (ଶିବଦତ୍ତ ସାହୁ)

କୋରୁକୋଣ୍ଡା ବ୍ଲକ୍ ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ସୋମବାର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ଅରୁଣ ରାୟ ଯୋଗଦେଇଛନ୍ତି। ତାଙ୍କୁ ଅଲ ଓଡ଼ିଶା ଉତ୍କଳ ପ୍ରାଇମେରି ଟିଚର୍ସ ଫେଡେରେଶନ, ଭୁବନେଶ୍ୱର ଓ ମାଲକାନଗିରି ଜିଲା ଶାଖା ତରଫରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଆୟୋଜିତ ସଭାରେ କୋରୁକୋଣ୍ଡା ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅସିତ ମିସ୍ତ୍ରି, ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ଜିଲା ସଭାପତି ନୀଳକଣ୍ଠ ବେହେରା, ସମ୍ପାଦକ ଲୋକନାଥ ସାହୁ, ଯୁଗ୍ମ ସମ୍ପାଦକ ତଥା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଯଜ୍ଞେନ୍ଦ୍ର ସ୍ୱାଇଁ, ଉପସଭାପତି ଉତ୍ତମ ସମାଦାର, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଓଲଡ କତାପାଲ୍ଲୀ ପ୍ରଦ୍ୟୁମ୍ନ ସ୍ୱାଇଁ, ଚିତ୍ରକୋଣ୍ଡା ନୀରୋଦ ଜେନା, ମଞ୍ଜୁତା ଶ୍ରୀଗମ, ସଙ୍ଗୀତ ରଣା, ତିରୁପତି ପାତ୍ର ଓ ଅତିଥିଭାବେ ଶିବଦତ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ଶିକ୍ଷା ବିଭାଗର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

# ୟୁରିଆ ସାରର ଅଭାବୀ ବିକ୍ରି

# ଚାଷୀଙ୍କ ରାସ୍ତାରୋକୋ, ଲ୍ୟାମ୍ପ୍‌ସ କାର୍ଯ୍ୟାଳୟରେ ତାଲା

ମାଲକାନଗିରି, ୨୫।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ୟୁରିଆ ସାରର ଅଭାବୀ ବିକ୍ରିକୁ ନେଇ ଚାଷୀମାନେ ହତାଶ ହୋଇପଡିଛନ୍ତି। ମାଲକାନଗିରି ବ୍ଲକ ଶିଖପାଲୀ ପଞ୍ଚାୟତ ୩୨୬ ନଂ. ଜାତୀୟ ରାଜପଥରେ ନବ ନିର୍ମାଣ କୃଷକ ସଂଗଠନ ତରଫରୁ ସୋମବାର ରାସ୍ତାରୋକୋ କରିବା ସହ ଧାରଣା ଦେଇଥିଲେ। ସଂଗଠନର ୨୦୦ରୁ ଉର୍ଦ୍ଧ୍ୱ ଚାଷୀ ଲ୍ୟାମ୍ପ୍‌ସ କାର୍ଯ୍ୟାଳୟକୁ ଯାଇ ଫାଟକରେ ତାଲା ପକାଇଥିଲେ। ଶିଖପାଲୀ ଗ୍ରାମ ଛକ ସମ୍ମୁଖରେ ରାସ୍ତାରୋକୋ କରି ୟୁରିଆ ସାର ତୁରନ୍ତ ଯୋଗାଇ ଦିଆଯାଉ ବୋଲି ନାରା ଦେଇଥିଲେ। ଫଳରେ ଆଜି ସକାଳ ୮ ଠାରୁ ମଧ୍ୟାହ୍ନ ୧୨ ଟା ପର୍ଯ୍ୟନ୍ତ ସେହି ରାସ୍ତାଦେଇ ଯାଉଥିବା ସମସ୍ତ ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା। ଖବର ପାଇ ମାଲକାନଗିରି ତହସିଲଦାର ଟିଙ୍କୁନୁ ପୁଟା ସେଠାରେ ପହଞ୍ଚି ଏକ ସପ୍ତାହ ମଧ୍ୟରେ ସାର ଯୋଗାଇ ଦିଆଯିବ ବୋଲି କହିଥିଲେ। ଚାଷୀମାନେ କରିଥିଲେ, ଏହା ପୂର୍ବରୁ ମଧ ଜିଲା ପ୍ରଶାସନ ନିକଟରେ ଆମେ ଅଭିଯୋଗ କରିବାରୁ ଏକ ସପ୍ତାହ ମଧ୍ୟରେ ସାର ଯୋଗାଇ ଦିଆଯିବାର ପ୍ରତିଶୃତି ଦିଆଯାଇଥିଲେ ମଧ ସାର ମିଳିଲା ନାହିଁ। ତେଣୁ ଆସନ୍ତା ୩ ଦିନ ମଧ୍ୟରେ ସାର ନ ଯୋଗାଇ ଦେଲେ ଫସଲ ନଷ୍ଟ ହେଇଯିବ। ତହସିଲଦାର ଜିଲାପାଳଙ୍କ ସହ ଆଲୋଚନା କରି ୩ ଦିନ ମଧ୍ୟରେ ସାର କିପରି ବଣ୍ଟନ କରାଯିବ ସେ ନେଇ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେବାପରେ ସଂଗଠନ ତରଫରୁ ରାସ୍ତା ଅବରୋଧ ହଟିଥିଲା। ଏଥିରେ ସଂଗଠନ ସଭାପତି ଏରା ପଡିଆମିଙ୍କ ସହ ୧୦ ପଞ୍ଚାୟତର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଚାଷୀ ସାମିଲ ହୋଇଥିଲେ।


ସାର ପାଇଁ ନବନିର୍ମାଣ କୃଷକ ସଂଗଠନ କର୍ମକର୍ତ୍ତା ଧାରଣାରେ ବସିଛନ୍ତି।

ସୂଚନାଯୋଗ୍ୟ, ବର୍ତ୍ତମାନ ଖରିଫ ଋତୁ ଆରମ୍ଭ ହୋଇଥିବା ବେଳେ ଚାଷୀମାନେ ଚାଷ ଆରମ୍ଭ କରି ଦେଇଛନ୍ତି। ଏଥିସହ ଏହି ମାସ ମଧ୍ୟରେ ୟୁରିଆ ସାର ପକାଇବାର ସମୟ ହୋଇଥିବା ବେଳେ ପ୍ରଶାସନ ଓ ଲ୍ୟାମ୍ପ୍‌ସ ଠିକ୍ ସମୟରେ ଯୋଗାଇବାରେ ବିଫଳ ହୋଇଛନ୍ତି। ଗତ ଏକ ମାସ ଧରି ଚାଷୀମାନେ ବାରମ୍ବାର ଲ୍ୟାମ୍ପ୍‌ସକୁ ଯାଇ ଖାଲି ହାତରେ ଫେରୁଥିବା ବେଳେ ଅଧିକାରୀମାନେ ଆର ସପ୍ତାହକୁ ସାର ଆସିବ ବୋଲି କହି ଏକ ମାସ ବିତାଇ ଦେଲେଣି। କିନ୍ତୁ ତାହା ଏପର୍ଯ୍ୟନ୍ତ ଆସି ପାରିଲା ନାହିଁ। ଅନ୍ୟପକ୍ଷରେ ଠିକ୍ ସମୟରେ ଜମିରେ ୟୁରିଆ ନ ପକାଇଲେ ଫସଲ ନଷ୍ଟ ହେବା ସମ୍ଭାବନା ଥିବା ଚାଷୀମାନେ କହିଛନ୍ତି। ୧୦ ଦିନ ପୂର୍ବରୁ ନବ ନିର୍ମାଣ କୃଷକ ସଂଗଠନ ତରଫରୁ ୟୁରିଆ ସାର ଅଭାବ ସମ୍ପର୍କରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସେହି ସମୟରେ ପ୍ରଶାସନ ତରଫରୁ ଏକ ସପ୍ତାହ ମଧ୍ୟରେ ସାର ଯୋଗାଇ ଦିଆଯିବ ବୋଲି କହିଥିଲେ। ତେବେ ପ୍ରଶାସନ ପ୍ରତିଶୃତି ଦେଇ ୧୦ ଦିନ ବିତି ଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଆସିବା ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

# ଅଟୋ ସହ ଶାଗୁଆନ କାଠ ଜବତ, ଜଣେ ଗିରଫ

କୋରୁକୋଣ୍ଡା, ୨୫।୮ (ଶିବଦତ୍ତ ସାହୁ)

ବାଲିମେଲା ବନ ବିଭାଗ କର୍ମଚାରୀ କୋରୁକୋଣ୍ଡା ବ୍ଲକ ନାକାମାମୁଡ଼ି ପଞ୍ଚାୟତ ଡୁମୁରିପଦର ଜଙ୍ଗଲରୁ କେତେକ ମାଫିଆ ଶାଗୁଆନ ଗଛ କାଟି ତା'ର ପଟା ଓ ଦଣ୍ଡାକୁ ଅଟୋ (ଓଡି –୩୦–ବି –୯୬୨୬)ରେ ବାଲିମେଲା ସହରକୁ ରବିବାର ରାତିରେ ଚୋରାଚାଲାଣ କରୁଥିବା ବେଳେ ବନ ବିଭାଗ କର୍ମଚାରୀଙ୍କ ହାତରେ ଧରାପଡ଼ିଛନ୍ତି। ଡୁମୁରିପଦର ଜଙ୍ଗଲରୁ କେତେଜଣ ଦୁର୍ବୃତ୍ତ ଶାଗୁଆନ ଗଛ କାଟି ତା'ର ଦଣ୍ଡାଗୁଡିକୁ ଏକ ଅଟୋରେ ବାଲିମେଲାକୁ ଚୋରା ଚଲାଣ କରୁଥିବା ନେଇ ବାଲିମେଲା ବନାଞ୍ଚଳ ଅଧିକାରୀ ଲିପ୍ସିତା କଅଁରଙ୍କୁ ସୂଚନା ମିଳିଥିଲା। ବନାଞ୍ଚଳ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବନପାଳ ଚନ୍ଦ୍ର ମାଝୀଙ୍କ ନେତୃତ୍ୱରେ ବନରକ୍ଷୀ ପ୍ରଶାନ୍ତ କୁମାର ରାଉତ, ସନ୍ତୋଷ କୁମାର, ଜ୍ୟୋତ୍ସ୍ନାରାଣୀ ପଣ୍ଡା, ସୁଜାତା ମଣ୍ଡଳ, ପାରା କର୍ମଚାରୀ ରାଜେନ୍ଦ୍ର ଖରା, ଆଦୁ ଖିଲ ପ୍ରମୁଖଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ବାଲିମେଲା ଛକ ନିକଟରେ ଜଗି ରହିଥିଲେ। ଅଟୋଟି ନାକାମାମୁଡ଼ି ଅଞ୍ଚଳରୁ ବାଲିମେଲା ଆସୁଥିବା ବେଳେ ତାକୁ ଅଟକାଇ ଏଥିରେ ୮ ଖଣ୍ଡ ଶାଗୁଆନ ଦଣ୍ଡା ଥିବା ଦେଖିବାକୁ ପାଇଥିଲେ। ଘଟଣାସ୍ଥଳରୁ ବନ ବିଭାଗ କର୍ମଚାରୀମାନେ ଅଟୋ ସହ କାଠଗୁଡିକ ଜବତକରି ଘଟଣାରେ ସମ୍ପୃକ୍ତ ସୁଜିତ ମାଝୀଙ୍କୁ ଗିରଫ କରିଥିଲେ। ଏ ନେଇ ନଂ.୩୨/୨୫ରେ ମାମଲା ରୁଜୁ କରାଯାଇଛି। ଘଟଣାରେ ସମ୍ପୃକ୍ତ ସୁଜିତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ବନାଞ୍ଚଳ ଅଧିକାରୀ କଅଁର ସୂଚନା ଦେଇଛନ୍ତି।


ଜବତ କାଠ ସହ ଗିରଫ ଅଭିଯୁକ୍ତ।

କେନରା ବୈଂକ Canara Bank
ସିଣ୍ଡିକେଟ Syndicate

କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଟାଲୁନ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

ଡିମାଣ୍ଡ ନୋଟିସ୍
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତାଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।


| ଶାଖା / ଋଣଗ୍ରହୀତା / ବନ୍ଧକଦାତାଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
| --- | --- | --- | --- |
| **ଜଗତସିଂହପୁର ଶାଖା** ଋଣଗ୍ରହୀତା/ବନ୍ଧକଦାତା: **ଶ୍ରୀ ସୁଶୀଲ୍ କୁମାର ଦାଶ**, ପିତା: ରବିନ୍ଦ୍ର କୁମାର ଦାଶ, ଠିକଣା: ସା-ଜହନପୁର, ପୋ.: ମଣ୍ଡାସାହି, ଗ୍ରାମ- ଜହନପୁର, ଜିଲ୍ଲା: ଜଗତସିଂହପୁର, ଓଡିଶା-୭୫୪୧୧୪। | (କ)ଟ.୧୪,୮୬,୦୦୦/- / (ଖ) ୨୪.୦୮.୨୦୨୫ / (ଗ) ୨୫.୦୮.୨୦୨୫ | ୨୫.୦୮.୨୦୨୫ ସୁଦ୍ଧା ଟ.୧୪,୪୮,୮୪୨.୨୦ ସହିତ ପରବର୍ତ୍ତି ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ଶ୍ରୀ ସୁଶୀଲ୍ କୁମାର ଦାଶ** ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୧୭୩୨, ଖାତା ନଂ.୬୯, ମୌଜା: ଛତ୍ର, ଗ୍ରାମ: ଜହନପୁର, ଏରିଆ: ଏ୦.୦୪ ଡିସିମିଲି, କିସମ: ଘରବାରୀ, ଉପ ଜିଲ୍ଲା: ଜଗତସିଂହପୁର ଏବଂ ଜିଲ୍ଲା: ଜଗତସିଂହପୁର ରେ ରେଜିଷ୍ଟ୍ରିଭୁକ୍ତ, ଚାରିପାର୍ଶ୍ୱରେ: ଉତ୍ତର- ସରକାରୀ ରାସ୍ତା, ଦକ୍ଷିଣ- ନିତ୍ୟାନନ୍ଦ ମହାନ୍ତି, ପୂର୍ବ- ରାଧା ଚରଣ ମହାନ୍ତି, ପଶ୍ଚିମ- ଗୋପିନାଥ ମହାନ୍ତି। |

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି। ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା। ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି। ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ। ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ। କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ। ଉପରୋକ୍ତ ଜାରି ନୋଟିସ୍ ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ। ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ। ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧୀକ ଗ୍ରହଣ କରିପାରନ୍ତି। (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି। (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ।

ତାରିଖ: ୨୫.୦୮.୨୦୨୫, ସ୍ଥାନ: କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ଗୁନ୍‌ଗୁନ୍
ପରିବାରବର୍ଗ


ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଖବରଦାତାଙ୍କ ବିୟୋଗ

ସୁନାବେଡା,୨୫।୮(କୃତ୍ତିବାସ ପ୍ରଧାନ)- ସୁନାବେଡା ଓ ସେମିଲିଗୁଡାର ବରିଷ୍ଠ ଖବରଦାତା କୃଷ୍ଣ ଚନ୍ଦ୍ର ସ୍ୱାଇଁଙ୍କ ୪୮ ବର୍ଷ ବୟସରେ ରବିବାର ରାତିରେ ବିୟୋଗ ହୋଇଛି। ସେ ସେମିଲିଗୁଡା ପ୍ରେସ କ୍ଲବର କୋଷାଧ୍ୟକ୍ଷ ଦାୟିତ୍ୱରେ ଥିଲେ। ସେ ଦୀର୍ଘଦିନରୁ କାଡିନ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ।

## ପିଏଚ୍.ଡି. ଲାଭ



ଡ. ନମିତା କର୍ଣ୍ଣ ଦେଶର ଅଗ୍ରଣୀ ଶିକ୍ଷା ସଂସ୍ଥା ତଥା ଡିମ୍ଡ ବିଶ୍ୱବିଦ୍ୟାଳୟ Institute of Chemical Technology, Mumbaiରୁ Polumer Engineering and Technology ବିଷୟରେ ପିଏଚ୍.ଡି. ଲାଭ କରିଛନ୍ତି। ଏହି ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଶଶାଙ୍କ, ଟି, ମାସକେଟଙ୍କ ତତ୍ତ୍ୱାବଧାନରେ ସେ ଗବେଷଣା କରୁଥିଲେ। ତାଙ୍କ ଗବେଷଣାର ବିଷୟ "Development and Modification of Polymeric resin by Silane" ସବୁ ମହଲରେ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ନମିତା ବରଗଡ଼ ଅତାବିରା ବ୍ଲକର ମୂଳ ନିବାସୀ ତଥା ପଶ୍ଚିମ ଓଡ଼ିଶା ଅଗ୍ରଣୀ ଶିକ୍ଷାନୁଷ୍ଠାନ ମାହେଶ୍ୱରୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନର ପ୍ରତିଷ୍ଠାତା ଅଧ୍ୟକ୍ଷ ଶ୍ରୀ ଫକୀର କର୍ଣ୍ଣ ଓ ସଂପାଦିକା ସନ୍ତୋଷିନୀ କର୍ଣ୍ଣଙ୍କ ସୁପୁତ୍ରୀ ଅଟନ୍ତି। ଡ. ନମିତା କର୍ଣ୍ଣ ବର୍ତ୍ତମାନ ମୁମ୍ବାଇର Institution of Chemical Technologyରେ Asst. Professor ଭାବରେ କାର୍ଯ୍ୟରତ ଅଛନ୍ତି। ତାଙ୍କର ଏହି ସଫଳତାର ଶ୍ରେୟ ନିଜର ଅଭିଭାବକ, Institution of Chemical Technology, Mumbaiର ସମସ୍ତ ଶିକ୍ଷକ, କର୍ମଚାରୀ, ନିଜର ବନ୍ଧୁମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଧ-୧୭୫୨


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ଅଭିଯୋଗ ଶୁଣାଣିବେଳେ ଚାଷୀଙ୍କ ଧାରଣା

- ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି
- ୧୯ ଅଭିଯୋଗର ଶୁଣାଣି ପରେ ସମାଧାନ ନିର୍ଦ୍ଦେଶ



ଅଧିକାରୀମାନେ ଏକ ଅଭିଯୋଗର ଶୁଣାଣି କରୁଛନ୍ତି।

ଡାବୁଗାଁ, ୨୫।୮(ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ କାର୍ଯ୍ୟାଳୟର ବିଡିଓଙ୍କ ପ୍ରକୋଷ୍ଠରେ ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି। ନବରଙ୍ଗପୁର ଅତିରିକ୍ତ ଜିଲାପାଳ ବିଶ୍ୱଜିତ ବର୍ମନ ୧୯ ଅଭିଯୋଗ (୧୩ ବ୍ୟକ୍ତିଗତ ଓ ୬ ଗୋଷ୍ଠୀଗତ) ର ଶୁଣାଣି କରି ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡାବୁଗାଁରୁ ମାନିଗାଁ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତା ଓ ତାରିଣୀ ମନ୍ଦିରରୁ ମାନିଗାଁ ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ଶୀଘ୍ର ଶେଷ, ଘୋଡ଼ାଖୁଣ୍ଟା ପଞ୍ଚାୟତର ସମସ୍ତ ଗ୍ରାମରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ରାଜ୍ୟ ରାଜପଥରୁ ଜୟନ୍ତୀନଗର ହନୁମାନମନ୍ଦିର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ, ଡଙ୍ଗରୀଗୁଡା ଗ୍ରାମ ରାସ୍ତା, ପାପଡ଼ାହାଣ୍ଡି ବ୍ଲକ ଅଧୀନ ଗାଲିଆଗୁଡ଼ା ଗ୍ରାମରୁ ମୁଣ୍ଡିଗୁଡ଼ା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଅଭିଯୋଗପତ୍ର ଦାଖଲ ହୋଇଥିଲା। ୟୁରିଆ ସାର ଯୋଗାଣ ପାଇଁ ଅଭିଯୋଗ ଶୁଣାଣି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଚାଷୀମାନେ ବ୍ଲକ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଥିଲେ। ୨୯ ତାରିଖ ଆଡ଼କୁ ୟୁରିଆ ସାର ଆସିଲେ ଲ୍ୟାମ୍ପ୍ସକୁ ଯୋଗାଇ ଦିଆଯିବ ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରତିଶୃତି ଦେବାପରେ ଚାଷୀମାନେ ଧାରଣା ରୁ ଉଠିଥିଲେ। ଏହି ଅଭିଯୋଗ ଶୁଣାଣି ଶିବିରରେ ନବରଙ୍ଗପୁର ଏସ୍‌ପି ମଡ଼କର ସନ୍ଦୀପ ସମ୍ପତ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ ପଣ୍ଡା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ରାଜୀବ କୁମାର ସାହୁ, ଜିଲା ମତ୍ସ୍ୟ ଅଧିକାରୀ ବିଷ୍ଣୁଚରଣ କିଶାନ, ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ବିଡିଓ ଶରତ ମାଝୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଭାରପ୍ରାପ୍ତ ଜିଲା ପଞ୍ଚାୟତ ଅଧିକାରୀ ପଦ୍ମନାଭ ତ୍ରିପାଠୀ, ସିଡିପିଓ ମିନତୀ ଦାଶ, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ହରେକୃଷ୍ଣ ରାଉତ, ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ପବିତ୍ର କୁମାର ସାହୁ, ବ୍ଲକ କୃଷି ଅଧିକାରୀ ସୁଦେଷ୍ଣା ଧଳ, ସହକାରୀ ଉଦ୍ୟାନ ଅଧିକାରୀ ରବିଶଙ୍କର ପଣ୍ଡା, ମୃତ୍ତିକା ସଂରକ୍ଷଣ ରେଞ୍ଜର ଗୌତମ ସେଠୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ, ଯୋଗାଣ ନିରୀକ୍ଷକ ସିପ୍ରା ସାମଲ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ଜିଲା ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ସିପିଆଇଏମ୍ ପକ୍ଷରୁ ଜିଲା ସମ୍ମିଳନୀ

ମାଥିଲି,୨୫।୮(ସୁବାସ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ୍‌ରେ ସିପିଆଇଏମ୍ ପକ୍ଷରୁ ୧୦ମ ଜିଲା ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଥିଲା। ଜିଲାର ବିଭିନ୍ନ ସ୍ଥାନରୁ ସିପିଆଇ କର୍ମୀମାନେ ଆସି ଏଥିରେ ଯୋଗ ଦେଇଥିଲେ। ବରିଷ୍ଠ ନେତା ହଳଧର ପୂଜାରୀଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ମହାନ୍ତି ଏଥିରେ ଉପସ୍ଥିତ ଥିଲେ। ଏଥିରେ ଜିଲାର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିବା ସହ ଦଳକୁ କିପରି ତୃଣମୂଳସ୍ତରରେ ପହଞ୍ଚି ଲୋକଙ୍କ ସମସ୍ୟାଗୁଡ଼ିକ ଲୋକଲୋଚନକୁ ଆସିବ ଆଉ ଲୋକ କେମିତି ନ୍ୟାୟ ପାଇବ ସେଥିପ୍ରତି ଧ୍ୟାନ ଦେବା ପାଇଁ ନେତା କର୍ମୀଙ୍କୁ ବୁଝାଇଥିଲେ। ଗରିବମାନଙ୍କୁ କେମିତି ଲୁଟୁଛନ୍ତି । ଆଉ ଜଙ୍ଗଲ, ଜମି, ରାସ୍ତା ଘାଟ, ଶିକ୍ଷା ଓ ସ୍ୱାସ୍ଥ୍ୟ ଆଦି ସମସ୍ୟା ପାଇଁ କେମିତି ଲଢ଼େଇ କରିବା ଏବଂ ନ୍ୟାୟ ପାଇବା ସେଥିପ୍ରତି ଧ୍ୟାନଦେବାକୁ କୁହାଯାଇଛି। ସଭା ଶେଷ ହେବା ପୂର୍ବରୁ ଜିଲା ପରିଷଦ ନିର୍ବାଚନ କରାଯାଇଥିଲା। ସମ୍ପାଦକ ଭାବେ ପୁନର୍ବାର ହଳଧର ପୂଜାରୀ ନିଯୁକ୍ତ ହୋଇଥିଲେ। ସହ ସମ୍ପାଦକ ଭାବେ କୁମର ଜାଲିଆ ଓ ନଳବ ନାୟକଙ୍କୁ ନିର୍ବାଚିତ କରାଯାଇଥିଲା।


କାର୍ଯ୍ୟକ୍ରମରେ ଯୋଗଦେଇଥିବା କର୍ମକର୍ତ୍ତାମାନେ ।

# ତାର୍ଲାକୋଟା ପଞ୍ଚାୟତ: ୧୨୮ ଅଭିଯୋଗ ଶୁଣିଲେ ବିଡିଓ

କୋରୁକୋଣ୍ଡା,୨୫।୮(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ତାର୍ଲାକୋଟା ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର କୋରୁକୋଣ୍ଡା ବିଡିଓ ଅମୂଲ୍ୟ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସାନାରୀ ଖିଲଙ୍କ ଅଧକ୍ଷତାରେ ଶିବିର ପରିଚାଳିତ ହୋଇଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ ସୀମାଞ୍ଚଳ ନାୟକ, ସମିତି ସଭ୍ୟ ପଦ୍ମନାଭ ମାଡକାମୀ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ରାଜେଶ ଦାସଙ୍କ ସମେତ ଅନ୍ୟା ବିଭାଗ କର୍ମଚାରୀମାନେ ଉପସ୍ଥିତ ଥିଲେ। ସୂଚନା ମୁତାବକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବା ପାଇଁ ୧୧ ଜଣ ଦରଖାସ୍ତ କରିଥିଲେ। ସେହିପରି ୬୦ ବର୍ଷ ପୂରଣ ହୋଇଥିବା ୧୧ ଜଣ ବୃଦ୍ଧାବୃଦ୍ଧ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଆବେଦନ କରିଛନ୍ତି। ୮୦ ବର୍ଷ ପୂରଣ ହୋଇ ସାରିଥିବା ପ୍ରାୟ ୮ଜଣ ବୃଦ୍ଧା ୩ ହଜାର ୫ଶହ ଟଙ୍କାକୁ ସେମାନଙ୍କ ଭତ୍ତା ଟଙ୍କା ବୃଦ୍ଧି କରିବାକୁ ଦରଖାସ୍ତ ଦେଇଛନ୍ତି। ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଆସିଥିବା ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଲୋକ ଓ ପିଲାମାନେ ସେମାନଙ୍କର ଆଧାର କାର୍ଡ ପାଇଁ କହିଥିଲେ। ସମସ୍ତଙ୍କଠାରୁ ଅଭିଯୋଗ ଶୁଣିବା ପରେ ତୁରନ୍ତ ଏ ଦିଗରେ ବ୍ଲକ୍ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବ୍ଲକ କର୍ତ୍ତୃପକ୍ଷ କହିଛନ୍ତି।



ବିଡିଓ ଏବଂ ଅନ୍ୟମାନେ ଅଭିଯୋଗ ଶୁଣୁଛନ୍ତି।

# ମରଣାନ୍ତକ ଆକ୍ରମଣ ମାମଲାରେ ଦୁର୍ଦ୍ଦାନ୍ତ ଅପରାଧୀ ଗିରଫ

ଜୟପୁର,୨୫।୮(ପବନ ପାଣିଗ୍ରାହୀ)

ଜୟପୁର ଟାଉନଥାନା ପୋଲିସ ଦୈନିକ ବଜାରରେ ଗଣ୍ଡଗୋଳ, ମରଣାନ୍ତକ ଆକ୍ରମଣ ମାମଲାରେ ଦୁର୍ଦ୍ଦାନ୍ତ ଅପରାଧୀ ଗୋପବନ୍ଧୁନଗରର ଗଣେଶ ପୂଜାରି (୩୨)ଙ୍କୁ ଗିରଫ କରିବା ସହ ସୋମବାର କୋର୍ଟଚାଲାଣ କରିଛି। ଏହି ମାମଲାରେ ଅନ୍ୟଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବା ନେଇ ପୁଲିସ ପକ୍ଷରୁ ଚଢାଉ ଜାରି ରହିଛି। ଦୁଇଦିନ ପୂର୍ବେ ଜୟପୁର ଦୈନିକ ବଜାରରେ ପୂର୍ବ ଶତୃତାକୁ ନେଇ ଓଡିଆ ମେଦ୍ରୀସାହିର ହେମନ୍ତ ପରଜାଙ୍କୁ ଗୋପବନ୍ଧୁନଗରର ଦୁଇ ଦୁର୍ଦ୍ଦାନ୍ତ ଅପରାଧୀ ଏକ କ୍ରିକେଟ ବ୍ୟାଟରେ ଆକ୍ରମଣ କରିବା ଯୋଗୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ପ୍ରଚୁର ରକ୍ତସ୍ରାବ ଯୋଗୁ ଅଭିଯୋଗକାରୀ ଗୁରୁତର ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ଏନେଇ ଅଭିଯୋଗକାରୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୩୦୪/୨୫ରେ ଏକ ମାମଲା ରୁଜୁ କରି ମୁଖ୍ୟ ଅଭିଯୁକ୍ତ ଗଣେଶଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ଅନ୍ୟଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ନେଇ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି ।

# ଦେଶୀ ମଦ ଚାଲାଣ, ୨ ଗିରଫ

ଜୟପୁର,୨୫।୮(ପବନ ପାଣିଗ୍ରାହୀ)

ଦେଶୀ ମଦ ଚାଲାଣ ହେଉଥିବା ବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢାଉ କରି ଆମ୍ବାଗୁଡାର ଦାମୋଦର ନାୟକ ଓ ଜୟନଗରର ବନମାଳୀ ମଝୀଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୨୧ ଲିଟର ଦେଶୀ ମଦ ଜବତ କରାଯାଇଛି। ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଥାନା ଓଆଇସି ସୁବ୍ରତ କେଶରି ହରିନ ସୂଚନା ଦେଇଛନ୍ତି।

# ସ୍ୱାମୀ, ସ୍ତ୍ରୀଙ୍କୁ ୧୦ବର୍ଷ ଲେଖାଏ ଜେଲ୍

**ସ୍ୱାମୀ ବଳାତ୍କାର କରୁଥିବାବେଳେ ଭିଡିଓ ରେକର୍ଡିଂ କରୁଥିଲେ ସ୍ତ୍ରୀ**

ନବରଙ୍ଗପୁର,୨୫।୮(ସଦାଶିବ ପ୍ରହରାଜ)

ଜଣେ ଗର୍ଭବତୀଙ୍କୁ ଜନୈକ ବ୍ୟକ୍ତି ବଳହାର କରୁଥିବାବେଳେ ତାଙ୍କ ସ୍ତ୍ରୀ ଭିଡିଓ ରେକର୍ଡିଂ କରୁଥିବା ଘଟଣାର ବିଚାର କରି ସୋମବାର ଅତିରିକ୍ତ ଜିଲାଜଜ୍ ବିଷ୍ଣୁ ପ୍ରସାଦ ମିଶ୍ର ଉଭୟ ସ୍ୱାମୀ ଓ ସ୍ତ୍ରୀକୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେହିଭଳି ୧୦ହଜାର ଲେଖାଏ ଜରିମନା ଦେବାକୁ ନିର୍ଦ୍ଦେଶ ରହିଛି। ଜରିମନା ଅନାଦେୟରେ ୨ମାସ ଲେଖାଏ ଅଧିକ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଭିଯୁକ୍ତ ହେଲେ, ଖାତିଗୁଡ଼ା ଥାନା ଜଗନ୍ନାଥପୁର ଗାଁର ଲିଲା ରଞ୍ଜିକାର (୪୦) ଓ ତାଙ୍କ ସ୍ତ୍ରୀ ପଦ୍ମା ରଞ୍ଜିକାର। ସୂଚନାନୁଯାୟୀ, ୨୦୨୩ ଫେବୃଆରୀ ୧୧ରେ ଖାତିଗୁଡ଼ା ଥାନାରେ ପୀଡ଼ିତା ଏତଲା ଦେଇଥିଲେ। ଏତଲାରେ ପୀଡିତା ଦର୍ଶାଇଥିଲେ ଯେ, ସେ ଗର୍ଭବତୀ ଥିବାରୁ ଆଶା ପଦ୍ମା ରଞ୍ଜିକାର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟପରୀକ୍ଷା ପାଇଁ ନବରଙ୍ଗପୁର ଆଣିଥିଲେ। ନବରଙ୍ଗପୁର ସହରରେ ପଦ୍ମା ଓ ଲିଲା ତାଙ୍କୁ ଜଣକ ଘରକୁ ଆଣିଥିଲେ। ସେଠାରେ ଲିଲା ବଳତ୍କାର କରିଥିଲେ। ଏହି ସମୟରେ ପଦ୍ମା ବଳତ୍କାର ସମୟର ଦୃଶ୍ୟ ମୋବାଇଲରେ ରେକର୍ଡିଂ କରୁଥିଲେ। ଘଟଣା ସମ୍ପର୍କରେ କାହାରିକୁ ଜଣାଇଲେ ସ୍ୱାମୀଙ୍କୁ ଜୀବନରେ ମାରିଦେବାକୁ ଉଭୟ ପଦ୍ମା ଓ ଲିଲା ଧମକ ଦେଇଥିବା ପୀଡ଼ିତା ଏତଲାରେ ଉଲ୍ଲେଖ କରିଛନ୍ତି। ଏତଲାକୁ ଭିତ୍ତିକରି ପଦ୍ମା ଓ ତାଙ୍କ ସ୍ୱାମୀ ଲିଲାଙ୍କୁ ପୋଲିସ ଗିରଫ କରିଥିଲା। ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସଚ୍ଚିଦାନନ୍ଦ ସ୍ୱାଇଁ ଓ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସନ୍ତୋଷ କୁମାର ମିଶ୍ର ପରିଚାଳନା କରିଥିଲେ।


# Classified Everyday
0674-2580101, 9692975378

REAL ESTATE
SALE

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2** ଏବଂ **KIIT** କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ **investment** ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। **8249976746, 7978660091.** D-1698


## AFFIDAVIT

By virtue of an affidavit sworn before the Executive Magistrate, Balangir, I Bidyulata Penthei, At- Mahulapal, Kamakhyanagar, Dhenkanal declare that I have changed my name from Bidyulata Behera to Bidyulata Penthei. Henceforth I shall be known as Bidyulata Penthei for all purposes.
D-1755

I, Ankita Narayan Mundra, W/o- Ayush Taparia, resident of 301 and 302 Aditi Chanda Royal Apartment, Jharapada, Bhubaneswar, Odisha 751006 declare by this affidavit No.- 15AA 130962 dtd.- 30.07.2025 that now onwards I shall be known as Ankita Taparia for all future purposes. D-1754

ମୁଁ, ପିଙ୍କି ପ୍ରଧାନ, ସ୍ୱାମୀ- ବୁଦ୍ଧି ପ୍ରଧାନ, ଠିକଣା- ଗୌଡ଼ିଆଘାଇ, ପୋ.ଅ.- ରାହାଡ଼ମଲ୍ଲ, ଥାନା- ପୁରୀ ସଦର, ଜିଲ୍ଲା- ପୁରୀ- ୭୫୨୦୦୨ ଜଣାଉଅଛିଯେ ମୌଜା- ଗୌଡ଼ିଆଘାଇ ଖାତା ନ୧୬ମ୍ବର ପ୍ଲଟ୍ ନ୩୩୮ମ୍ବର ଏରିଆ- ଏ୦.୨୪ଡେସିମିଲ ସମ୍ବନ୍ଧରୁ କ୍ରୟ ଏରିଆ- ଏ୦.୦୬ ଡେସିମିଲକୁ ରେଜିଷ୍ଟ୍ରି ବିକ୍ରୟକବଲା ନ-୧୧୪୮୨୦୦୩୯୮୧ମ୍ବର ଦ୍ୱାରା ତା-୨୨।୧୦।୨୦୨୦ରିଖରେ ପୁରୀ ସ.ରେ. ରେଜିଷ୍ଟ୍ରେସନ କରିଛି, କିନ୍ତୁ ଜଟି ପ୍ରଧାନଙ୍କ (ମୃତ) କୌଣସି ଉତ୍ତରାଧିକାର ପ୍ରମାଣପତ୍ର ନଥାଇ ତାଙ୍କ ଉତ୍ତରାଧିକାରୀମାନେ ବିନା ପ୍ରମାଣପତ୍ରରେ ତାଙ୍କ ସମ୍ପତ୍ତିକୁ ପୂର୍ବକ୍ରେତାଙ୍କ ବିକ୍ରେତାଙ୍କୁ ବିକ୍ରୟ କରିଛନ୍ତି ବୋଲି ଜାଣିବାରୁ ମୁଁ ଘୋଷଣା କରୁଅଛିକି, ଯଦି କୌଣସି ବ୍ୟକ୍ତି କିମ୍ବା କୌଣସି ସଂସ୍ଥାଙ୍କ ଉତ୍ତରାଧିକାରୀ ସମ୍ବନ୍ଧରେ ଅଭିଯୋଗ ଥାଏ ତେବେ ଘୋଷଣାର ୧୪ ଦିନ ଭିତରେ ସ୍ୱତନ୍ତ୍ର ଫାଇନାନ୍ସ କମ୍ପାନୀ ଅଫିସରେ ଆସି ଜଣାନ୍ତୁ। ୧୪ ଦିନପରେ କୌଣସି ଅଭିଯୋଗ ବିଚାରକୁ ନିଆଯିବ ନାହିଁ।
ଇତି
ପିଙ୍କି ପ୍ରଧାନ
ଧ-୧୭୫୭

By virtue of an affidavit I, Sandhya Satapathy, aged- 59 years, D/o- Late Sh Surendra Kumar Bhol and W/o- Tapan Kumar, declare that I have changed my name from Sandhyarani Bhol to Sandhya Satapathy. Now I am identified as Sandhya Satapathy in all official documents like PAN, Aadhaar, Bank A/c etc. That I have a Plot, No.- 8-3GH, D/785, Area- 1625sqft., Sector- 8, CDA, Cuttack. I am again declaring that Sandhyarani Bhol and Sandhya Satapathy are the same person. My Aadhaar No.- xxxx xxxx 2767 and PAN- ANQPB4447H are in the name of Sandhya Satapathy.
Sd./- Sandhya Satapathy
D-1753

## LEGAL NOTICE

IN THE COURT OF ADDL. COMMISSIONER OF CONSOLIDATION AND SETTLEMENT, SAMBALPUR-II R.P.
Case No.- 245/2024

Purastam Biswal and others .... Petitioner
Vrs
Kshudhasagar Pradhan and another ....Opposite Parties

To, 1. Kshudhasagar Pradhan, 2. Sudhasagar Pradhan both are sons of Late Bhubaneswar Pradhan and R/o- Deogaon, P.O.- Rajpur, Tahasil/Dist.- Jharsuguda

Whereas, the aforesaid case has been filed by the petitioners against you wherein, the petitioners have prayed under the provision as contemplated u/s 15 (b) of Orissa Survey & Settlement Act, 1962 and rules framed there under. However, you have deliberately avoided receiving notice in the aforementioned case issued by the honourable Court.

You are hereby directed to appear in person or through your pleader duly instructed by you before the Honourable Court on 2nd day of September 2025 at 11:00A.M. failing which, the case will be determined in your absence.

Given under my hands and the seal of this Court on this 11th day of August 2025.

Land Schedule
Mouza- Deogaon, Tahasil- Jharsuguda, Dist.- Jharsuguda, M.S. Khata No.- 101, Plot No.- 927 Ac.3.050 dec.
Sd./- Additional Commissioner, Consolidation & Settlement, Sambalpur-II
D-1756

IN THE COURT OF HON'BLE CIVIL JUDGE (SR. DIVN.) AT PARALAKHEMUNDI
C.M.A. No.- 04/2024.
(Out of C.S. 29/2021)
Smt. Sandhya Rani Das & Another ....Petitioner
Versus.
Smt. Madhusmita Das & Another. ...Respondent.

PUBLICATION UNDER ORDER V RULE 20 of C.P.C.

To, 1. Smt. Madhusmita Das, W/o- Dr. Krushna Chandra Das, aged about 70 years, Hindu. Housewife, permanent resident of Palace Street, PO / PS: Paralakhemundi, Gajapati- District and 2. Dr. Krushna Chandra Das, W/o Late Madan Mohan Das, aged about 75 years, Hindu. Pensioner, permanent resident of Palace Street, PO/PS: Paralakhemundi, Gajapati District.

Whereas the plaintiff/ Petitioner has instituted the above proceeding against you for the reliefs claimed in the above petition. That in spite of the several steps taken by this Hon'ble Court in both ways such as through Court and Postal for your appearances. All the notices returned back without service. So, you are hereby noticed through this notice to appear in this Court in person or by an advocate duly instructed on 22nd day of Sep. 2025 at 10:30 AM to answer all material questions relating to the suit, failing which the suit/ application will be disposed off in your absence according to law.

Given under my hand and seal of this Court this the 21st day of August 2025.
Sd./- Civil Judge (Senior Division), Paralakhemundi, Gajapati Dist.
D-1750


Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

ଏକାଦଶତମ ଶ୍ରାଦ୍ଧବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତାଃ ଡଃ ନିରୁପମା ପଟ୍ଟନାୟକ
ସ୍ୱାମୀ- ସ୍ୱର୍ଗତଃ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ
ପୋଖରୀପୁଟ, ଭୁବନେଶ୍ୱର
ଚାହୁଁ ଚାହୁଁ ଏଗାର ବର୍ଷ ବିତିଗଲା। ଆପଣଙ୍କ ଅନୁପସ୍ଥିତିରେ ପ୍ରତିଦିନ ଆମମାନଙ୍କ ଆଖିରୁ ଲୁହ ଶୁଖୁନି। ଆପଣଙ୍କ ପବିତ୍ର ଆତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଲୀନ ହେଉ, ଏତିକି ପ୍ରାର୍ଥନା ।
ଆପଣଙ୍କ ପରିବାର ଓ ବନ୍ଧୁବର୍ଗ ।
ଧ-୭୬୦୭୪

ଶ୍ରଦ୍ଧାଞ୍ଜଳି



୰ଦୁର୍ଗା ପ୍ରସାଦ ବହିଦାର
ଅବସରପ୍ରାପ୍ତ ପୋଲିସ ଅଫିସର
ଝାଡୁଆପଡା, ସମ୍ବଲପୁର
୧୯୧୦-୧୯୯୭
ବାଲିତୃତୀୟା
ଆଜି ଅଷ୍ଟବିଂଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଅଛୁ ।
ପରିବାରବର୍ଗ ଓ ବନ୍ଧୁସ୍ୱଜନ
ଧ-୭୬୮୪୯

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଛାୟାରାଣୀ ଦାଶ
ଏସ୍.ଜି- ୩୨ ଆଇଗିଣିଆ,ଖଣ୍ଡଗିରି,ଭୁବନେଶ୍ୱର
ଆବିର୍ଭାବ: ୧୫।୦୭।୧୯୫୫
ତିରୋଧାନ: ୧୫।୦୮।୨୦୨୫
ଆପଣ ଆମକୁ ଶୋକସାଗରେ ଭସାଇଦେଇ ସଂସାରରୁ ବିଦାୟ ନେଲେ। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦର୍ଶ ଆମ ପାଇଁ ପ୍ରେରଣାର ଉତ୍ସ ହୋଇରହିବ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-ଶୋକସନ୍ତପ୍ତ-
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀବୋହୂ, ଅଣନାତି, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ।
ଧ-୧୭୫୮

ସୌନ୍ଦର୍ଯ୍ୟ

# ଉପକାରୀ ଚିନାବାଦାମ



**ବର୍ଷାଦିନେ ଗରମ ଗରମ ବାଦାମ ଭଜା ଖାଇବାକୁ କିଏ ବା ନ ଭଲ ପାଏ। ହେଲେ ଆପଣ ଜାଣନ୍ତିକି ପାଟିକୁ ସୁଆଦିଆ ଲାଗୁଥିବା ଏହି ଚିନାବାଦାମରେ ଭରି ରହିଛି ଅନେକ ପୋଷକ ତତ୍ତ୍ୱ, ଯାହାକୁ ଖାଇଲେ ଶରୀର ସୁସ୍ଥ ରହିବା ସହ ବ୍ୟବହାର କଲେ ସୌନ୍ଦର୍ଯ୍ୟ ମଧ୍ୟ ବୃଦ୍ଧିପାଇଥାଏ। ଜାଣନ୍ତୁ ଏହାକୁ କିପରି ବ୍ୟବହାରକରି ସୌନ୍ଦର୍ଯ୍ୟ ବୃଦ୍ଧି କରିପାରିବେ...**

❖ବାଦାମରେ ଭିଟାମିନ୍-ଇ ଥିବାରୁ ଏହାକୁ ଖାଇବା ଦ୍ୱାରା ଏହା ଚର୍ମକୁ ପୋଷଣ ଯୋଗାଇବା ସହ ନରମ ଏବଂ ଚିକ୍କଣ ରଖିଥାଏ । ଏହାର ତେଲ ଲଗାଇବା ଦ୍ୱାରା ସୂର୍ଯ୍ୟକିରଣ ଯୋଗୁ ହେଉଥିବା ଟ୍ୟାନିଂ ଭଳି ସମସ୍ୟା ଦୂରହୋଇଥାଏ। ଏହା ଚର୍ମକୁ ବ୍ରଣମୁକ୍ତ ରଖି କୋମଳତା ପ୍ରଦାନ କରିଥାଏ।

❖ଆଖି ତଳ କଳାଦାଗ, ଆଖି କୁଣ୍ଡେଇହେବା ଭଳି ସମସ୍ୟା ଦୂରକରିବା ଲାଗି ଚିନାବାଦାମ ବେଶ୍ ଉପଯୋଗୀ। ଏଥିରେ ଥିବା ଅଧିକ ପରିମାଣର ଓମେଗା ଫ୍ୟାଟି ଏସିଡ୍ ଓ ଖଣିଜ ଲବଣ ଦୃଷ୍ଟିଶକ୍ତି ବଢ଼ାଇଥାଏ । ଆଖିପତା ଉପରେ ଏହାର ତେଲ ଲଗାଇ ଧୀରେ ଧୀରେ ମସାଜ କରିବା ଦ୍ୱାରା ଆମକୁ ଦିନ ଯାକର ଚାପରୁ ମଧ୍ୟ ମୁକ୍ତିମିଳେ।

❖ଏଥିରେ ଆଣ୍ଟି-ଅକ୍ସିଡାଣ୍ଟ, ଭିଟାମିନ୍ ଏବଂ ମିନେରାଲ୍ସ ଥିବାରୁ ଏହାକୁ ପାଣି ଭିଜେଇ ପେଷ୍ଟ କରି ଲଗାଇବା ଦ୍ୱାରା ସ୍କିନ୍‌ର ଗ୍ଲୋ ବଢ଼ିଥାଏ। ଏହା ଏଜିଙ୍ଗ୍ ସାଇନ୍ସ ଯେପରିକି ରିଙ୍କଲ୍‌ମାର୍କ, ଏଜ୍ ସ୍ପଟ୍ ଆଦିକୁ ରୋକିଥାଏ। ବ୍ରଣ, ଦାଗ ଆଦିକୁ ମଧ୍ୟ କମ୍ କରିବାରେ ଏହା ବେଶ୍ ସାହାଯ୍ୟ କରିଥାଏ।

❖ମୁଣ୍ଡ ଏବଂ ଶରୀରର ବିଭିନ୍ନ ଅଂଶକୁ ମସାଜ୍ କରିବା ପାଇଁ ଚିନାବାଦାମ ତେଲକୁ ବ୍ୟବହାର କରାଯାଇଥାଏ। ଏହାଦ୍ୱାରା ଚର୍ମ ପୁଷ୍ଟିକର ତେଲ ଶୋଷଣ କରିପାରେ। ବିଶେଷକରି କେଶ ମୂଳରେ ଏହି ତେଲ ମସାଜ କରିବା ଦ୍ୱାରା ବ୍ଲଡ୍ ସାର୍କୁଲେଶନ୍ ଠିକ୍ ଭାବେ ହେବା ଦ୍ୱାରା କେଶ ଲମ୍ବା ଏବଂ ମଜଭୁତ ହୋଇଥାଏ। ଏହା କେଶ ପାଚିବା, ଝଡ଼ିବା, ଫାଟିବା ଆଦି ସମସ୍ୟାକୁ ମଧ୍ୟ ଦୂର କରିଥାଏ।



# ନିଜ ପାଇଁ ୩୦ ମିନିଟ୍



**ନାରୀଟିଏ ସବୁବେଳେ କର୍ମଜଞ୍ଜାଳରେ ବନ୍ଧା। ସେ କେତେବେଳେ ସମ୍ଭାଳେ ପରିବାରର ସମସ୍ତ ଦାୟିତ୍ୱ ତ ଆଉ କେତେବେଳେ ଘର ସହ ବି ତୁଲେଇବାକୁ ହୁଏ ଅଫିସ୍ କାମ। ଏମିତରେ ସେ ଅଜାଣତରେ ଅବହେଳା କରିବସେ ନିଜକୁ ଆଉ ହୋଇଯାଏ ରୋଗଣା। ହେଲେ ଏସବୁ କର୍ତ୍ତବ୍ୟ ସୁଚାରୁ ରୂପେ ତୁଲେଇବାକୁ ହେଲେ ସୁସ୍ଥ ରହିବା ଲାଗି ନିଜର ଯତ୍ନନେବା ଯେ ସେତିକି ଗୁରୁତ୍ୱପୂର୍ଣ୍ଣ ସେକଥା ସେ ଭୁଲିଯାଏ। ତେଣୁ ସବୁ କାମ ଭିତରେ ବି ନିଜ ପାଇଁ ପ୍ରତିଦିନ ଅତିକମ୍‌ରେ ୩୦ମିନିଟ୍ ବାହାର କଲେ ଫିଟ୍ ରହିବା ସହଜ ହେବ ସେଥିରେ ସନ୍ଦେହ ନାହିଁ...**








ବର୍ତ୍ତମାନ ଅଳ୍ପବୟସରୁ ଅଧିକାଂଶ ମହିଳାଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜୁଥିବା ଦେଖିବାକୁ ମିଳୁଛି। ଏହାର ମୁଖ୍ୟ କାରଣ ହେଉଛି ବିଭିନ୍ନ କାର୍ଯ୍ୟବ୍ୟସ୍ତତା ଭିତରେ ନିଜର ଯତ୍ନ ନ ନେବା। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି, ଯଦିଓ ବର୍ତ୍ତମାନ ସମସ୍ତେ କାର୍ଯ୍ୟବ୍ୟସ୍ତ ହେଲେ ସେହି କାର୍ଯ୍ୟରେ ଶାରୀରିକ ପରିଶ୍ରମ ନଗଣ୍ୟ। ତେଣୁ ପ୍ରତ୍ୟେକ ମହିଳାଙ୍କୁ ଘର ହେଉ ଅବା ଅଫିସ୍ ସମସ୍ତ କାର୍ଯ୍ୟ ଠିକ୍ ଭାବେ ତୁଲାଇବା ଲାଗି ସର୍ବପ୍ରଥମେ ନିଜେ ସୁସ୍ଥ ରହିବା ଜରୁରୀ। ଆଉ ଏଥିପାଇଁ ପ୍ରତିଦିନ କିଛି ସମୟ ନିଜ ପାଇଁ ବାହାରକରି ଯୋଗ, ବ୍ୟାୟାମ ଆଦି କରିବା ନିହାତି ଆବଶ୍ୟକ...

**ଯୋଗ, ବ୍ୟାୟାମ:** ବର୍ତ୍ତମାନ ଅନେକଙ୍କଠାରେ ଉପୁଜୁଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ମୁଖ୍ୟ କାରଣ ହେଉଛି ମେଦବହୁଳତା ସାଙ୍ଗକୁ ଶାରୀରିକ ପରିଶ୍ରମର ଅଭାବ। ଏହା ଦୂରକରିବା ଲାଗି ପ୍ରତିଦିନ ସମସ୍ତ କାମ ବାଦ୍ ଅତି କମ୍‌ରେ ନିଜ ପାଇଁ ୩୦ ମିନିଟ୍ ବାହାରକରି ଯୋଗ, ବ୍ୟାୟାମ କରିବା ନିହାତି ଆବଶ୍ୟକ। କିପରି ଏବଂ କେଉଁସବୁ ଏକ୍ସରସାଇଜ୍ କରିବେ ବୋଲି ଯଦି ଭାବୁଛନ୍ତି ତେବେ ଆରମ୍ଭ ଦିନଗୁଡ଼ିକରେ କେତୋଟି ବେସିକ୍ ୱାର୍କଆଉଟ୍ ପ୍ରତି ଧ୍ୟାନ ଦିଅନ୍ତୁ। ଏଥିପାଇଁ ପ୍ରଥମେ ଅଳ୍ପ ସମୟ ୱର୍କଆଉଟ୍ ୱାର୍ମଅପ୍ କରନ୍ତୁ। ଫଳରେ ଧୀରେ ଧୀରେ ହୃତ୍‌ପିଣ୍ଡର ଗତି, ପଲ୍ସ ରେଟ୍, ଶରୀରର ତାପମାତ୍ର ବଢ଼ିବାଦ୍ୱାରା ଅନ୍ୟ ୱର୍କଆଉଟ୍ ପାଇଁ ପ୍ରସ୍ତୁତ ହୋଇପାରିବେ। ୱାର୍ମଅପ୍ ପାଇଁ ଜମ୍ପିଂ ଜ୍ୟାକ୍ ସବୁଠୁ ସହଜ। ସେହିପରି କିଛି ସମୟ ଷ୍ଟ୍ରେଚିଂ କରନ୍ତୁ ଫଳରେ ଏକ୍ସରସାଇଜ୍ କରିବା ବେଳେ ମାଂସପେଶୀରେ ଟାଣିହେବା ସମସ୍ୟା ରହିବ ନାହିଁ। ଏହାପରେ ନିଜ କମ୍ଫର୍ଟ ଏବଂ ଷ୍ଟ୍ରେନ୍ଥ ଅନୁଯାୟୀ ବିଭିନ୍ନ ଏକ୍ସରସାଇଜ୍ ଏବଂ ଯୋଗାସନ କରନ୍ତୁ। କିଛି ସମୟ ଛାତ ଉପରେ କିମ୍ବା ନିକଟସ୍ଥ ପାର୍କ, ରାସ୍ତାକଡ଼ ଅବା ଅନ୍ୟ କୌଣସି ଖୋଲା ସ୍ଥାନରେ ଚାଲନ୍ତୁ। ପ୍ରତିଦିନ କିଛି ସମୟ ରନିଂ କିମ୍ବା ସାଇକ୍ଲିଂ କରିବା ବି ଖୁବ୍ ଲାଭଦାୟକ ହୋଇପାରିବ।

## ମିଳିବ ଅନେକ ଉପକାରିତା

ନିୟମିତ କିଛି ସମୟ ନିଜ ପାଇଁ ବାହାରକରି ଏକ୍ସରସାଇଜ୍ କଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିହେବା ସହ ଆପଣ ସୁସ୍ଥ ରହିପାରିବେ। ଏହା ବ୍ଲଡ୍ ପ୍ରେସର ଏବଂ ବ୍ଲଡ୍ ସୁଗାର ସ୍ତରକୁ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରିଥାଏ। ମର୍ନିଂ କିମ୍ବା ଇଭିନିଂରେ ୱାକ୍ କରିବା ଦ୍ୱାରା ମହିଳାମାନଙ୍କଠାରେ ଇଷ୍ଟ୍ରୋଜେନ୍ ହର୍ମୋନ୍ କ୍ଷରଣ ଠିକ୍ ଭାବେ ହୋଇଥାଏ। ଏହାଦ୍ୱାରା ହୃତ୍‌ପିଣ୍ଡ ଏବଂ ମସ୍ତିଷ୍କକୁ ସୁସ୍ଥ ରଖିଥାଏ, ଫଳରେ ହୃଦ୍ ସମସ୍ୟା ଏବଂ ଷ୍ଟ୍ରୋକ୍ ସମସ୍ୟାଠୁ ଦୂରେଇ ରଖିଥାଏ। ମାଂସପେଶୀ ଏବଂ ହାଡ଼ ମଜଭୁତ ରଖେ। ମାସିକ ଋତୁସ୍ରାବ ଠିକ୍ ଭାବେ ହେବା ସହ ପ୍ରଜନନ କ୍ଷମତା ବୃଦ୍ଧି କରିବାରେ ସାହାଯ୍ୟ କରେ। ପ୍ରତିଦିନ କିଛି ସମୟ ଏକ୍ସରସାଇଜ୍ କଲେ ଡୋପାମାଇନ୍ ହର୍ମୋନ୍ କ୍ଷରଣ ହୋଇଥାଏ। ଏହି ହର୍ମୋନ୍‌କୁ ହାପି ହର୍ମୋନ ବୋଲି ମଧ୍ୟ କୁହାଯାଇଥାଏ, ଯାହା ଷ୍ଟ୍ରେସ୍, ଡିପ୍ରେଶନ୍ ଭଳି ସମସ୍ୟା ଦୂରକରି ମଣିଷକୁ ଖୁସି ରଖିବାରେ ସାହାଯ୍ୟ କରିଥାଏ। ତେଣୁ ପ୍ରତିଦିନ ମାତ୍ର ୩୦ ମିନିଟ୍ ନିଜ ପାଇଁ ଦେଲେ ଏହା ଉଭୟ ଶାରୀରିକ ଓ ମାନସିକ ସ୍ତରରେ ଏହା ଫିଟ୍ ରଖିବାରେ ସାହାଯ୍ୟ କରିଥାଏ।



**ଜାଣିରଖନ୍ତୁ**

କେବଳ ଯୋଗ, ବ୍ୟାୟାମ, ୱାକିଂ ନୁହେଁ ଏହା ବ୍ୟତୀତ ଆଉ କେତେକ କଥା ପ୍ରତି ମଧ୍ୟ ବିଶେଷ ଧ୍ୟାନଦେବା ଜରୁରୀ, ସେ ବିଷୟରେ ଜାଣିରଖନ୍ତୁ...

➔କାର୍ଯ୍ୟବ୍ୟସ୍ତତା ଭିତରେ ସକାଳ ଜଳଖିଆ ନ ଖାଇବା ଅନେକ ମହିଳାଙ୍କଠାରେ ଏକ ବଦଭ୍ୟାସ। ଯେତେ କାମ ଥାଉ ନା କାହିଁକି ସକାଳ ଜଳଖିଆ ଖାଇବା ନିହାତି ଆବଶ୍ୟକ। ନଚେତ୍ ଦୀର୍ଘସମୟ ପେଟ ଖାଲି ରହି ଗ୍ୟାସ୍, ଏସିଡିଟି ଆଦି ସମସ୍ୟା ଦେଖାଦେଇଥାଏ। ଆମେରିକାନ୍ ମେଡିକାଲ ଆସୋସିଏଶନ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ବ୍ରେକ୍‌ଫାଷ୍ଟ ନ କରିବା ଦ୍ୱାରା ରକ୍ତଚାପ, ହୃଦ୍‌ରୋଗ ଏବଂ ହୃଦ୍‌ଘାତର ଆଶଙ୍କା ୨୭% ବୃଦ୍ଧି କରିଥାଏ। ସକାଳ ଜଳଖିଆ ଶରୀରକୁ ଶକ୍ତି ଯୋଗାଇଥାଏ, ଯଦ୍ୱାରା ସାରା ଦିନ ଆକ୍ଟିଭ୍, ଏନର୍ଜେଟିକ୍ ଏବଂ ଫ୍ରେଶ୍ ଲାଗିଥାଏ। କେବଳ ଜଳଖିଆ ମଧ୍ୟାହ୍ନ ଏବଂ ରାତ୍ରଭୋଜନ ମଧ୍ୟ ସମୟରେ ଖାଆନ୍ତୁ। ଫାଷ୍ଟ ଫୁଡ୍, ଜଙ୍କ୍ ଫୁଡ୍, ଅଏଲି ଫୁଡ୍ ଭଳି ଖାଦ୍ୟ ବଦଳରେ ସର୍ବଦା ପେଟ ପୂରା ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। ଦିନକୁ ଅତି କମ୍‌ରେ ୩-୪ ଲିଟର ପାଣି ପିଅନ୍ତୁ।

➔ନିଜକୁ ସବୁବେଳେ ଟେନ୍‌ସନ ଫ୍ରି ରଖିବାକୁ ଚେଷ୍ଟା କରନ୍ତୁ। ମନକୁ ଭାରାକ୍ରାନ୍ତ କରୁଥିଲେ ଦୀର୍ଘଦିନ ଚାପି ନ ରଖି ନିଜ ସ୍ୱାମୀ, ପରିବାର ସଦସ୍ୟ କିମ୍ବା କୌଣସି ବିଶ୍ୱସ୍ତଙ୍କ ନିକଟରେ ପ୍ରକାଶ କରନ୍ତୁ, ମନ ହାଲୁକା ହୋଇଯିବ।

➔ ଘର କାମ ସାରି ବିଳମ୍ବରେ ଖାଇବା ଏବଂ ଶୋଇବା ଅଭ୍ୟାସ ହିଁ ଗ୍ୟାସ୍, ବଦହଜମି, ମେଦବହୁଳତା ଭଳି ସମସ୍ୟାର ମୁଖ୍ୟ କାରଣ। ତା'ଛଡ଼ା ରାତିରେ ଠିକ୍ ଭାବେ ନ ଶୋଇଲେ ବା ପର୍ଯ୍ୟାପ୍ତ ନିଦ ନ ହେଲେ ଥକ୍କା ଲାଗିବା ସହ ମାନସିକ ସ୍ତରରେ ମଧ୍ୟ ଏହାର ବିଶେଷ ପ୍ରଭାବ ପଡ଼ିଥାଏ। ତେଣୁ ରାତିରେ ଅତି କମ୍‌ରେ ୬ରୁ ୭ ଘଣ୍ଟା ଶୋଇବା ପାଇଁ ଚେଷ୍ଟା କରନ୍ତୁ।



ଇଏ ବି ଜଣେ ନାରୀ

# ପରିଚୟ ଦେଇଛି ଇକୋଫ୍ରେଣ୍ଡ୍‌ଲି ସାମଗ୍ରୀ

ଆମେ ସମସ୍ତେ ପୃଥିବୀ ମା'ର ସନ୍ତାନ। ସେ ଆମକୁ ସବୁକିଛି ଦେଇଛି। ତେଣୁ ତା'ର ପରିବେଶକୁ ସୁରକ୍ଷା କରିବାର ଦାୟିତ୍ୱ ବି ଆମ ସମସ୍ତଙ୍କର। ଏକଥାକୁ ଜଣେ ପ୍ରକୃତିପ୍ରେମୀ ଭାବେ କେବଳ ହୃଦଙ୍ଗମ କରିନାହାନ୍ତି ବରଂ ଇକୋଦର୍ଶିନୀ ନାମରେ ଏକ ସଂସ୍ଥା ଗଠନ କରି ବିଭିନ୍ନ ସଷ୍ଟେନେବଲ୍ ଏବଂ ଇକୋଫ୍ରେଣ୍ଡଲି ସାମଗ୍ରୀ ପ୍ରସ୍ତୁତକରି ସମାଜକୁ ଏକ ନୂଆ ବାର୍ତ୍ତା ଦେଇଛନ୍ତି ଭୁବନେଶ୍ୱରସ୍ଥିତ ପଟିଆରେ ରହୁଥିବା ପ୍ରିୟଦର୍ଶିନୀ ଦାସ। ମାଟି, ବାଉଁଶ, ଅଦରକାରୀ କାଠ, ଗୁଆ, ହାତବୁଣା ସୂତା କପଡ଼ା, କାଇଁଚ, ବିଭିନ୍ନ ପ୍ରକାର ମଞ୍ଜି ଏବଂ ପ୍ରାକୃତିକ ରଙ୍ଗ ବ୍ୟବହାରକରି ସେ ପ୍ରସ୍ତୁତ କରୁଛନ୍ତି ଅଳଙ୍କାର, ଗୃହସଜ୍ଜା ଉପକରଣ, ଉପହାର ସାମଗ୍ରୀ, ଅଫିସ ପାଇଁ ଷ୍ଟେଶନାରି ଇତ୍ୟାଦି। ନିଜ ରୁଚିକୁ ବାସ୍ତବର ରୂପ ଦେଇ ସେ ନିଜେ ସ୍ୱାବଲମ୍ବୀ ହେବା ସହ ଭୁବନେଶ୍ୱରର କିଛି ବସ୍ତି, କୋଣାର୍କ, ରାୟଗଡ଼ାର ଅନେକ ଝିଅ ଓ ମହିଳାମାନଙ୍କୁ ଏହି ପ୍ରଶିକ୍ଷଣ ଦେଇ ରୋଜଗାରକ୍ଷମ ହେବାରେ ସାହାଯ୍ୟ କରିପାରିଛନ୍ତି। ସେ କୁହନ୍ତି, ''ପିଲାବେଳୁ ବୋଉ(କଲ୍ୟାଣୀ ଦାସ)ଠାରୁ କୌଣସି ବ୍ୟବହାର୍ଯ୍ୟ ଜିନିଷକୁ ଫିଙ୍ଗିଦେବା ପୂର୍ବରୁ ତା'ର ସମ୍ପୂର୍ଣ୍ଣ ବ୍ୟବହାର କିପରି କରାଯାଇପାରିବ ତାହା ଶିଖିଛି। ସେବେଠାରୁ ପ୍ରାକୃତିକ ସଂସାଧନକୁ ନେଇ ସମ୍ପୂର୍ଣ୍ଣ ପ୍ରାକୃତିକ ପଦ୍ଧତିରେ କିପରି ନୂଆ ଖେଳନା, ଘରକରଣା, ଘରସଜ୍ଜା ଜିନିଷ ତିଆରିକରି ହେବ ସେଥିପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା। କାଳକ୍ରମେ ବିବାହ ପରେ ପରିବାରର ବ୍ୟସ୍ତତା କାରଣରୁ ଏସବୁ ପାଇଁ ସୁଯୋଗ ମିଳିପାରି ନ ଥିଲା। ହେଲେ କିଛି ବର୍ଷ ପରେ ପରିବେଶ ଅନୁକୂଳ ପ୍ରାକୃତିକ ପଦାର୍ଥକୁ ନେଇ କିପରି ଫ୍ୟାଶନର ରୂପ ଦିଆଯାଇପାରିବ ଏବଂ ଯୁଗାନୁକୂଳ, ପସନ୍ଦଯୋଗ୍ୟ ତଥା ସମସ୍ତଙ୍କୁ ସୁହାଇଲା ଭଳି ଅଳଙ୍କାର ପ୍ରସ୍ତୁତ କରାଯାଇପାରିବ ସେଥିପାଇଁ ଇକୋଦର୍ଶିନୀ ଗଠନକଲି। ସ୍ୱାମୀ(ବିନୟ ଭୂଷଣ ଜେନା)ଙ୍କ ସହଯୋଗ ମଧ୍ୟ ମତେ ଆହୁରି ପ୍ରେରଣା ଦେଲା। ଧୀରେ ଧୀରେ ଏହାର ପ୍ରଚାରପ୍ରସାର ହେବା ସହ ତୋଷାଳି ମେଳା, ଏକାମ୍ର ଉତ୍ସବ ଏବଂ ବିଭିନ୍ନ ପ୍ରଦର୍ଶନୀରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଲି ଏବଂ ଅନେକ ସଂସ୍ଥା ପକ୍ଷରୁ ପୁରସ୍କୃତ ମଧ୍ୟ ହେଲି। ଏହି କାର୍ଯ୍ୟକୁ ଆହୁରି ଆଗକୁ ନେବା ପାଇଁ ମୁଁ ଅନେକ ଯୁବତୀ ଏବଂ ମହିଳାଙ୍କୁ ପ୍ରଶିକ୍ଷଣ ଯୋଗାଇଦେଉଛି।'' କିଛି ବର୍ଷ ହେବ ସେ ନିଜ ଆପାର୍ଟମେଣ୍ଟର ଅନ୍ୟ ମହିଳାମାନଙ୍କୁ ନେଇ ବିଭିନ୍ନ ପ୍ରକାର ପତ୍ର, ମଞ୍ଜି ଗୁଣ୍ଡ, ହଳଦୀ, ଚାଉଳ ଗୁଣ୍ଡ ଏବଂ ଔଷଧୀୟ ଫୁଲ ଫଳ ସଂଗ୍ରହକରି ସେଥିରୁ ରଙ୍ଗ ପ୍ରସ୍ତୁତକରି ହର୍ବାଲ ହୋଲି ଖେଳିବା ଆରମ୍ଭ କରିଛନ୍ତି। ସେହିପରି ରାଖୀ ପୂର୍ଣ୍ଣିମାରେ ପ୍ରାକୃତିକ ପଦାର୍ଥରୁ ସମ୍ପୂର୍ଣ୍ଣରୂପେ ପରିବେଶ ଅନୁକୂଳ ରାଖୀ ତିଆରି କରୁଛନ୍ତି ; ଯାହାକି ଅନ୍ୟମାନଙ୍କ ପାଇଁ ଚର୍ଚ୍ଚାର ବିଷୟ ହୋଇଛି। ବିଶେଷକରି ଗଣେଶପୂଜାରେ ମାଟି ଏବଂ ବିଭିନ୍ନ ମଞ୍ଜି, ଡାଲି, ଶୁଖିଲା ଶସ୍ୟକୁ ନେଇ ଇକୋଫ୍ରେଣ୍ଡଲି ଗଣେଶ ମୂର୍ତ୍ତି ତିଆରି କରୁଛନ୍ତି। ତେବେ ଏହାଦ୍ୱାରା ରୋଜଗାର ହେଉଥିଲେ ବି ବ୍ୟବସାୟିକ ମନୋଭାବ ନ ରଖି ପରିବେଶ ସୁରକ୍ଷାକୁ ପ୍ରାଥମିକତା ଦେବା ମୋର ଲକ୍ଷ୍ୟ ବୋଲି ସେ କୁହନ୍ତି। ଆଉ ଏହି ଚିନ୍ତାଧାରାରେ ଅନ୍ୟମାନଙ୍କୁ ଯୋଡ଼ିବା ଉଦ୍ଦେଶ୍ୟରେ ବିଭିନ୍ନ ପ୍ରାକୃତିକ ସ୍ରୋତରୁ ଉପଲବ୍ଧ ସାମଗ୍ରୀକୁ ନେଇ ଆଧୁନିକ ଅଳଙ୍କାର ତିଆରି କରିବାର କୌଶଳ ପ୍ରଶିକ୍ଷଣ ଦେଉଛନ୍ତି। ନିଜର ଏହି ପ୍ରୟାସ ଦ୍ୱାରା ଅନେକଙ୍କୁ ଆଜି ରୋଜଗାରକ୍ଷମ କରାଇପାରିବା ସହ କୃତ୍ରିମ ସାମଗ୍ରୀରୁ ପ୍ରସ୍ତୁତ ପ୍ରଦୂଷଣକାରୀ ଅଳଙ୍କାର ଏବଂ ସାଜସଜ୍ଜା ସାମଗ୍ରୀଠାରୁ ଦୂରେଇବା ପାଇଁ ଲୋକମାନଙ୍କୁ ପ୍ରବର୍ତ୍ତାଇ ପାରୁଥିବାରୁ ବେଶ୍ ଖୁସି ଅନୁଭବ କରୁଛି ବୋଲି ପ୍ରକାଶ କରନ୍ତି ପ୍ରିୟଦର୍ଶିନୀ।

– ପୌର୍ଣ୍ଣମାସୀ






ଖାଦ୍ୟରୁଚି

# ଏଗ୍‌ଲେସ୍ କେକ୍

**ଆବଶ୍ୟକ ସାମଗ୍ରୀ:** ମଇଦା ୨୫୦ଗ୍ରାମ୍, ବେକିଂ ପାଉଡର ୨ ଛୋଟ ଚାମଚ, ଲୁଣ ନ ଥିବା ବଟର ୧୫୦ ଗ୍ରାମ୍, ଚିନି ପାଉଡର ୧୫୦ ଗ୍ରାମ୍, ଲେମନ୍ ଏସେନ୍ସ ୬-୭ ବୁନ୍ଦା, ଭ୍ୟାନିଲା ଏସେନ୍ସ ଅଧାଚାମଚ, କ୍ଷୀର ୧୦୦ମି.ଲି., ଟୁଟି ଫ୍ରୁଟି ୬ ଚାମଚ, ଚେରି ୧୦ଟି, କିସ୍‌ମିସ୍ ୪ ଚାମଚ ଏବଂ ଲୁଣ ସ୍ୱାଦନାନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:** ଏକ ପାତ୍ରରେ ମଇଦା, ବେକିଂ ପାଉଡର ଏବଂ ଲୁଣ ମିଶାଇ ଛଣି ସାହାଯ୍ୟରେ ଚଳାଇ ଦିଅନ୍ତୁ। ଅନ୍ୟ ଏକ ପାତ୍ରରେ ବଟର ଏବଂ ଚିନି ପାଉଡର ନେଇ ଭଲ ଭାବେ ମିଶାନ୍ତୁ। ମିଶିଯିବା ପରେ ଲେମନ ଏସେନ୍ସ ଏବଂ ଭ୍ୟାନିଲା ଏସେନ୍ସ ମିଶାନ୍ତୁ। ଏଥିରେ ପୂର୍ବରୁ ରଖିଥିବା ମଇଦା ମିଶ୍ରଣକୁ ଅଳ୍ପ ଅଳ୍ପ ପକାଇ ଗୋଳାନ୍ତୁ। ସେଥିରେ ଟୁଟିଫ୍ରୁଟି, କିସ୍‌ମିସ୍ ଏବଂ କଟା ଚେରି ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏକ କେକ୍ କଣ୍ଟେନର ନିଅନ୍ତୁ ଏବଂ ସେଥିରେ ଘିଅ କିମ୍ବା ବଟର ଲଗାଇ ଗ୍ରୀସ୍ କରନ୍ତୁ। ଏଥିରେ କେକ୍ ମିଶ୍ରଣକୁ ଢାଳି ଧୀରେ ଧୀରେ ବାଡ଼େଇ ଦିଅନ୍ତୁ ଯେପରି ମିଶ୍ରଣ ସବୁ ଆଡ଼େ ସମାନ ଭାବେ ରହିବ। ଚୁଲାରେ କଡ଼େଇ ଗରମ କରନ୍ତୁ। ଏହା ଭିତରେ ଏକ ଷ୍ଟାଣ୍ଡ ରଖନ୍ତୁ। ୧୦-୧୫ ମିନିଟ୍ କଡ଼େଇ ଗରମହେବା ପରେ ଭିତରେ ଥିବା ଷ୍ଟାଣ୍ଡ ଉପରେ କେକ୍ କଣ୍ଟେନରକୁ ରଖି କଡ଼େଇକୁ ଘୋଡ଼ାଇ ଦିଅନ୍ତୁ। ୩୦-୩୫ ମିନିଟ୍ ପରେ ଏକ ଛୁରି କିମ୍ବା ଟୁଥ୍ ପ୍ରିକ୍ ସାହାଯ୍ୟରେ କେକ୍‌କୁ ଫୁଟାଇ ଦେଖନ୍ତୁ। ଯଦି ସେଥିରେ ବ୍ୟାଟର ଅଠାଳିଆ ହୋଇ ଲାଗୁନାହିଁ ତେବେ କେକ୍ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯାଇଛି। ଚୁଲାକୁ ବନ୍ଦକରି କେକ୍ ଥଣ୍ଡା ହେବାକୁ ଛାଡ଼ିଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ ଏଗ୍‌ଲେସ୍ କେକ୍। ଏହାକୁ ଛୋଟ ଛୋଟ ପିସ୍ କାଟି ନିଜେ ଖାଇବା ସହ ଅନ୍ୟମାନଙ୍କୁ ଖୁଆଇବାର ନିଅନ୍ତୁ।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୨୬/୨୦୨୫ Bhubaneswar, Tuesday, August 26/ 2025

# ଜୋକୋଭିଚ୍, ସାବାଲେଙ୍କାଙ୍କ ବିଜୟ ଅଭିଯାନ

ନ୍ୟୁୟର୍କ,୨୫।୮

ମହିଳା ସିଙ୍ଗଲ୍ସରେ ୱାର୍ଲ୍ଡ ନଂ-୧ ଆରିନା ସାବାଲେଙ୍କା ଓ ୨୪ ଥରର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ନୋଭାକ ଜୋକୋଭିଚ୍ ବିଜୟ ସହ ଚଳିତ ଟେନିସ୍ ସିଜନର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନରେ ଅଭିଯାନ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ଚାମ୍ପିୟନ ଡାନିଲ ମେଡ୍‌ଭେଡେଭ ପରାଜୟ ସହ ବିଦାୟ ନେଇଛନ୍ତି।

## ୟୁଏସ୍ ଓପନ

ସୋମବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ମ୍ୟାଚ୍‌ରେ ୱାର୍ଲ୍ଡ ନଂ-୭ ଜୋକୋଭିଚ୍ ୬-୧, ୭-୬(୭/୩), ୬-୨ ସେଟ୍‌ରେ ଲର୍ନର ଟିଏନଙ୍କୁ ହରାଇଛନ୍ତି। ୩୦ତମ ସିଡ୍ ବ୍ରାଣ୍ଡନ ନାକାଶିମା ୬-୨, ୬-୭(୫/୭), ୨-୬, ୬-୨, ୭-୬(୧୦-୭) ସେଟ୍‌ରେ ଜେସ୍ପର ଡି ଜଙ୍ଗଙ୍କୁ ଓ ଜୋର୍ଡାନ ଥମ୍ପସନ ୬-୨, ୬-୪, ୧-୬, ୬-୩ ସେଟ୍‌ରେ କୋରେଣ୍ଟିନ ମୌଟେଟଙ୍କୁ ପରାସ୍ତ କରିଛନ୍ତି। ଅନ୍ୟପକ୍ଷରେ ୨୦୨୧ ସଂସ୍କରଣ ଚାମ୍ପିୟନ ମେଡଭେଡେଭ ୩-୬, ୫-୭, ୭-୬(୭/୫), ୬-୦, ୪-୬ ସେଟ୍‌ରେ ବେଞ୍ଜାମିନ ବୋଞ୍ଜିଙ୍କଠାରୁ ପରାସ୍ତ ହୋଇଛନ୍ତି। ମହିଳା ସିଙ୍ଗଲ୍ସରେ ସାବାଲେଙ୍କା ୭-୫, ୬-୧ ସେଟ୍‌ରେ ରେବେକା ମାସାରୋଭାଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତାଙ୍କ ଭଳି ଜେସିକା ପେଗୁଲା ୬-୦, ୬-୪ ସେଟ୍‌ରେ ମେୟର ଶେରିଫଙ୍କୁ, ସପ୍ତମ ସିଡ୍ ଜସ୍ମିନ ପାଓଲିନି ୬-୨, ୭-୬ (୭/୪) ସେଟ୍‌ରେ ଡେଷ୍ଟାନ ଆଇଭାଙ୍କୁ ଓ ବେଲିନ୍ଦା ବେନକିକ୍ ୬-୩, ୬-୩ ସେଟ୍‌ରେ ଝାଙ୍ଗ ଶୁଆଇଙ୍କୁ ହରାଇଛନ୍ତି। ସେହିଭଳି ଜାନାଇସ୍ ଜେନ ୬-୪, ୪-୬, ୬-୪ ସେଟ୍‌ରେ ଭେରୋନିକା କୁଦେମେଟୋଭାଙ୍କୁ ପରାସ୍ତ କରିଛନ୍ତି। ଗତ ୨୨ ବର୍ଷରେ ଇଣ୍ଡୋନେସିଆର ପ୍ରଥମ ଖେଳାଳି ଜାନାଇସ ଭାବେ କୌଣସି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ସିଙ୍ଗଲ୍ସ ବର୍ଗରେ ବିଜୟ ହାସଲ କରିଛନ୍ତି।


ମ୍ୟାଚ୍ ଜିତିବା ପରେ ଆରିନା ସାବାଲେଙ୍କା।

# ୩ ରେକର୍ଡ ସହ ପ୍ରୀତିସ୍ମିତାଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର (ତପନ ସ୍ୱାଇଁ)/ଢେଙ୍କାନାଳ (ରତନ ନାୟାର) ୨୫।୮

ଅହମଦାବାଦଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ (ୟୁଥ୍, ଜୁନିୟର ଓ ସିନିୟର) ଚାମ୍ପିୟନଶିପ୍‌ରେ ସୋମବାର ଚମକପ୍ରଦ ପ୍ରଦର୍ଶନ କରି ରାଜ୍ୟ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଓଡ଼ିଶାର ପ୍ରୀତିସ୍ମିତା ଭୋଇ। କେବଳ ସେତିକି ନୁହେଁ, ସେ ୩ଟି ରାଜ୍ୟଗୋଷ୍ଠୀ ରେକର୍ଡ ସହ ଏହି ସଫଳତା ପାଇ ନିଜ କ୍ୟାରିୟରକୁ ଋଦ୍ଧିମନ୍ତ କରିଛନ୍ତି। ୟୁଥ୍ ବାଳିକା ୪୪ କେଜି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ପ୍ରୀତିସ୍ମିତା ସ୍ନାଚ୍‌ରେ ୬୩, କ୍ଲିନ୍ ଆଣ୍ଡ ଜର୍କରେ ୮୭ ଏହିପରି ମୋଟ ୧୫୦ କେଜି ଉତ୍ତୋଳନ କରି ୩ ରେକର୍ଡର ଅଧିକାରୀ ହୋଇଛନ୍ତି। ପ୍ରୀତିସ୍ମିତା ସମ୍ପ୍ରତି କୋଚ୍ ଗୋପାଳ କୃଷ୍ଣ ଦାସଙ୍କ ତତ୍ତ୍ୱାବଧାନରେ ଢେଙ୍କାନାଳସ୍ଥିତ ହାଇପର୍‌ଫର୍ମାନ୍ସ ସେଣ୍ଟର (ସବ୍ ସେଣ୍ଟର)ରେ କୋଚିଂ ନେଉଛନ୍ତି। ପ୍ରତିଯୋଗିତା ପୂର୍ବରୁ ସେ ଉତ୍ତର ପ୍ରଦେଶ ମୋଦିନଗରରେ ଅନୁଷ୍ଠିତ କୋର୍ କ୍ୟାମ୍ପରେ ଅଭ୍ୟାସ କରିଥିଲେ। ପ୍ରକାଶଯୋଗ୍ୟ ଯେ ଏହି ସମ୍ମାନଜନକ ପ୍ରତିଯୋଗିତାରେ ପ୍ରୀତିସ୍ମିତାଙ୍କ ସମେତ ଓଡ଼ିଶାର ୬ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଅନ୍ୟ ୫ ଭାରୋତ୍ତୋଳନକାରୀ ହେଲେ ଟିଙ୍କି ମୋହିନୀ ମଲିକ (ୟୁଥ୍-୬୩ କେଜି), ମୀନା ସାନ୍ତା (ଜୁନିୟର ୫୮ କେଜି), ବିଦ୍ୟୁସ୍ମିତା ଭୋଇ (ଜୁନିୟର ୬୩ କେଜି), ହୃଦାନନ୍ଦ ଦାସ (ଜୁନିୟର ପୁରୁଷ ୮୮ କେଜି) ଓ ସ୍ନେହା ସୋରେନ (ସିନିୟର ମହିଳା ୫୩ କେଜି)। ଏହି ସମସ୍ତ ଖେଳାଳି ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହାଇପର୍‌ଫର୍ମାନ୍ସ ସେଣ୍ଟରରେ ଟ୍ରେନିଂ ନେଉଛନ୍ତି। ଏହି ସଫଳତା ପାଇଁ ପ୍ରୀତିସ୍ମିତାଙ୍କୁ ରାଜ୍ୟ ଭାରୋତ୍ତୋଳନ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।


ସ୍ୱର୍ଣ୍ଣ ପଦକ ସହ ପ୍ରୀତିସ୍ମିତା ଭୋଇ।

## ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ


ଏସିଆ କପ୍ ଖେଳିବାକୁ ସୋମବାର ବିହାରର ରାଜଗିରିରେ ପହଞ୍ଚିବା ପରେ ଭାରତୀୟ ହକି ଦଳର ତାରକା ଡିଫେଣ୍ଡର ଓଡ଼ିଶାର ଅମିତ ରୋହିଦାସଙ୍କୁ ସ୍ୱାଗତ କରାଯାଉଛି।

# ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଲାଗି କୁଜୁରଙ୍କୁ ଯୋଗ୍ୟତା

**ଭୁବନେଶ୍ୱର,୨୫।୮ (ଅନାଦି କର):** ଓଡ଼ିଶା ଏଚ୍‌ପିସି (ହାଇପରଫର୍ମାନ୍ସ ସେଣ୍ଟର)ର ଅନିମେଶ କୁଜୁର ପ୍ରଥମ ଭାରତୀୟ ପୁରୁଷ ସ୍ପ୍ରିଣ୍ଟର ଭାବେ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ସ ଲାଗି ଯୋଗ୍ୟତା ହାସଲ କରି ଇତିହାସ ରଚିଛନ୍ତି। ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ସ ଆସନ୍ତା ସେପ୍ଟେମ୍ବର ୧୩ରୁ ୨୧ ତାରିଖ ପର୍ଯ୍ୟନ୍ତ ଜାପାନର ଟୋକିଓରେ ହେବ। ଚେନ୍ନାଇର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ୬୪ତମ ଜାତୀୟ ଆନ୍ତଃ-ରାଜ୍ୟ ପ୍ରତିଯୋଗିତାରେ ସେ ୨୦୦ ମିଟର ଦୌଡ଼ରେ ନିଜ ରେକର୍ଡ ଭଙ୍ଗ କରି ଏହି ସଫଳତା ପାଇଛନ୍ତି। ସେ ଏହି ଦୌଡ଼କୁ ସେ ୨୦.୬୩ ସେକେଣ୍ଡରେ ଶେଷ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏଭଳି ପ୍ରଦର୍ଶନ ଯୋଗୁ ସେ ର୍‍ୟାଙ୍କିଙ୍ଗ୍ସ ଜରିଆରେ ଯୋଗ୍ୟତା ହାସଲ କରିଛନ୍ତି।

# ମୀରାବାଈ ଜିତିଲେ ସ୍ୱର୍ଣ୍ଣ ପଦକ


ମୀରାବାଈ ଚାନୁ

ଅହମଦାବାଦ, ୨୫।୮ (ପି.ଟି.)

ଭାରତର ଷ୍ଟାର ଭାରୋତ୍ତୋଳିକା ମୀରାବାଈ ଚାନୁ ରେକର୍ଡଭଙ୍ଗକାରୀ ପ୍ରଦର୍ଶନ ସହ ଏଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍‌ରେ ସୋମବାର ଏକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହା ତାଙ୍କଠାରୁ ଆଶା ମଧ୍ୟ କରାଯାଉଥିଲା। ଟୋକିଓ ଅଲିମ୍ପିକ୍ସ ରୌପ୍ୟ ପଦକ ବିଜେତା ଏଠାରେ ୧୯୩ କେଜି (୮୪କେଜି+୧୦୯କେଜି) ଓଜନ ଉଠାଇ ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍‌ରେ ସ୍ନାଚ୍, କ୍ଲିନ୍ ଆଣ୍ଡ୍ ଜର୍କ ଏବଂ ଟୋଟାଲରେ ନୂଆ ରେକର୍ଡ କରିବା ସହ ମହିଳା ୪୮କେଜି ଶ୍ରେଣୀରେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ୩୧ ବର୍ଷୀୟା ଏହି ଭାରୋତ୍ତୋଳିକା ଏକ ବର୍ଷ ଧରି ଆଘାତ ଜନିତ ସମସ୍ୟାରେ ଥିଲେ। ଏହି ସମୟରେ ଅନ୍ତର୍ଜାତୀୟ ସ୍ତରରେ ତାଙ୍କର ଉତ୍ଥାନ ଓ ପତନ ଦେଖିବାକୁ ମିଳିଥିଲା। ୬ଟିରୁ ସେ ମାତ୍ର ତିନୋଟିରେ ସଫଳତା ଅର୍ଜନ କରିଥିଲେ। ମାଲେସିଆର ଇରିନେ ହେନ୍‌ରୀ ୧୬୧କେଜି (୭୩ କେଜି+୮୮ କେଜି) ଉତ୍ତୋଳନ କରି ରୌପ୍ୟ ଜିତିଥିବାବେଳେ ୱେଲ୍ସର ନିକୋଲ୍ ରବର୍ଟ୍ସ ୧୫୦କେଜି (୭୦କେଜି+୮୦କେଜି) ବ୍ରୋଞ୍ଜ ପଦକ ପାଇଛନ୍ତି। ଏହି ଇଭେଣ୍ଟ ଜରିଆରେ ଚାନୁ ୪୮କେଜି ଶ୍ରେଣୀରେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ଶ୍ରେଣୀରେ ସେ ତାଙ୍କ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ଏବଂ ଦୁଇ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ହାସଲ କରିଛନ୍ତି, କିନ୍ତୁ ୨୦୧୮ପରଠାରୁ ସେ ଏଥିରେ ଭାଗ ନେଇ ନାହାନ୍ତି। ଜୁନିୟର କାଟେଗୋରୀରେ ସୌମ୍ୟା ଡାଲ୍‌ଭି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି।

## ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍

# ନୀରୁଙ୍କୁ ସ୍ୱର୍ଣ୍ଣ: ଆସୀମା, ଭୋନିଶଙ୍କୁ ରୌପ୍ୟ

**ଶିମ୍‌କେଣ୍ଟ, ୨୫।୮ (ପି.ଟି):** ଭାରତର ଜାତୀୟ ଚାମ୍ପିୟନ ନୀରୁ ଧଣ୍ଡା ଏଠାରେ ଚାଲିଥିବା ଏସିଆନ ଶୁଟିଂ ଚାମ୍ପିୟନଶିପ୍ ମହିଳା ଟ୍ରାପ୍ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିବା ବେଳେ ଆସୀମା ଆହ୍ଲାୱତ ଭୋନିଶ ମେଣ୍ଡିରାଟା ରୌପ୍ୟ ପଦକ ହାସଲ କରିବାରେ ସମର୍ଥ ହୋଇଛନ୍ତି। ନୀରୁ ଫାଇନାଲରେ ୪୩ ଶଟ୍ ସହ କାତାରର ବାସିଲ ରେ' (୩୭) ଓ ଆସୀମା (୨୯)ଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପୁରୁଷ ଟ୍ରାପ୍‌ରେ ଭୋନିଶ ୪୫ ଶଟ୍ ସହ ରୌପ୍ୟ ପଦକ ପାଇଥିବାବେଳେ ଚାଇନିଜ ଶୁଟର ୟିଙ୍ଗ୍‌କି (୪୭) ଓ ପେଙ୍ଗ୍‌ୟୁ ଚେନ୍ (୩୫) ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ସୋମବାର ଏହା ପୂର୍ବରୁ ଡବଲ ଅଲିମ୍ପିକ ପଦକ ବିଜେତା ମନୁ ଭାକର ମହିଳା ୨୫ ମିଟର ପିସ୍ତଲ ପ୍ରତିଯୋଗିତାରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ତେବେ ପରେ ଏହି ମହାଦେଶୀୟ ଇଭେଣ୍ଟର ଜୁନିୟର ମହିଳା ବିଭାଗରେ ଭାରତ ଜବରଦସ୍ତ ପ୍ରଦର୍ଶନ କରିଛି। ନୀରୁ, ଆସୀମା ଓ ପ୍ରୀତି ରଜାକ୍ ୩୧୯ ସ୍କୋର ସହ ଚାଇନା ଓ କୁଏଟ୍ ଆଗରେ ମହିଳା ଟ୍ରାପ୍ ଇଭେଣ୍ଟରେ ଟିମ୍ ସ୍ୱର୍ଣ୍ଣ ଜିତିଛନ୍ତି। ସୂଚନାଯୋଗ୍ୟ, ନୀରୁ ଗତ ଜୁଲାଇରେ ଇଟାଲୀର ଲୋନାଟୋଠାରେ ଅନୁଷ୍ଠିତ ଶଟ୍‌ଗନ୍ ବିଶ୍ୱକପ୍‌ରେ ପ୍ରଥମ ଥର ଏକ ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଥିଲେ।

# ମୃତ କ୍ରିକେଟରଙ୍କ ସ୍ତ୍ରୀଙ୍କୁ ବିସିସିଆଇଠାରୁ ୧ ଲକ୍ଷ ମିଳିବ

**ବେଙ୍ଗାଲୁରୁ,୨୫।୮(ପି.ଟି.):** ବିସିସିଆଇର ମଞ୍ଜୁରୀ ପାଇବା ପରେ ଭାରତୀୟ କ୍ରିକେଟର ମହାସଂଘ (ଆଇସିଏ) ମୃତ କ୍ରିକେଟରଙ୍କ ପତ୍ନୀଙ୍କୁ ଏକକାଳୀନ ୧ ଲକ୍ଷ ଟଙ୍କା ପ୍ରଦାନ କରିବାର ବ୍ୟବସ୍ଥା ଲାଗୁ କରିବାକୁ ଯାଉଛି। କ୍ରିକେଟରଙ୍କ ମୃତ୍ୟୁ ବେଳେ ତାଙ୍କ ଅବଦାନର ସମ୍ମାନରେ ଏବଂ ଆର୍ଥିକ ସହାୟତା ପ୍ରଦାନ କରିବା ଏହି ଯୋଜନାର ଲକ୍ଷ୍ୟ। ଏହାର ଫାଇଦା କେବଳ ମୃତ ଆଇସିଏ ସଦସ୍ୟଙ୍କ ସ୍ତ୍ରୀଙ୍କୁ ମିଳିବ। କ୍ରିକେଟରଙ୍କ କ୍ୟାରିୟର ଶେଷ ହେବା ପରେ ଦରକାର ସମୟରେ ତାଙ୍କ ପରିବାରକୁ ସମର୍ଥନ କରିବା ପ୍ରତି ଆଇସିଏର ପ୍ରତିବଦ୍ଧତାକୁ ଏହି ଯୋଜନା ଦର୍ଶାଉଛି। ପ୍ରାରମ୍ଭିକ ଭାବେ ୫୦ ହିତାଧିକାରୀଙ୍କୁ ଏହାର ଲାଭ ମିଳିବ।

# ଡିଏଭି ପୋଖରୀପୁଟ, ଓଡିଏମ୍ ଗ୍ଲୋବାଲ ସେମିରେ

ଭୁବନେଶ୍ୱର, ୨୫।୮ (ତପନ ସ୍ୱାଇଁ)

ୟୁନିଟ-୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ୩୪ତମ ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟର ୨ଟି କ୍ୱାର୍ଟର ଫାଇନାଲ ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ବିଜୟୀ ହୋଇ ଡିଏଭି ପୋଖରୀପୁଟ ଓ ଓଡିଏମ୍ ଗ୍ଲୋବାଲ ସେମିଫାଇନାଲରେ ପ୍ରବେଶ କରିଛି। ତୀବ୍ର ସଂଘର୍ଷପୂର୍ଣ୍ଣ ପ୍ରଥମ କ୍ୱାର୍ଟର ଫାଇନାଲରେ ଡିଏଭି ପୋଖରୀପୁଟ ପେନାଲ୍‌ଟି ଶୁଟ୍‌ଆଉଟ ୟୁନିଟ-୧ ଜିଏଚ୍‌ଏସ୍‌କୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ବରାବର ରହିଥିଲା। ପ୍ରଭାବୀ ପ୍ରଦର୍ଶନ ପାଇଁ ବିଜୟୀ ଦଳର ଅପରମିତ ପ୍ରଧାନଙ୍କୁ ଅତିଥି ଗୌରୀ ପ୍ରହରାଜ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଓଡିଏମ ଗ୍ଲୋବାଲ ୩-୦ ଗୋଲରେ ସାଇ ଇଣ୍ଟରନ୍ୟାଶନାଲକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ସରିଜଲ କିସ୍କୁ ଏକାକୀ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ସରିଜଲଙ୍କୁ ଅତିଥି ମଧୁସୂଦନ ରେଡ୍ଡୀ ଶ୍ରେଷ୍ଠ ଖେଳାଳି ପୁରସ୍କାର ଦେଇଥିଲେ। ମଙ୍ଗଳବାର ଅନ୍ୟ ୨ଟି କ୍ୱାର୍ଟର ଫାଇନାଲରେ କିସ୍ ସହିତ ବିଜେଇଏମ୍ ସ୍କୁଲ ଏବଂ ମଦର୍ସ ସହ ବିକାଶ ରେସିଡେନ୍ସିଆଲ ସ୍କୁଲର ମୁକାବିଲା ହେବ।

## ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ

# ରେସ୍‌ଲର ନେହା ୨ବର୍ଷ ସସ୍‌ପେଣ୍ଡ

**ନୂଆଦିଲ୍ଲୀ, ୨୫।୮ (ପି.ଟି.):** ଅଧିକ ଓଜନ ପାଇଁ ରେସଲର ନେହା ସାଙ୍ଗୱାନ ନିକଟରେ ୨୦ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନଶିପ୍‌ରୁ ଅଯୋଗ୍ୟ ଘୋଷିତ ହୋଇଥିଲେ। ଏବେ ଓଜନଗତ ପରିଚାଳନା ସମସ୍ୟା ପାଇଁ ଖେଳର ଜାତୀୟ ମହାସଂଘ ତାଙ୍କୁ ସୋମବାର ସିନିୟର ବିଶ୍ୱ ଚାମ୍ପିୟନଶିପ୍‌ରୁ ବାଦ୍ ଦେବା ସହ ଦୁଇ ବର୍ଷ ପାଇଁ ସସ୍‌ପେଣ୍ଡ କରିଛି। ନେହାଙ୍କ ଘର ହେଉଛି ହରିୟାଣାର ଚରଖି ଦାଦ୍ରିରେ। ଗତ ସପ୍ତାହରେ ସେ ବୁଲ୍‌ଗେରିଆର ସାମୋକୋଭଠାରେ ମହିଳା ୫୯କେଜି ଶ୍ରେଣୀରେ ଭାଗ ନେଇଥାନ୍ତେ। ମାତ୍ର ତାଙ୍କ ଓଜନ ଅନୁମତି ସୀମାଠାରୁ ୬୦୦ ଗ୍ରାମ୍ ଅଧିକ ରହିଥିଲା। ଆୟୋଜକଗଣ ତାଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ। ଇଭେଣ୍ଟରେ ଭାରତର ମହିଳା ଦଳ ୭ପଦକ ସହ ଜାପାନ ପଛରେ ଦ୍ୱିତୀୟ ସ୍ଥାନ ସହ ରନରଅପ୍ ହୋଇଛି। ନେହା ନିଃସନ୍ଦେହରେ ଥିଲେ ଜଣେ ଦୃଢ଼ ପଦକ ଦାବିଦାର। ସେ ସ୍ୱର୍ଣ୍ଣ ପାଇଥିଲେ ଭାରତ ନିଶ୍ଚିତ ରୂପେ ଟିମ୍ ଚାମ୍ପିୟନଶିପ୍ ଜିତିପାରିଥାନ୍ତା।

# ନୂଆ ସ୍ପନସର ଖୋଜା ଆରମ୍ଭକଲା ବିସିସିଆଇ

ନୂଆଦିଲ୍ଲୀ,୨୫।୮(ପି.ଟି.)

ଫାଣ୍ଟାସି ସ୍ପୋର୍ଟ୍ସ କମ୍ପାନୀ ଡ୍ରିମ ୧୧ ସହିତ ହୋଇଥିବା ସ୍ପନ୍‌ସରଶିପ୍ ଚୁକ୍ତିକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସୋମବାର ବାତିଲ କରିଦେଇଛି। ଏଥିଯୋଗୁ ନୂଆ ସ୍ପନସର ଖୋଜା ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ମାସରେ ହେବାକୁ ଥିବା ଏସିଆ କପ୍‌ରେ ଟିମ ଇଣ୍ଡିଆ ବିନା ସ୍ପନ୍‌ସରରେ ଖେଳିବ। ନିକଟରେ ସଂସଦରେ ପାରିତ ହୋଇଥିବା 'ପ୍ରମୋଶନ ଆଣ୍ଡ୍ ରେଗୁଲେଶନ ଅଫ୍ ଅନ୍‌ଲାଇନ୍ ଗେମିଂ' ଆଇନ ଅଧୀନରେ ଭାରତ ସରକାର ରିୟଲ ମନି ଗେମିଂକୁ ବ୍ୟାନ କରିଥିବାରୁ ବିସିସିଆଇ ଭାରତୀୟ କ୍ରିକେଟ୍ ଦଳର ଟାଇଟଲ ସ୍ପନସର ଭାବେ ଡ୍ରିମ୍‌୧୧କୁ ଜାରି ନ ରଖିବାକୁ ନିଷ୍ପତ୍ତି ନେଇଛି। ଡ୍ରିମ୍‌୧୧ ସହ ଚୁକ୍ତି ଶେଷ ହୋଇଥିବା ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ସ୍ପଷ୍ଟ କରିଛନ୍ତି। ''ଆମ ଆଭିମୁଖ୍ୟ ପୂରା ସ୍ପଷ୍ଟ। ସରକାରଙ୍କ ଗାଇଡ୍‌ଲାଇନ କାରଣରୁ ବିସିସିଆଇ ଡ୍ରିମ୍‌୧୧ ଏବଂ ଏହା ଭଳି ଗେମିଂ କମ୍ପାନୀ ସହ ସ୍ପନସରଶିପ୍ ସମ୍ପର୍କ ରଖିପାରିବ ନାହିଁ। ନୂଆ କଟକଣା ଆଧାରରେ ଡ୍ରିମ୍‌୧୧ ସହିତ ଆମର କୌଣସି ସମ୍ଭାବନା ନାହିଁ। ଏଣୁ ଆମେ ସେମାନଙ୍କ ସହ ରହିପାରିବୁ ନାହିଁ ଏବଂ ଆମେ କିଛି ବିକଳ୍ପ ଖୋଜିବାକୁ ଚେଷ୍ଟା କରୁଛୁ। ଏହି ପ୍ରକ୍ରିୟା ଚାଲିଛି। ବର୍ତ୍ତମାନ ସ୍ପନସରଶିପ ସ୍ଥାନ ଖାଲି ରହିଛି। ଏ କ୍ଷେତ୍ରରେ କିଛି ଅପଡେଟ୍ ହେଲେ ଆମେ ଜଣାଇବୁ'' ବୋଲି ସାଇକିଆ କହିଛନ୍ତି। ୨୦୨୩ରେ ୩୫୮ କୋଟି ଟଙ୍କାରେ ଡ୍ରିମ୍‌୧୧ ଭାରତୀୟ ଜାତୀୟ ଦଳର ସ୍ପନସରଶିପ୍ ୩ ବର୍ଷ ଲାଗି ହାସଲ କରିଥିଲା।

# ଓଡ଼ିଶା ଦଳର ପ୍ରଶିକ୍ଷଣ ଶିବିର ଆରମ୍ଭ

ଭୁବନେଶ୍ୱର, ୨୫।୮ (ତପନ ସ୍ୱାଇଁ)

ଉତ୍ତରାଖଣ୍ଡର ହଳଦ୍ୱାନିସ୍ଥିତ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ୨୦ତମ କ୍ୟାଡେଟ (୧୭ ବର୍ଷରୁ କମ୍) ଜାତୀୟ ଅଶିଚାଳନା ପ୍ରତିଯୋଗିତା ସେପ୍ଟେମ୍ବର ୮ରୁ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏନେଇ ସୋମବାର ବଲାଙ୍ଗୀର ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଫେନ୍‌ସିଂ ହଲରେ ଓଡ଼ିଶା ଦଳର ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ରାଜ୍ୟ କ୍ରୀଡ଼ା ବିଭାଗ ସହଯୋଗରେ ଆୟୋଜିତ ଏହି ଶିବିର ୧୦ ଦିନ ଧରି ଚାଲିବ। ଏଥିରେ ମୋଟ ୩୦ ଜଣ ଖେଳାଳି ଭାଗ ନେଇଛନ୍ତି। ରାଜ୍ୟ ଅଶିଚାଳନା ସଂଘ ପକ୍ଷରୁ ଆୟୋଜିତ ଏହି ଶିବିରରେ ଯେଉଁ ଖେଳାଳିମାନେ ଭଲ ଖେଳ ପ୍ରଦର୍ଶ କରିବେ ସେମାନଙ୍କ ମଧ୍ୟରୁ ବାଳକ ବର୍ଗରୁ ୧୨ ଏବଂ ବାଳିକା ବର୍ଗରୁ ୧୨ ଜଣ ଖେଳାଳିଙ୍କୁ ଜାତୀୟ ପ୍ରତିଯୋଗିତା ପାଇଁ ଚୟନ କରାଯିବ ବୋଲି ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି। ବଲାଙ୍ଗୀର ଉପ ଜିଲ୍ଲାପାଳ ଆଲୋକ କୁମାର ପଟେଲ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ବଲାଙ୍ଗୀର ସ୍ପୋର୍ଟ୍ସ ହଷ୍ଟେଲ ଅଶିଚାଳନା କୋଚ ଅନ୍ୱେଷା ରାଉତ, ରୋଶନ ସାହୁ, ଜ୍ୟୋତି ରଞ୍ଜନ ଠାକୁର, ସୁଭଦ୍ରା ବେହେରା, ଭୁବନେଶ୍ୱର ଫେନ୍‌ସିଂ ଏକାଡେମୀ କୋଚ ସୁକାନ୍ତ ସେଠ ଏବଂ କ୍ରୀଡ଼ା ଶିକ୍ଷକ ବୁଦ୍ଧିରାଜ ବିଶ୍ୱାଲ, ବୀରେନ୍ଦ୍ର ସୁନା, ସସ୍ମିତା ଗଡତିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ୧୭ ବର୍ଷରୁ କମ୍ ଅଶିଚାଳନା


ପ୍ରଶିକ୍ଷଣ ଶିବିରରେ ଅଭ୍ୟାସ ଅବସରରେ ଦୁଇ ଅଶିଚାଳକ।



ପଞ୍ଜାବର ଜଳନ୍ଧରରେ ଅନୁଷ୍ଠିତ ଜାତୀୟ ଜୁନିୟର ହକିରେ ରୌପ୍ୟ ପଦକ ବିଜୟୀ ଓଡ଼ିଶା ଦଳକୁ ସୋମବାର କଳିଙ୍ଗ ଷ୍ଟାଡିୟମ ପରିସରରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମ୍ବର୍ଦ୍ଧିତ କରିଛନ୍ତି। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ରାଜ୍ୟ କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ୟେଦୁଲା ବିଜୟ, ଓଡ଼ିଶା ହକି ପ୍ରମୋଶନ କାଉନ୍ସିଲ ସିଇଓ ଦୀପଙ୍କର ମହାପାତ୍ର ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ